# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ବୁଧବାର, ମେ ୨୮/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, May 28/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୧୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 182 | ମୂଲ୍ୟ ₹୭/-




## ଗୁଲ୍‌ବୀରଙ୍କୁ ସ୍ୱର୍ଣ୍ଣ


ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୧୦,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି ଭାରତର ଗୁଲ୍‌ବୀର ସିଂ।

୧୪

୦୨

## ଜୁନ୍ ୬ରେ 'ହାଉସ୍‌ଫୁଲ ୫'

ଅଭିନେତା ଅକ୍ଷୟ କୁମାରଙ୍କ କମେଡି ଥ୍ରିଲର ଫିଲ୍ମ 'ହାଉସ୍‌ଫୁଲ ୫'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି।



# ଭୁବନେଶ୍ୱରରେ ୧୦ଲକ୍ଷରେ ମିଳିବ ଘର

ଭୁବନେଶ୍ୱର, ୨୭।୫
(ରବିନାରାୟଣ ଜେନା)

ରାଜଧାନୀ ଭୁବନେଶ୍ୱରରେ ଏବେ ଜମି ଅମୂଲ ମୂଲ। ଏଠାରେ ଜମି କିଣି ଘର ତିଆରି କରିବା ପାଇଁ ବିପୁଳ ଅର୍ଥ ଆବଶ୍ୟକ, ଯାହା ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଏବଂ ଗରିବଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି। ସେହିପରି ଆପାର୍ଟମେଣ୍ଟର ଗୋଟିଏ ଫ୍ଲାଟ୍ ମୂଲ୍ୟ କୋଟିଏ ଛୁଇଁଲାଣି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଲୋକଙ୍କୁ କମ୍ ମୂଲ୍ୟରେ ଘର ଯୋଗାଇବା ପାଇଁ ନଗର ଉନ୍ନୟନ ବିଭାଗ ଗୁରୁତ୍ୱ ଦେଉଛି। ତଦନୁଯାୟୀ ସର୍ବନିମ୍ନ ୧୦ ଲକ୍ଷ ଟଙ୍କାରେ ଲୋକଙ୍କୁ ଘର ଖଣ୍ଡିଏ ଯୋଗାଇଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ୧ କୋଟି ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଘର ଉପଲବ୍ଧ ରହିବ, ଯାହାକୁ ଲୋକେ ସାମର୍ଥ୍ୟ ଅନୁଯାୟୀ କିଣିପାରିବେ। ଏନେଇ ନିକଟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ପ୍ରାଥମିକ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକର ସୂଚନା ଅନୁଯାୟୀ, ରାଜ୍ୟର ବହୁ ଲୋକଙ୍କ ଇଚ୍ଛା ରାଜଧାନୀରେ ଘର ଖଣ୍ଡିଏ ପାଇବା। କମ୍ ମୂଲ୍ୟରେ କିଭଳି ଘର ପାଇବେ ସେଥିପାଇଁ ସରକାରଙ୍କ ପକ୍ଷରୁ ଉତ୍କଳ ହସ୍ପିଟାଲ ନିକଟସ୍ଥ ଅଞ୍ଚଳରେ ନିଜସ୍ୱ ପ୍ରକଳ୍ପ କରାଯିବ। ଏହାସହିତ କେତେକ ଆବାସ ନିର୍ମାଣକାରୀ ସଂସ୍ଥା ସହିତ ମିଶି ସରକାରଙ୍କ ପକ୍ଷରୁ ପ୍ରକଳ୍ପ ନିର୍ମାଣ କରାଯିବାକୁ ଯୋଜନା ରହିଛି, ଯେଉଁଥିରେ ସରକାର ଘରୋଇ ସହଭାଗିତା (ପିପିପି) ମୋଡ୍‌ରେ ୬୦:୪୦ ପ୍ରତିଶତରେ ପ୍ରକଳ୍ପ ନିର୍ମାଣ କରାଯିବ। ଏହାଦ୍ୱାରା ପର୍ଯ୍ୟାୟକ୍ରମେ ରାଜଧାନୀରେ ରହିବାକୁ ଚାହୁଁଥିବା ନିମ୍ନ ଆୟକାରୀ ଲୋକଙ୍କ ଆଶା ପୂରଣ ହୋଇପାରିବ। ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭାଗୀୟ ଅତିରିକ୍ତ ସଚିବ ଦେବାଶିଷ ସିଂହ ଏବଂ ଅର୍ଥପରାମର୍ଶଦାତା ଶିଖା ବିଶାଳ ଫିଲିପାଇନ୍ସର ମାନିଲା ଗସ୍ତ କରିଛନ୍ତି। ସେଠାରେ 'ଆଫୋର୍ଡେବୁଲ ହାଉସ' ପ୍ରକଳ୍ପ ଉପରେ ବିସ୍ତୃତ ଆଲୋଚନା କରାଯିବାକୁ ରହିଛି। ମାନିଲାରେ ମେ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ସେମିନାରରେ କିଭଳି ସହରାଞ୍ଚଳବାସୀଙ୍କୁ 'ଆଫୋର୍ଡେବୁଲ ହାଉସ' ଯୋଗାଇବାରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ତା' ଉପରେ ତଥ୍ୟ ଉପସ୍ଥାପନ କରାଯିବ। ଏହାସହିତ ସେଠାରେ ଯଦି କୌଣସି ଭଲ ପ୍ରକଳ୍ପ ଉପରେ ଆଲୋଚନା ହେବ ତା' ଉପରେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାର ଗୁରୁତ୍ୱ ଦେବେ ବୋଲି ଦେବାଶିଷ ସିଂହ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ରାଜଧାନୀ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ସ୍ଥାନରେ କମ୍ ମୂଲ୍ୟର ଆବାସ ପ୍ରକଳ୍ପ କରିବା ପାଇଁ ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ଉତ୍କଳ ହସ୍ପିଟାଲ ପାଖରେ ସରକାରଙ୍କ ପକ୍ଷରୁ ଏବଂ ଉତ୍କଳ ହାଇଟ୍ସ ନିକଟରେ ଏକ ଘରୋଇ ପ୍ରକଳ୍ପ ସହାୟତାରେ ୧୦ଲକ୍ଷରୁ ୧୧ଲକ୍ଷ ଟଙ୍କା ମଧ୍ୟରେ ଗରିବ ଶ୍ରେଣୀର ଲୋକଙ୍କୁ ଘର ଯୋଗାଇବାକୁ ଯୋଜନା ରହିଛି। ଏହାପରେ ଆଉ ୨ଟି ଆବାସ ପ୍ରକଳ୍ପ ନିର୍ମାଣ କରାଯିବ। ମାତ୍ର ଏହା ଉପରେ ବିଶେଷ ତଥ୍ୟ ଦେଲେ ସ୍ଥାନୀୟ ଅଞ୍ଚଳରେ ଜମିର ଦର ବୃଦ୍ଧିହେବା ସମ୍ଭାବନା ଥିବାରୁ ଏହାର ତଥ୍ୟ ସରକାରଙ୍କ ପକ୍ଷରୁ ପରେ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।





ସମୁଦ୍ର ଉଚ୍ଚ ଜୁଆର ପ୍ରଭାବରେ ମୁମ୍ବାଇ ବାନ୍ଦ୍ରା ଅଞ୍ଚଳର ଏକ ବସ୍ତିକୁ ମଙ୍ଗଳବାର ପାଣି ମାଡ଼ିଆସିଛି।

# ବିଦେଶୀ ପାଣ୍ଠି: ଏନ୍‌ଜିଓକୁ ଖବର ପ୍ରକାଶନ ମନା

## ଏଫ୍‌ସିଆର୍‌ଏକୁ କଡ଼ାକଡ଼ି କଲା କେନ୍ଦ୍ର

**କେନ୍ଦ୍ର ସରକାର ଫରେନ୍ କଣ୍ଟ୍ରିବ୍ୟୁଶନ୍ ରେଗୁଲେଶନ୍ ଆକ୍ଟ (ଏଫ୍‌ସିଆର୍‌ଏ)କୁ କଡ଼ାକଡ଼ି କରିବାକୁ ଯାଇ ବେସରକାରୀ ସଙ୍ଗଠନ (ଏନ୍‌ଜିଓ)ଗୁଡ଼ିକ ଉପରେ ଲଗାମ କଷିଛନ୍ତି। ତଦନୁସାରେ ଭାରତରେ ବିଦେଶୀ ଅନୁଦାନ ଗ୍ରହଣ କରୁଥିବା ଏନ୍‌ଜିଓ କୌଣସି ପ୍ରକାର ଖବର କିମ୍ବା ନ୍ୟୁଜ୍‌ଲେଟର ପ୍ରକାଶ କରିପାରିବେ ନାହିଁ। ଏଭଳି ଏନ୍‌ଜିଓଗୁଡ଼ିକ ବିଦେଶୀ ପାଣ୍ଠି ପାଇବାକୁ ହେଲେ ନନ୍-ନ୍ୟୁଜ୍ ପବ୍ଲିକେଶନ୍ ଷ୍ଟାଟସ୍ ନେଇ (ଖବର ପ୍ରକାଶ କରୁନାହୁଁ ବୋଲି) ଲିଖିତ ଭାବେ ରେଜିଷ୍ଟ୍ରାର ଅଫ୍ ନ୍ୟୁଜ୍‌ପେପର୍ସ ଫର୍ ଇଣ୍ଡିଆ (ଆର୍‌ଏନ୍‌ଆଇ)ଙ୍କୁ ଜଣାଇବା ସହ ଏସମ୍ପର୍କିତ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ କରାଯାଇଛି। ଏଥିସହ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଗାଇଡ୍‌ଲାଇନ୍ ଅନୁପାଳନ ଏବଂ ନିଜ ଆର୍ଥିକ କାରବାରର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ। ଏନ୍‌ଜିଓଗୁଡ଼ିକ ପାଇଁ ପାଣ୍ଠି ଯୋଗାଣକାରୀଙ୍କ ଅନୁଦାନପତ୍ର ଦାଖଲକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। କେବଳ ଏକ ସ୍ପଷ୍ଟ ସାଂସ୍କୃତିକ, ଶୈକ୍ଷିକ କିମ୍ବା ସାମାଜିକ ମିଶନ ହିଁ ପାଣ୍ଠି ଗ୍ରହଣ କରିପାରିବ ବୋଲି ସରକାରଙ୍କ ନୂଆ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି।**

ନୂଆଦିଲ୍ଲୀ,୨୭।୫(ପି.ଟି.)

ଦେଶର ଏନ୍‌ଜିଓଗୁଡ଼ିକ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ନୂଆ ବିଜ୍ଞପ୍ତି ଜାରି କରାଯାଇଛି। ତଦନୁସାରେ ଏଫ୍‌ସିଆର୍‌ଏ ଅଧୀନରେ ପଞ୍ଜୀକରଣ ଆବେଦନ କରିବାକୁ ଚାହୁଁଥିବା ଏନ୍‌ଜିଓଗୁଡ଼ିକୁ ନୂଆ ନିୟମାବଳୀ ମାନି ଚଳିବାକୁ ପଡ଼ିବ। ଉକ୍ତ ନୋଟିଫିକେଶନ୍‌ରେ ଉଲ୍ଲେଖ କରାଯାଇଛି ଯେ ଏଫ୍‌ସିଆର୍‌ଏ ନିୟମରେ ଅଣାଯାଇଥିବା ସଂଶୋଧନ ଅନୁଯାୟୀ ବିଦେଶୀ ପାଣ୍ଠି ହାସଲ ଲାଗି ଅନୁମତି ଚାହୁଁଥିବା ଏନ୍‌ଜିଓଗୁଡ଼ିକୁ ଟେରର ଫଣ୍ଡିଂ ଏବଂ ମନିଲଣ୍ଡରିଂ ସମ୍ପର୍କିତ ଜଗୁଆଳି ସଂସ୍ଥା ଏଫ୍‌ଏଟିଏଫ୍‌ର ଗୁଡ୍ ପ୍ରାକ୍ଟିସ୍ ଗାଇଡ୍‌ଲାଇନ୍ସ ମାନି ଚଳିବା ନେଇ ଲିଖିତ ଭାବେ ଏକ ଅଙ୍ଗୀକାରପତ୍ର ଦାଖଲ କରିବାକୁ ପଡ଼ିବ। ଯେଉଁ ସଂସ୍ଥା ବା ଏନ୍‌ଜିଓ ପଞ୍ଜୀକରଣ ପାଇଁ ଆବେଦନ କରିବେ, ସେଗୁଡ଼ିକ ନିଜ ଆବେଦନପତ୍ରରେ ଅନ୍ୟୁନ ୩ ବର୍ଷର ଫାଇନାନ୍ସିଆଲ ଷ୍ଟେଟ୍‌ମେଣ୍ଟ ଓ ଅଡିଟ୍ ରିପୋର୍ଟ ଦାଖଲ କରିବେ। ସେଥିରେ ସମ୍ପୃକ୍ତ ଏନ୍‌ଜିଓର ସମ୍ପତ୍ତି, ଋଣ, ଗ୍ରହଣ କରିଥିବା ପାଣ୍ଠିର ରସିଦ, ଦେୟ ବିବରଣୀ ଏବଂ ଆୟବ୍ୟୟ ଆକାଉଣ୍ଟ ତଥ୍ୟ ମଧ୍ୟ ରହିବ। ଅଡିଟ୍ ରିପୋର୍ଟ ଓ ଫାଇନାନ୍ସିଆଲ ଷ୍ଟେଟ୍‌ମେଣ୍ଟରେ କାର୍ଯ୍ୟକଳାପ ଅନୁସାରେ ଗତ ୩ ବର୍ଷର ଏକ୍ସପେଣ୍ଡିଚର ରହି ନ ଥିଲେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ପ୍ରମାଣପତ୍ର ଆଣିବାକୁ ପଡ଼ିବ। ସମ୍ପୃକ୍ତ ସଂସ୍ଥା ଦ୍ୱାରା ଖର୍ଚ୍ଚ କରାଯାଇଥିବା ଅର୍ଥ ଏହାର ଆୟବ୍ୟୟ ଅନୁରୂପ ବୋଲି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସେଥିରେ ଉଲ୍ଲେଖ କରିବେ।

କୌଣସି ସଂଘ କିମ୍ବା ଏନ୍‌ଜିଓ ପ୍ରକାଶନ ସମ୍ପର୍କିତ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ ଅଥବା ଏହାର ମେମୋରାଣ୍ଡମ୍ ଅଫ୍ ଆସୋସିଏଶନ୍/ଟ୍ରଷ୍ଟ ଡିଡ୍‌ରେ ଖବର ପ୍ରକାଶ କରିବା ନେଇ ଉଦ୍ଦେଶ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲେ ସମ୍ପୃକ୍ତ ସଂସ୍ଥାର ମୁଖ୍ୟଙ୍କୁ ଏଫ୍‌ସିଆର୍‌ଏ-୨୦୧୦ର ଅନୁପାଳନ କରାଯିବା ନେଇ ଅଣ୍ଡରଟେକିଂ ଦେବାକୁ ପଡ଼ିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆହୁରି କହିଛି ଯେ, ଯଦି ସମ୍ପୃକ୍ତ ସଂସ୍ଥା ଆର୍‌ଏନ୍‌ଆଇରେ ପଞ୍ଜୀକୃତ ହୋଇଛି ତେବେ ତାକୁ ଆର୍‌ଏନ୍‌ଆଇଠାରୁ 'ନଟ୍ ଏ ନ୍ୟୁଜ୍‌ପେପର' ସାର୍ଟିଫିକେଟ୍ ଆଣି ଦାଖଲ କରିବାକୁ ପଡ଼ିବ। ଯଦି ଏନ୍‌ଜିଓ ପୂର୍ବରୁ ଏଫ୍‌ସିଆର୍‌ଏ ଅଧୀନରେ ପଞ୍ଜୀକୃତ ହୋଇଥିଲା, ତେବେ ଏହାକୁ ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ୍ ଅବଧି ଶେଷ କିମ୍ବା ରଦ୍ଦ ହେବା ପରେ ମିଳିଥିବା ଓ ବିନିଯୋଗ କରାଯାଇଥିବା ବିଦେଶୀ ପାଣ୍ଠି ସମ୍ପର୍କିତ ବିବରଣୀ ନେଇ ଏକ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଯଦି ଏନ୍‌ଜିଓର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ତମ୍ଭରେ ଗତ ୩ ବର୍ଷର ବ୍ୟୟ ୧୫ ଲକ୍ଷ ଟଙ୍କାରୁ କମ୍ ରହିଥିବ, ତେବେ ପୁଞ୍ଜି ଅନ୍ତର୍ଭୁକ୍ତୀକରଣ ଉପରେ ସତ୍ୟପାଠ ଦେବାକୁ ପଡ଼ିବ ବୋଲି ଉକ୍ତ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି। ସେହିପରି ଏନ୍‌ଜିଓର ପ୍ରଶାସନିକ ଖର୍ଚ୍ଚକୁ ମଧ୍ୟ ବିଦେଶୀ ପାଣ୍ଠିର ୨୦% ଭିତରେ ସୀମିତ ରଖିବାକୁ ପଡ଼ିବ। ବିଦେଶୀ ସଂସ୍ଥା ଓ ସରକାରଠାରୁ ଅନୁଦାନ ଲାଭ କରି ଭାରତରେ ଦେଶବିରୋଧୀ କାର୍ଯ୍ୟରେ ନିୟୋଜିତ ଏନ୍‌ଜିଓଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ପାଇଁ ଏଫ୍‌ସିଆର୍‌ଏ ନିୟମରେ ଏପରି ସଂଶୋଧନ ଅଣାଯାଇଥିବା କୁହାଯାଉଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ୨୦ କୋଟିର ଋଣବୋଝ: ୭ ଜଣଙ୍କ ଆତ୍ମହତ୍ୟା

ଚଣ୍ଡିଗଡ଼,୨୭।୫

ହରିୟାଣାର ପଞ୍ଚକୁଲାରେ ରହୁଥିବା ଗୋଟିଏ ପରିବାରର ୭ ସଦସ୍ୟ ଆର୍ଥିକ ବୋଝ ସହି ନ ପାରି ଏକ କାର୍ ଭିତରେ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ୩ ପିଲାଙ୍କ ସମେତ ୬ ଜଣଙ୍କ ମୃତଦେହ କାର ଭିତରୁ ଜବତ କରାଯାଇଥିବାବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଉଥିବାବେଳେ ସେ ଆଖି ବୁଜି ଦେଇଥିଲେ। ପୋଲିସ ଏହାକୁ ଏକ ଆତ୍ମହତ୍ୟା ମାମଲା ବୋଲି ସନ୍ଦେହ କରୁଥିବାବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

ପଞ୍ଚକୁଲାର ସେକ୍ଟର ୨୭ସ୍ଥିତ ଆବାସିକ ଅଞ୍ଚଳରେ ସୋମବାର ରାତିରେ ରାସ୍ତାକଡ଼ରେ ଲୋକେ ଡେରାଡୁନ୍ ନମ୍ବର ପ୍ଲେଟ୍ ଥିବା ଏକ କାର୍‌କୁ ଦେଖିଥିଲେ। ଏପରି କି ସେମାନେ ଶେଷରେ ଜୀବନ ଯାଇଥିବା ପରିବାର ସଦସ୍ୟମାନଙ୍କ ସହ ମଧ୍ୟ କଥା ହୋଇଥିଲେ।

### ଏକ କାର୍, ଏକ ପରିବାର





ପୋଲିସ ପ୍ରବୀଣ ମିତ୍ତଲ(୪୧), ତାଙ୍କ ସ୍ତ୍ରୀ, ସେମାନଙ୍କ ୩ ନାବାଳିକ ପିଲା ଓ ମା'ବାପାଙ୍କୁ ଚିହ୍ନଟ କରିଛି। ୩ ପିଲାଙ୍କ ମଧ୍ୟରେ ୨ ଜଣ ଯାଆଁଳା ଝିଅ ରହିଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରବୀଣଙ୍କ ଉପରେ ପ୍ରାୟ ୨୦ କୋଟି ଟଙ୍କାର ଋଣ ଥିଲା। ପ୍ରବୀଣ ଏନେଇ ନିଜ ସମ୍ପର୍କୀୟମାନଙ୍କୁ ଜଣାଇଥିଲେ। ତେବେ ଋଣ ବୋଝ ସହି ନ ପାରି ସେମାନେ ସାମୂହିକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କାରରୁ ଏକ ସୁଇସାଇଡ୍ ନୋଟ୍ ଜବତ ହୋଇଛି। ପ୍ରବୀଣଙ୍କ ସହ ୫ ଦିନ ତଳେ କଥା ହୋଇଥିବା ତାଙ୍କ ସମ୍ପର୍କୀୟ ଭାଇ ସନ୍ଦୀପ ଅଗରୱାଲ ସେମାନଙ୍କ ଶେଷକୃତ୍ୟ ସମ୍ପନ୍ନ କରିବେ ବୋଲି ସେଥିରେ ଉଲ୍ଲେଖ କରାଯାଇଛି।

ପ୍ରବୀଣ କିଛି ବର୍ଷ ପୂର୍ବେ ହିମାଚଳ ପ୍ରଦେଶର ବଦ୍ଦିରେ ଏକ ସ୍କ୍ରାପ୍ ଫ୍ୟାକ୍ଟ୍ରି ଖୋଲିଥିଲେ। ☞ପୃଷ୍ଠା-୪

# ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା: ଆଇଏମ୍‌ଡି

ନୂଆଦିଲ୍ଲୀ,୨୭।୫(ପି.ଟି.)

ଭାରତରେ ଜୁନ୍ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ସମ୍ଭାବନା ରହିଛି। ଏହି ଅବଧିରେ ଦୀର୍ଘକାଳୀନ ହାରାହାରି ବର୍ଷା ତୁଳନାରେ ୮% ଅଧିକ ବର୍ଷା ରେକର୍ଡ ହୋଇପାରେ ବୋଲି ଆଇଏମ୍‌ଡି କହିଛି। ସେହିପରି ଚଳିତ ବର୍ଷର ସମ୍ପୂର୍ଣ୍ଣ ମୌସୁମୀ ଋତୁରେ ସ୍ୱାଭାବିକଠାରୁ ୬% ଅଧିକ ବର୍ଷା ଅର୍ଥାତ୍ ୧୦୬% ବର୍ଷା ରେକର୍ଡ ହୋଇପାରେ ବୋଲି ଆଇଏମ୍‌ଡି ଆକଳନ କରିଛି। ମଙ୍ଗଳବାର ଆଇଏମ୍‌ଡି ପକ୍ଷରୁ ହୋଇଥିବା ଏକ ଖବରଦାତା ସମ୍ମିଳନୀରେ ଭୂ-ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଏମ୍. ରବିଚନ୍ଦ୍ରନ କହିଛନ୍ତି, ଚଳିତ ବର୍ଷର ମୌସୁମୀ ଋତୁ ସମୟରେ ଦେଶର ମୌସୁମୀ କୋର୍ ଜୋନ୍‌ରେ ସ୍ୱାଭାବିକଠାରୁ ୬% ଅଧିକ ବର୍ଷା ହେବା ଆକଳନ କରାଯାଇଛି। ମୌସୁମୀ କୋର୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଋଣ ମୃତ୍ୟୁ**







# ଆତଙ୍କବାଦ ପାକିସ୍ତାନର ଯୁଦ୍ଧ ରଣନୀତି

# ଅନୁରୂପ ଜବାବ ଦିଆଯିବ: ମୋଦି



ଗୁଜରାଟର ଗାନ୍ଧୀନଗରରେ ସହରାଞ୍ଚଳ ବିକାଶ ଯୋଜନା ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଓ ନେତୃବୃନ୍ଦ।

**ଗାନ୍ଧୀନଗର, ୨୭।୫**

ପାକିସ୍ତାନର ସବୁ କାର୍ଯ୍ୟକଳାପ ଛାୟାଯୁଦ୍ଧ ନୁହେଁ, ବରଂ ଯୁଦ୍ଧର ପରିକଳ୍ପିତ ରଣନୀତି। ପାକିସ୍ତାନ ଯଦି ଯୁଦ୍ଧରେ ନିୟୋଜିତ ହୁଏ, ତାକୁ ପ୍ରତିଥର 'ଅପରେଶନ୍ ସିନ୍ଦୂର' ଭାଷାରେ ହିଁ ଜବାବ ଦିଆଯିବ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ଗୁଜରାଟର ଗାନ୍ଧୀନଗରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଯେତେବେଳେ ବି ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଚାଲେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନୀ ସେନାକୁ ହରାଇଥାନ୍ତି। ପଡ଼ୋଶୀ ଦେଶ ତାକୁ କେବେ ଭୁଲିବା ଅନୁଚିତ। ଭାରତ ସହ ପ୍ରତ୍ୟକ୍ଷ ଯୁଦ୍ଧରେ ପରାଜୟ ଅବଶ୍ୟମ୍ଭାବୀ ବୋଲି ଜାଣିଥିବାରୁ ପାକିସ୍ତାନ ଛାୟାଯୁଦ୍ଧ ଚଳାଇଥାଏ। ଆତଙ୍କବାଦୀଙ୍କୁ ସାମରିକ ତାଲିମ ଓ ସମର୍ଥନ ଦେଇ ଭାରତକୁ ପଠାଇଥାଏ। ପାକିସ୍ତାନ ଭବିଷ୍ୟତରେ ଏଭଳି କାର୍ଯ୍ୟ କଲେ ଏହାକୁ ମୁହଁତୋଡ଼ ଜବାବ ଦିଆଯିବ। ବିଭାଜନ ବେଳେ ଭାରତ ମାତା ଦୁଇଭାଗ ହୋଇଗଲା। ସେହି ରାତିରେ କଶ୍ମୀର ଉପରେ ମୁଜାହିଦ୍ଦିନମାନେ ପ୍ରଥମ ଥର ଆତଙ୍କବାଦୀ ଆକ୍ରମଣ କରିଥିଲେ। ସେହି ସମୟରେ ପାକିସ୍ତାନ ମୁଜାହିଦ୍ଦିନ ନାମରେ ଆତଙ୍କବାଦୀଙ୍କ ସହାୟତାରେ ଭାରତର କିଛି ଅଂଶକୁ ଜବରଦଖଲ କରିଥିଲା। ସେହିଦିନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରାମର୍ଶକୁ ଗ୍ରହଣ କରି ମୁଜାହିଦ୍ଦିନମାନଙ୍କୁ ନିପାତ କରାଯାଇଥିଲେ ଗତ ୭୫ ବର୍ଷରେ ଏତେ ଆତଙ୍କବାଦୀ ଆକ୍ରମଣ ଦେଖିବାକୁ ମିଳି ନ ଥାନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

> "କଶ୍ମୀରରେ ଆତଙ୍କବାଦ ପ୍ରତି ଭୟ ବାତାବରଣ କମିଗଲାଣି। ଉପତ୍ୟକାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପର୍ଯ୍ୟଟକଙ୍କ ସୁଅ ପୁଣି ଛୁଟିବାରେ ଲାଗିଛି। କେତେକ ଦେଶ ପକ୍ଷରୁ ଜାରି ନକାରାତ୍ମକ ଟ୍ରାଭେଲ ଆଡ୍‌ଭାଇଜରି ହଟାଇବା ପାଇଁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପଦକ୍ଷେପ ନେବା ଉଚିତ।
> **–ଫାରୁକ୍ ଅବ୍‌ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ**

## ସଂକ୍ଷେପରେ

### ବିସ୍ଫୋରଣରେ ବାବର ଖାଲ୍‌ସା ଆତଙ୍କବାଦୀ ନିହତ

**ଅମୃତସର, ୨୭।୫**

ପଞ୍ଜାବର ଅମୃତସରର ମଜିଠା ରୋଡ୍ ବାଇପାସ୍ ଅଞ୍ଚଳରେ ମଙ୍ଗଳବାର ଏକ ବିସ୍ଫୋରଣ ହୋଇଥିଲା। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣେ ଗୁରୁତର ବ୍ୟକ୍ତି ପଡ଼ି ରହିଥିବାର ଦେଖିବାକୁ ପାଇଥିଲା। ହସ୍ପିଟାଲ ନେବା ବାଟରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ସେ ବାବର ଖାଲ୍‌ସା ଆତଙ୍କବାଦୀ ସଙ୍ଗଠନ ସହ ଜଡ଼ିତ ଥିଲେ ବୋଲି ଅମୃତସର ପୋଲିସ ସୂଚନା ଦେଇଛି। ବିସ୍ଫୋରକ ସାମଗ୍ରୀ ବାହାର କରିବାକୁ ଚେଷ୍ଟା କରୁଥିବାବେଳେ ବିସ୍ଫୋରଣ ଘଟିଥିଲା, ଫଳରେ ଉକ୍ତ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଏହି ସନ୍ଦିଗ୍ଧ ଆତଙ୍କବାଦୀଙ୍କ ପରିଚୟ ଜଣାପଡ଼ିନାହିଁ। ପାକିସ୍ତାନର ଗୋଇନ୍ଦା ଏଜେନ୍ସି ଆଇଏସ୍‌ଆଇ ଏବଂ ଭାରତରେ ପ୍ରତିବନ୍ଧିତ ସଙ୍ଗଠନ ବାବର ଖଲସା ସହ ମୃତ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ସମ୍ପର୍କକୁ ନେଇ ପୋଲିସର ତଦନ୍ତ ଜାରି ରହିଛି ବୋଲି ଡିଆଇଜି (ବର୍ଡର ରେଞ୍ଜ) ସତିନ୍ଦର ସିଂ କହିଛନ୍ତି।

### ଡିଆର୍‌ଡିଓ ଚେୟାରମ୍ୟାନଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା


**ନୂଆଦିଲ୍ଲୀ, ୨୭।୫**

କେନ୍ଦ୍ର ସରକାର ସୋମବାର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ର ଚେୟାରମ୍ୟାନ ଡ. ସମୀର ଭି. କାମତଙ୍କର କାର୍ଯ୍ୟକାଳକୁ ବର୍ଷେ ବଢ଼ାଇଛନ୍ତି। ଆସନ୍ତା ୩୧ରେ ସରୁଥିବା ସମୀରଙ୍କ କାର୍ଯ୍ୟକାଳକୁ ୨୦୨୬ ମେ' ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେ ୨୦୨୨ ଅଗଷ୍ଟରୁ ଡିଆର୍‌ଡିଓ ଅଧ୍ୟକ୍ଷ ଅଛନ୍ତି। ୧୯୮୯ରେ ସେ ଡିଆର୍‌ଡିଓରେ ଯୋଗଦେଇଥିଲେ। ପୂର୍ବରୁ ସେ ନାଭାଲ ସିଷ୍ଟମ୍ସ ଆଣ୍ଡ ମ୍ୟାଟେରିଆଲ୍ସରେ ମଧ୍ୟ ଡାଇରେକ୍ଟର ଜେନେରାଲ ଭାବେ କାର୍ଯ୍ୟ କରିଛନ୍ତି।



ଡ. ସମୀର ଭି. କାମତ

# ଆତଙ୍କବାଦକୁ ଡରିବୁ ନାହିଁ: ଓମାର



ଓମାର ଅବଦୁଲ୍ଲା

**ପହଲଗାମ୍, ୨୭।୫**

ପର୍ଯ୍ୟଟନ ସଂଘର୍ଷ ନିରପେକ୍ଷ ହେବା ଉଚିତ। ଆତଙ୍କବାଦ ଭଳି ଭୀରୁ କାର୍ଯ୍ୟକୁ ନେଇ ସରକାର ଭୟଭୀତ ହେବେ ନାହିଁ ବୋଲି ମଙ୍ଗଳବାର ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା କହିଛନ୍ତି। ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଥମ ଥର ପାଇଁ ଏକ ପ୍ରେସ୍ କନ୍‌ଫରେନ୍ସକୁ ସମ୍ବୋଧିତ କରି ଓମାର କହିଛନ୍ତି, ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। କେନ୍ଦ୍ର ସରକାର ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସପ୍ତାହରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ଏନେଇ ସବୁ ପ୍ରକାର ସହାୟତାର ପ୍ରତିଶ୍ରୁତି ଦେଇଥିବା ଓମାର ପ୍ରକାଶ କରିଛନ୍ତି। ଏହି ଅବସରରେ ଓମାର ପହଲଗାମ୍ କ୍ଲବ୍‌ରେ ଆୟୋଜିତ ସମ୍ମିଳନୀର ଫଟୋ ଏକ୍ସ'ରେ ପୋଷ୍ଟ କରିବା ସହ ଆକ୍ରମଣକୁ ନିନ୍ଦା କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୫ମ ପିଢ଼ି ଯୁଦ୍ଧ ବିମାନ କାର୍ଯ୍ୟକ୍ରମକୁ ରାଜନାଥଙ୍କ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୭।୫**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ଆଡ୍‌ଭାନ୍ସଡ ମିଡିୟମ କମ୍ବାଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ) କାର୍ଯ୍ୟକ୍ରମ ପାଇଁ ବିଶେଷ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆତ୍ମନିର୍ଭର ଭାରତ ଅଭିଯାନକୁ ମଜଭୁତ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ। ଏହି ପ୍ରୋଜେକ୍ଟ ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ବଢ଼ାଇବ। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ଅଧୀନ ଏରୋନଟିକାଲ ଡେଭେଲପମେଣ୍ଟ ଏଜେନ୍ସି (ଏଡିଏ) ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା କରାଯିବ। ଏହି ପ୍ରକଳ୍ପରେ ଏଡିଏ ବିଭିନ୍ନ ଘରୋଇ ଏବଂ ସରକାରୀ କମ୍ପାନୀଗୁଡ଼ିକର ସହଭାଗିତାରେ ଏଏମ୍‌ସିଏକୁ ବିକଶିତ କରିବ। ଏଏମ୍‌ସିଏ ଏକ ପଞ୍ଚମ ପିଢ଼ିର ଷ୍ଟିଲ୍‌ଥ୍ ଫାଇଟର ପ୍ଲେନ୍ ହୋଇଥିବା ବେଳେ ଏହା ଭାରତୀୟ ବାୟୁସେନାକୁ ଆହୁରି ମଜଭୁତ କରିବ। ଏଏମ୍‌ସିଏର ବିକାଶ ପାଇଁ ଏଡିଏ ଖୁବ୍‌ଶୀଘ୍ର ଏକ୍ସପ୍ରେସନ୍ ଅଫ୍ ଇଣ୍ଟ୍ରେଷ୍ଟ (ଇଓଆଇ) ଜାରି କରିବ।



# ମାଓବାଦୀ କମାଣ୍ଡର ମୃତ

**ରାଞ୍ଚି, ୨୭।୫**

ଝାଡ଼ଖଣ୍ଡର ପାଲାମୁ ଜିଲାର ସୀତାଚୁଆଁ ଅଞ୍ଚଳରେ ଥିବା ନୈୟା ଜଙ୍ଗଲରେ ସୁରକ୍ଷା ବଳ ସହ ଗୁଳି ବିନିମୟରେ ମଙ୍ଗଳବାର ଶୀର୍ଷ ମାଓବାଦୀ କମାଣ୍ଡର ତୁଲସୀ ଭୂୟାଁଙ୍କର ମୃତ୍ୟୁ ଘଟିଛି। ସେହିପରି ସୁରକ୍ଷାବଳ ଗୁଳିରେ ଆଉଜଣେ ମାଓବାଦୀ ମଧ୍ୟ ଆହତ ହୋଇଛନ୍ତି। ତୁଲସୀଙ୍କ ଉପରେ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)ର ଟପ୍ କମାଣ୍ଡର ଥିଲେ। ତାଙ୍କ ନିକଟରୁ ଗୋଟିଏ ସେଲ୍ଫ ଲୋଡିଂ ରାଇଫଲ ସମେତ ବହୁ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି।



ୟୁକ୍ରେନୀୟ ସଶସ୍ତ୍ର ବଳର ୬୮ତମ ସେପାରେଟ୍ ଚସେଉର୍ସ ବ୍ରିଗେଡ୍‌ର ଜଣେ ସୈନ୍ୟ ଯୁଦ୍ଧଭୂମିରୁ ଫେରିବା ପରେ ଡୋନେସ୍କ ରିଜିୟନ୍‌ର ପେକ୍ରୋଭ୍‌ସ୍କ ସହରରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

# ୩୧ ଥର ଏଭରେଷ୍ଟରେ ଚଢ଼ି ରେକର୍ଡ

**କାଠମାଣ୍ଡୁ, ୨୭।୫**

ନେପାଳର ଏଭରେଷ୍ଟ ମ୍ୟାନ୍ ଭାବେ ପରିଚିତ ୫୫ ବର୍ଷୀୟ ପର୍ବତାରୋହୀ କାମି ରିତା ଶେର୍‌ପା ପୁଣିଥରେ ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗରେ ଚଢ଼ି ରେକର୍ଡ ସୃଷ୍ଟି କରିଛନ୍ତି। ମଙ୍ଗଳବାର ସେ ଏଭରେଷ୍ଟର ଶିଖରରେ ୩୧ତମ ଥର ପାଇଁ ଚଢ଼ି ନିଜ ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ୧୯୯୨ରେ ଏକ ଏଭରେଷ୍ଟ ଅଭିଯାନରେ ଜଣେ ସହାୟକ କର୍ମଚାରୀ ଭାବେ ସେ ନିଜର ଏହି ଯାତ୍ରା ଆରମ୍ଭ କରିଥିଲେ। ୧୯୯୪ରେ ଶେର୍‌ପା ପ୍ରଥମ ଥର ପାଇଁ ଏଭରେଷ୍ଟର ଶିଖରରେ ଚଢ଼ିଥିଲେ। ଏହାପରଠାରୁ ସେ ପ୍ରତିବର୍ଷ ୮,୮୪୯ ମିଟର ଉଚ୍ଚ ବିଶିଷ୍ଟ ଏଭରେଷ୍ଟ ଶିଖରରେ ଚଢ଼ୁଛନ୍ତି।



କାମି ରିତା ଶେର୍‌ପା

### ୧୯୯୪ରେ ପ୍ରଥମ ଥର ଚଢ଼ିଥିଲେ

ନିଜ ସଫଳତା ବିଷୟରେ ପ୍ରତିକ୍ରିୟା ରଖି ଶେର୍‌ପା କହିଛନ୍ତି, ସେ ରେକର୍ଡ ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। ପ୍ରତ୍ୟେକ ରେକର୍ଡ ଦିନେ ନା ଦିନେ ଭାଙ୍ଗିଥାଏ। ତେଣୁ ଏଥିପ୍ରତି ସେ ବିବ୍ରତ ହୁଅନ୍ତି ନାହିଁ କିମ୍ବା ଖୁସି ହୁଅନ୍ତି ନାହିଁ। ତେବେ ତାଙ୍କର ପର୍ବତାରୋହଣ ନେପାଳକୁ ସାରା ବିଶ୍ୱରେ ପରିଚିତ କରାଇପାରୁଥିବାରୁ ଏହା ତାଙ୍କୁ ଆନନ୍ଦ ଦେଇଥାଏ ବୋଲି ଶେର୍‌ପା କହିଛନ୍ତି।

# ଟ୍ରମ୍ପଙ୍କ ଏଆଇ ଭିଡିଓ ଦେଖାଇ ୨ କୋଟି ଠକେଇ

**ବେଙ୍ଗାଲୁରୁ, ୨୭।୫**

କର୍ଣ୍ଣାଟକରୁ ଏକ ଚାଞ୍ଚଲ୍ୟକର ଠକେଇ ମାମଲା ସାମ୍ନାକୁ ଆସିଛି। ସାଇବର ଠକମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଏଆଇ ଜେନେରେଟେଡ୍ ଭିଡିଓ ପ୍ରସ୍ତୁତ କରିବା ସହ ଏହାକୁ ବ୍ୟବହାର କରି ଗତ କିଛି ମାସ ମଧ୍ୟରେ ୨୦୦ ଲୋକଙ୍କଠାରୁ ୨ କୋଟି ଟଙ୍କା ଠକେଇ କରିଥିବା ପୋଲିସ କହିଛି। ଟ୍ରମ୍ପଙ୍କ ହୋଟେଲରେ ନିବେଶ କରି ଅଧିକ ରିଟର୍ନ ହାସଲ କରି ହେବ ବୋଲି ସାଇବର ଠକମାନେ ଟ୍ରମ୍ପଙ୍କ ଏଆଇ ଭିଡିଓକୁ ବ୍ୟବହାର କରି ଠକାମିର ଶିକାର ହୋଇଥିବା ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସାଇବର ଠକଙ୍କ ଏହି ଦୁର୍ନୀତି କର୍ଣ୍ଣାଟକର ବେଙ୍ଗାଲୁରୁ ସମେତ ତୁମକୁରୁ, ମାଙ୍ଗାଲୋର, ହାଭେରୀ ଆଦି ସହରକୁ ବ୍ୟାପିଥିବା ପୋଲିସ କହିଛି।



ଡୋନାଲ୍ଡ ଟ୍ରମ୍ପ

ପୋଲିସ ସୂଚନା ଅନୁଯାୟୀ, ଟ୍ରମ୍ପଙ୍କ ଏଆଇ ଜେନେରେଟେଡ୍ ଭିଡିଓରେ ସେ ଏକ ନିବେଶ ଯୋଜନା ସମ୍ପର୍କରେ ପ୍ରଚାର କରୁଥିବାର କ୍ଷତିଗ୍ରସ୍ତମାନେ ଅଭିଯୋଗ କରିଛନ୍ତି। ଉକ୍ତ ଯୋଜନାରେ କମ୍ ସମୟ ମଧ୍ୟରେ ସେମାନଙ୍କ ରାଶିକୁ ଦ୍ୱିଗୁଣିତ କରାଯିବ ବୋଲି ନିବେଶକମାନଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇ ସେମାନଙ୍କଠାରୁ ଟଙ୍କା ହଡ଼ପ କରାଯାଇଥିଲା। ଲୋକମାନେ ଟ୍ରମ୍ପଙ୍କ ଏହି ଏଆଇ ଭିଡିଓକୁ ସତ ଭାବି ସାଇବର ଠକଙ୍କ ଜାଲରେ ଫସିଯାଇଥିଲେ। ଏହି ଠକାମିରେ ସାଇବର ଅପରାଧୀମାନେ ମୁଖ୍ୟତଃ ଛୋଟ ବ୍ୟବସାୟୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ଗୃହିଣୀମାନଙ୍କୁ ବେଶି ଟାର୍ଗେଟ କରୁଥିବା ପୋଲିସ କହିଛି। ଏହି ଦୁର୍ନୀତିକୁ ନେଇ ଗତ କିଛି ଦିନ ମଧ୍ୟରେ ପୀଡ଼ିତମାନେ ବେଙ୍ଗାଲୁରୁ ସମେତ କର୍ଣ୍ଣାଟକର ବିଭିନ୍ନ ସହରର ସାଇବର କ୍ରାଇମ ପୋଲିସ ଷ୍ଟେଶନରେ ଅଭିଯୋଗ କରିଛନ୍ତି। କର୍ଣ୍ଣାଟକ ପୋଲିସର ସାଇବର କ୍ରାଇମ ବ୍ରାଞ୍ଚ୍ ମାମଲାର ତଦନ୍ତ ଆରମ୍ଭ କରିଛି। ଏକ ସଙ୍ଗଠିତ ସାଇବର ଅପରାଧୀ ଗ୍ୟାଙ୍ଗ୍ ଦ୍ୱାରା ଏହି ଠକେଇ ପରିଚାଳିତ ହୋଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସମ୍ଭବତଃ ଏହି ଗ୍ୟାଙ୍ଗ୍ ଭାରତ ବାହାରୁ କାର୍ଯ୍ୟ କରୁଥିବା ପୋଲିସ କହିଛି।

## ଫୁର୍‌ସତ୍

# ଜୁନ୍ ୬ରେ 'ହାଉସ୍‌ଫୁଲ ୫'

**ମୁମ୍ବାଇ**

ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଫିଲ୍ମ 'ହାଉସ୍‌ଫୁଲ ୫'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି। ଏହି ମଲ୍ଟି ଷ୍ଟାରର୍ କମେଡି ଥ୍ରିଲର ଫିଲ୍ମରେ ଅଭିନେତା ଅକ୍ଷୟ କୁମାର, ରିତେଶ ଦେଶମୁଖ, ଅଭିଷେକ ବଚ୍ଚନ, ସଞ୍ଜୟ ଦତ୍ତ, ନାନା ପାଟେକର, ଜନି ଲିବର, ଚଙ୍କି ପାଣ୍ଡେଙ୍କ ସମେତ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ନାଡିଜ୍, ନର୍ଗିସ ଫାକ୍ରି, ସୋନମ୍ ବାଜୱା ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ସାଜିଦ୍ ନାଡିଆଡ୍‌ୱାଲାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ତରୁଣ ମନ୍‌ସୁଖାନି। ଆସନ୍ତା ମାସ ୬ ତାରିଖରେ ଏହି ଫିଲ୍ମ ରିଲିଜ୍ ହେବ। ଫିଲ୍ମର ଟ୍ରେଲରରେ ଅନେକ ସସ୍‌ପେନ୍ସ ଏବଂ ଏଣ୍ଟରଟେନ୍‌ମେଣ୍ଟ ଦୃଶ୍ୟ ରହିଥିବାରୁ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ବିଭିନ୍ନ ରଙ୍ଗିନ୍ ଲୋକେଶନରେ ଫିଲ୍ମର ଶୁଟ୍ କରାଯାଇଥିବା ନେଇ ଟ୍ରେଲରରୁ ଜଣାପଡ଼ିଛି। ୩ ମିନିଟ ୫୩ ସେକେଣ୍ଡର ଏହି ଟ୍ରେଲରର ଶେଷ ଆଡ଼କୁ ଅଭିନେତା ସଞ୍ଜୟ ଦତ୍ତଙ୍କର ଧମାକାଦାର ଏଣ୍ଟ୍ରି ହୋଇଛି। ଟ୍ରେଲରରେ ତାଙ୍କ ଦମ୍‌ଦାର ଡାଏଲଗ୍ ଏବଂ ଅନ୍ଦାଜ ଦର୍ଶକଙ୍କୁ ବିମୋହିତ କରିଛି। ସେହିପରି ଟ୍ରେଲରରେ ଅଭିନେତ୍ରୀ ଜ୍ୟାକଲିନ୍, ନର୍ଗିସ ଏବଂ ସୋନମଙ୍କ ଗ୍ଲାମରସ୍ ଅନ୍ଦାଜକୁ ଦର୍ଶକ ପସନ୍ଦ କରିଛନ୍ତି।



ଅକ୍ଷୟ କୁମାର

# ଚାଇନାରେ ପ୍ରଥମ ରୋବୋ ବକ୍ସିଂ ଟୁର୍ନାମେଣ୍ଟ



**ବେଜିଂ**

ବିଶ୍ୱର ପ୍ରଥମ ହ୍ୟୁମାନଏଡ୍ ରୋବୋ କିକ୍ ବକ୍ସିଂ ଟୁର୍ନାମେଣ୍ଟ ଗତ ୨୫ ତାରିଖରେ ପୂର୍ବ ଚାଇନାର ହାଙ୍ଗଯୌଠାରେ ଆୟୋଜିତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଏକାଧିକ ମ୍ୟାଚ୍ ହୋଇଥିବା ବେଳେ ପ୍ରତ୍ୟେକ ମ୍ୟାଚ୍‌ରେ ୨ ଜଣ ଲେଖାଏ ରୋବୋ ବକ୍ସିଂ ରିଙ୍ଗ ମଧ୍ୟରେ ପରସ୍ପରକୁ ପଞ୍ଚ୍ ମାରି ମୁକାବିଲା କରୁଥିଲେ। ମ୍ୟାଚ୍ ସମୟରେ ରୋବୋମାନଙ୍କୁ ସେମାନଙ୍କ ହ୍ୟାଣ୍ଡଲର ପରିଚାଳିତ କରୁଥିଲେ। ରୋବୋଙ୍କ ମଧ୍ୟରେ ଏହି ରୋମାଞ୍ଚକର ବକ୍ସିଂ ଟୁର୍ନାମେଣ୍ଟ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଦେଖାଦେଇଥିଲା। ପ୍ରତି ବକ୍ସିଂ ମ୍ୟାଚ୍ ସମୟରେ ଜଣେ ରେଫରି ରିଙ୍ଗ ମଧ୍ୟରେ ଉଭୟ ପ୍ରତିଯୋଗୀ ରୋବୋ ଏବଂ ଖେଳକୁ ସଞ୍ଚାଳନ କରୁଥିଲେ। ହ୍ୟାଣ୍ଡଲର ଲୁ ଜିନ୍‌ଙ୍କ ଦ୍ୱାରା ପରିଚାଳିତ ରୋବୋ 'ଏଆଇ ଷ୍ଟ୍ରାଟେଜିଷ୍ଟ' ଏହି ଟୁର୍ନାମେଣ୍ଟର ଟାଇଟଲ ହାସଲ କରିଥିଲା। ଫାଇନାଲ ମ୍ୟାଚ୍‌ରେ ସେ ହ୍ୟାଣ୍ଡଲର ହୁ ୟୁଙ୍କିଆନଙ୍କ ରୋବୋ 'ଏନର୍ଜି ଗାର୍ଡିଆନ'କୁ ପରାସ୍ତ କରିଥିଲା। ଏହି ପ୍ରତିଯୋଗିତାରେ ରୋବୋମାନେ ପ୍ରଭାବଶାଳୀ ଢଙ୍ଗରେ ପରସ୍ପର ସହ ବକ୍ସିଂ ମୁକାବିଲା କରିଥିଲେ, ଯାହା ରୋବୋଟିକ୍ସ ଏବଂ ଏଆଇ କ୍ଷେତ୍ରରେ ଚାଇନା କରିଥିବା ଦ୍ରୁତ ପ୍ରଗତିକୁ ଦର୍ଶାଉଥିବା ନେଇ ବିଭିନ୍ନ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହି ନିଆରା ବକ୍ସିଂ ଟୁର୍ନାମେଣ୍ଟର କେତେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଅନେକ ୟୁଜର୍ସ ବିଭିନ୍ନ ମଜାଳିଆ କମେଣ୍ଟ କରିଛନ୍ତି।

ତେବେ ବକ୍ସିଂ ମ୍ୟାଚ୍ ନାଁରେ ରୋବୋମାନଙ୍କୁ ପରସ୍ପର ମଧ୍ୟରେ ଲଢ଼ା ଯିବାକୁ ଏବଂ ପରସ୍ପରକୁ ଆକ୍ରମଣ ପାଇଁ ଅପରେଟ୍ କରାଯିବାକୁ ନେଇ କେତେଜଣ ୟୁଜର୍ସ ଚିନ୍ତା ପ୍ରକଟ କରିଛନ୍ତି। ନିକଟରେ ୟୁନିଟ୍ରି ରୋବୋଟିକ୍ସ ଦ୍ୱାରା ବିକଶିତ ଏକ ହ୍ୟୁମାନଏଡ୍ ରୋବୋ ନିଜ ହ୍ୟାଣ୍ଡଲରଙ୍କୁ ଆକ୍ରମଣ କରିଥିବାର ମାମଲା ସାମ୍ନାକୁ ଆସିଥିଲା, ଯାହା ଏଆଇକୁ ନେଇ ସମ୍ଭାବ୍ୟ ବିପଦ ବିଷୟରେ ଚିନ୍ତା ବଢ଼ାଇଥିଲା। ଏପରି ଦୁର୍ଘଟଣାକୁ ରୋକିବା ପାଇଁ ଏଆଇ ବିକାଶରେ କଠୋର ପରୀକ୍ଷଣ ଏବଂ ଗୁଣବତ୍ତା ନିୟନ୍ତ୍ରଣର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।





# ଉପକୂଳ ସୁରକ୍ଷାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଆଲୋଚନା କଲେ

**ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)**

ଚଳିତ ମାସ ଦ୍ୱିତୀୟ ସପ୍ତାହରେ ୪ ଦିନ ଧରି ଭାରତ-ପାକିସ୍ତାନ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଘଟିଥିଲା। ଏହି ପରିପ୍ରେକ୍ଷୀରେ ଦେଶର ସମସ୍ତ ସୀମାବର୍ତ୍ତୀ ଅଞ୍ଚଳ ଏବଂ ଆଭ୍ୟନ୍ତର ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଭଳିସ୍ଥଳେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରୁଛନ୍ତି। ସେ ମଙ୍ଗଳବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସେ ଦେଶ ତଥା ରାଜ୍ୟର ସୁରକ୍ଷା ଓ ବିକାଶ ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଛନ୍ତି। ଦେଶର ପୂର୍ବସୀମାରେ ଓଡ଼ିଶାର ରଣନୀତିର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଛି। ବୈଠକରେ ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ଭିତ୍ତିଭୂମି ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି।

ଓଡ଼ିଶାରେ ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଲୋଚନା କରିଥିବା ଜଣାପଡିଛି। ଏହାସହ ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ଏବଂ ରଥଯାତ୍ରାରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀ ତାଙ୍କୁ ନିମନ୍ତ୍ରଣ କରିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଓଡ଼ିଶାର ଉପକୂଳରେ ୪୮୦ କି.ମି.ର ବେଳାଭୂମି ରହିଛି। ଏହାସହ ରାଜ୍ୟର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ପ୍ରତିଷ୍ଠାନ ରହିଛି। ସେଥିମଧ୍ୟରେ ବାଲେଶ୍ୱର ଜିଲା ଚାନ୍ଦିପୁରଠାରେ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜ(ଆଇଟିଆର୍) ଏବଂ ଭଦ୍ରକଠାରେ ଡ. ଏପିଜେ ଅବଦୁଲ କଲାମ ଦ୍ୱୀପ ରହିଛି। ଏହି ଦୁଇ ସ୍ଥଳୀକୁ ମିଶାଇଲ୍ ଲଞ୍ଚ କରିବା କ୍ଷେତ୍ରରେ ବ୍ୟବହାର କରାଯାଉଛି। ଏଥିଲାଗି ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ଓଡ଼ିଶାର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନ୍ୟପଟେ ଜଳପଥ ଦେଇ ଯେପରି ଆତଙ୍କବାଦୀ କାର୍ଯ୍ୟକଳାପ ନ ହେବ ସେଥିଲାଗି ରାଜ୍ୟ ସରକାର ଭାରତୀୟ ନୌସେନା, କୋଷ୍ଟ ଗାର୍ଡ ଏବଂ ମେରାଇନ ପୋଲିସ ସମନ୍ୱୟ ରକ୍ଷା କରି ସମଦ୍ର ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି।




# ୨୧ ହାଇକୋର୍ଟ ବିଚାରପତିଙ୍କ ବଦଳି ସୁପାରିସ

## ଓଡ଼ିଶା ହାଇକୋର୍ଟ ବିଚାରପତି ହେବେ ମାନସ ରଞ୍ଜନ ପାଠକ



ମାନସ ରଞ୍ଜନ ପାଠକ

**ନୂଆଦିଲ୍ଲୀ,୨୭।୫(ପି.ଟି.)**

ସୁପ୍ରିମକୋର୍ଟ କଲେଜିୟମ ଦେଶର ବିଭିନ୍ନ ହାଇକୋର୍ଟର ୨୧ଜଣ ବିଚାରପତିଙ୍କ ବଦଳି ସୁପାରିସ କରିଛନ୍ତି। ବିଚାରବିଭାଗୀୟ ପ୍ରଶାସନ ଏବଂ ସଂସ୍ଥାଗତ ସନ୍ତୁଳନ ବଜାୟ ରଖିବା ଉଦ୍ଦେଶ୍ୟରେ କଲେଜିୟମ ସୋମବାର ବସିଥିବା ବୈଠକରେ ଏହି ନିଷ୍ପତ୍ତି ନେଇଛନ୍ତି। ବିଚାରପତି ସୁଜୋୟ ପାଲ୍‌ଙ୍କୁ ତେଲଙ୍ଗାନା ହାଇକୋର୍ଟରୁ କଲିକତା ହାଇକୋର୍ଟ ବଦଳି ସୁପାରିସ କରାଯାଇଥିବାବେଳେ କର୍ନାଟକ ହାଇକୋର୍ଟ ବିଚାରପତି ଭି. କାମେଶ୍ୱର ରାଓଙ୍କୁ ଦିଲ୍ଲୀ ହାଇକୋର୍ଟ, ଗୌହାଟି ହାଇକୋର୍ଟ ବିଚାରପତି ଲାନୁସୁଙ୍ଗକୁମ୍ ଜମିରଙ୍କୁ କଲିକତା ହାଇକୋର୍ଟ, ଗୌହାଟି ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟ, ବମ୍ବେ ହାଇକୋର୍ଟ ବିଚାରପତି ନୀତିନ ବାସୁଦେଓ ସମ୍ବରେଙ୍କୁ ଦିଲ୍ଲୀ ହାଇକୋର୍ଟକୁ ବଦଳି ସୁପାରିସ କରାଯାଇଛି। ସେହିପରି ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଅଶ୍ୱିନୀ କୁମାର ମିଶ୍ରାଙ୍କୁ ପଞ୍ଜାବ-ହରିୟାଣା ହାଇକୋର୍ଟ, ଗୌହାଟି ହାଇକୋର୍ଟ ବିଚାରପତି ସୁମନ ଶ୍ୟାମଙ୍କୁ ବମ୍ବେ ହାଇକୋର୍ଟ, ପଞ୍ଜାବ- ହରିୟାଣା ହାଇକୋର୍ଟ ବିଚାରପତି ସଞ୍ଜୀବ ପ୍ରକାଶ ଶର୍ମାଙ୍କୁ ରାଜସ୍ଥାନ ହାଇକୋର୍ଟ, ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ବିବେକ ଚୌଧୁରୀଙ୍କୁ ଦିଲ୍ଲୀ ହାଇକୋର୍ଟ, କେରଳ ହାଇକୋର୍ଟ ବିଚାରପତି ଦୀନେଶ କୁମାର ସିଂଙ୍କୁ କର୍ନାଟକ ହାଇକୋର୍ଟ, ମାଡ୍ରାସ୍ ହାଇକୋର୍ଟ ବିଚାରପତି ବିବେକ କୁମାର ସିଂଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ ଏବଂ ମାଡ୍ରାସ ହାଇକୋର୍ଟ ବିଚାରପତି ବଟ୍ଟୁ ଦେବାନନ୍ଦଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟକୁ ବଦଳି ସୁପାରିସ କରାଯାଇଛି। ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଓମ୍ ପ୍ରକାଶ ଶୁକ୍ଲାଙ୍କୁ ଦିଲ୍ଲୀ ହାଇକୋର୍ଟ, ରାଜସ୍ଥାନ ହାଇକୋର୍ଟ ବିଚାରପତି ଶ୍ରୀ ଚନ୍ଦ୍ରଶେଖରଙ୍କୁ ବମ୍ବେ ହାଇକୋର୍ଟ, ପଞ୍ଜାବ-ହରିୟାଣା ହାଇକୋର୍ଟ ବିଚାରପତି ସୁଧୀର ସିଂଙ୍କୁ ପାଟନା ହାଇକୋର୍ଟ, ପଞ୍ଜାବ-ହରିୟାଣା ହାଇକୋର୍ଟ ବିଚାରପତି ଅନିଲ କ୍ଷେତ୍ରପାଲ୍‌ଙ୍କୁ ଦିଲ୍ଲୀ ହାଇକୋର୍ଟ, ରାଜସ୍ଥାନ ହାଇକୋର୍ଟ ବିଚାରପତି ଅରୁଣ କୁମାର ମୋଙ୍ଗାଙ୍କୁ ଦିଲ୍ଲୀ ହାଇକୋର୍ଟ, ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜୟନ୍ତ ବାନାର୍ଜୀଙ୍କୁ କର୍ନାଟକ ହାଇକୋର୍ଟ, କର୍ନାଟକ ହାଇକୋର୍ଟ ବିଚାରପତି ସି. ସୁମଲଥାଙ୍କୁ ତେଲଙ୍ଗାନା ହାଇକୋର୍ଟ, କର୍ନାଟକ ହାଇକୋର୍ଟ ବିଚାରପତି ଲଲିଥା କାନେଗାଣ୍ଟିଙ୍କୁ ତେଲଙ୍ଗାନା ହାଇକୋର୍ଟ ଏବଂ ପାଟନା ହାଇକୋର୍ଟ ବିଚାରପତି ଆନିରେଡ୍ଡୀ ଅଭିଷେକ ରେଡ୍ଡୀଙ୍କୁ ତେଲଙ୍ଗାନା ହାଇକୋର୍ଟ ବିଚାରପତି ଭାବେ ସୁପାରିସ କରାଯାଇଛି। ସୁପ୍ରିମକୋର୍ଟ କଲେଜିୟମ୍‌ର ଏହି ସୁପାରିସ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। କେନ୍ଦ୍ରରୁ ଅନୁମୋଦନ ମିଳିବା ପରେ ଉପରୋକ୍ତ ବିଚାରପତିମାନେ ସେମାନଙ୍କ ନୂତନ ବଦଳି ସ୍ଥାନରେ ନିୟମ ଅନୁସାରେ ଯୋଗ ଦେବେ।




# ଆଜି ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ

**ବଲାଙ୍ଗୀର/ପାଟଣାଗଡ଼,୨୭।୫ (ବୀରେନ୍ଦ୍ର କୁମାର ଝାଙ୍କର/ ସଚ୍ଚିଦାନନ୍ଦ ମହାକୁର)**

ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ବୁଧବାର ପ୍ରକାଶ ପାଇବ। ଦୀର୍ଘ ୭ ବର୍ଷର ଅପେକ୍ଷା ପରେ ଏହି ରାୟ ପ୍ରକାଶ ପାଇବାକୁ ଯାଉଥିବାରୁ ବିଭିନ୍ନ ମହଲରେ ଏନେଇ ଉତ୍ସୁକତା ପ୍ରକାଶ ପାଇଛି। ପାଟଣାଗଡ଼ ଏଡିଜେ କୋର୍ଟରେ ଏହି ଚର୍ଚ୍ଚିତ ମାମଲାର ରାୟ ପ୍ରକାଶ ପାଇବାକୁ ଯାଉଛି। ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟି ନବବିବାହିତ ସଫ୍ଟୱେର ଇଞ୍ଜିନିୟର ସୌମ୍ୟଶେଖର ସାହୁ, ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ମୃତ ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ପାଟଣାଗଡ଼ ନିକଟସ୍ଥ ଭଇଁଷା କଲେଜର ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଏକମାତ୍ର ଓ ମୁଖ୍ୟ ଅଭିଯୁକ୍ତ ଭାବେ



ଅଭିଯୁକ୍ତ ପୁଞ୍ଜିଲାଲ ମେହେର

ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ଟିମ୍ ୨୦୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିବା ପରେ ପାଟଣାଗଡ଼ ଏଡିଜେ କୋର୍ଟରେ ପ୍ରାୟ ୨ବର୍ଷ କାଳ ଏହାର ଶୁଣାଣି ଓ ନ୍ୟାୟିକ ପ୍ରକ୍ରିୟା ଚାଲିଥିଲା। ୬୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପରେ ଏଡିଜେ ୨୮ ତାରିଖରେ ଏହି ଚର୍ଚ୍ଚିତ ମାମଲାର ରାୟ ପ୍ରକାଶ କରିବେ ବୋଲି ଶୁଣାଇଥିଲେ। ଫଳରେ ନ୍ୟାୟ ଅପେକ୍ଷାରେ ଥିବା ମୃତ ସୌମ୍ୟଶେଖରଙ୍କ ମାତାପିତା ସଞ୍ଜୁକ୍ତା ସାହୁ ଓ ରବୀନ୍ଦ୍ର ସାହୁ ନ୍ୟାୟ ପାଇବେ ବୋଲି ଆଶାବାଦୀ ଥିବା ଜଣାଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ କ'ଣ ଦଣ୍ଡ ମିଳିବ ଏବେ ତା' ଉପରେ ସମସ୍ତଙ୍କର ନଜର ରହିଛି।

# ୪ ଜିଲାରେ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୨୭।୫ (ଅନୁରାଧା ମହାରଣା)**

ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗେଇବା ପାଇଁ ପାଗ ଅନୁକୂଳ ରହିଛି। ସେହିପରି ଓଡ଼ିଶା ଉପକୂଳ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ବୁଧବାର ରାଜ୍ୟର ୪ ଜିଲା କେନ୍ଦ୍ରାପଡ଼ା, କଟକ, ଯାଜପୁର, ଜଗତ୍‌ସିଂହପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ ଝଟ୍‌କା ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ରହିବ। ଏନେଇ ସମ୍ପୃକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୬ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାରେ ବିଶେଷକରି ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ପବନର ଆଶଙ୍କା ରହିଛି।

## ସତର୍କ ରହିବାକୁ ଜିଲାପାଳମାନଙ୍କୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଅନ୍ୟପଟେ ଲୋକଙ୍କୁ ପାଗ ଉପରେ ନଜର ରଖିବା ସହ ବଜ୍ରପାତ ସମୟରେ ରକ୍ଷା ପାଇବା ପାଇଁ ସୁରକ୍ଷିତ ଆଶ୍ରୟ ନେବାକୁ ଅନୁରୋଧ କରାଯାଇଛି। ଫସଲ ଅମଳ ଉପରେ ଧ୍ୟାନଦେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ୩୧ ତାରିଖ ପର୍ଯ୍ୟନ୍ତ ଭାରି ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏହାର ମୁକାବିଲା ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜୁଳି ଓ ଝଡ଼ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ତୁରନ୍ତ ଦାଖଲ କରିବାକୁ କୁହାଯାଇଛି। ଝଡ଼ବର୍ଷା ସମୟରେ ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି।

# କାନ୍ଥ ପଡ଼ି ମହିଳା ମୃତ

**ବାସୁଦେବପୁର,୨୭।୫ (କାଳିପଦ ରାୟ)**

ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳରେ ମଙ୍ଗଳବାର ମଧ୍ୟାହ୍ନରେ କାନ୍ଥ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ରାଧାନାଥପୁର ଗ୍ରାମର ବିଷ୍ଣୁପ୍ରିୟା ମହାନ୍ତି(୫୨)। ପୂର୍ବାହ୍ନରୁ ଲଘୁଚାପଜନିତ ବର୍ଷା ଲାଗି ରହିଥିଲା। ଏହି ସମୟରେ ବିଷ୍ଣୁପ୍ରିୟା ତାଙ୍କ ମାଟିଘରେ ଥିବାବେଳେ ପ୍ରବଳ ବର୍ଷାରେ କାନ୍ଥ ଭାଙ୍ଗି ତାଙ୍କ ଉପରେ ପଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ଆବେଦନ ଆରମ୍ଭ

**କଟକ,୨୭।୫(କାର୍ତ୍ତିକ ସାହୁ)**

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୪ ନିମନ୍ତେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନଙ୍କଠାରୁ ମନୋନୟନ ପତ୍ର ଆହ୍ୱାନ କରାଯାଉଛି। କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି, କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡାବିତ୍, ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡ଼ାବିତ୍ ଓ ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/ସହକାରୀ କର୍ମକର୍ତ୍ତା ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏଥିନିମନ୍ତେ ସବିଶେଷ ମାର୍ଗଦର୍ଶିକା, ବିଭିନ୍ନ ବର୍ଗ ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶି, ଆବେଦନ ଫର୍ମ ଇତ୍ୟାଦି କ୍ରୀଡ଼ା ଓ ଯୁବସେବା ବିଭାଗର ୱେବସାଇଟ http://sports.odisha.gov.inରେ ଉପଲବ୍ଧ। ମନୋନୟନ ପତ୍ର ଉଭୟ ଅନଲାଇନ ଓ ଅଫଲାଇନରେ ତା୧୬।୬।୨୦୨୫ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଗ୍ରହଣ କରାଯିବ। ଜିଲାର କୃତୀ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷକ ଓ କ୍ରୀଡ଼ା ସାମ୍ବାଦିକ ଉପଯୁକ୍ତ ଦସ୍ତାବିଜ ସହ ଆବେଦନ କରିବାକୁ ଅନୁରୋଧ କରାଯାଉଛି।

# ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି

**ଭୁବନେଶ୍ୱର,୨୭।୫(ସୁଚିସ୍ମିତା ସାହୁ)**

ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ସମ୍ଭାଳିବେ। ଏ ନେଇ ମଙ୍ଗଳବାର ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ ପ୍ରଫେସର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ରହିଛନ୍ତି। ୨୦୦୨ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ପିଏଚ୍‌ଡି କରିଥିଲେ। ୨୦୧୦ରୁ ସେ ଏଠାରେ କାର୍ଯ୍ୟରତ ଥିବାବେଳେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ଓ ଦକ୍ଷତା ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସର ଓଏସ୍‌ଡି ଭାବେ ସେ କାର୍ଯ୍ୟ କରିବା ସହ ଉତ୍କର୍ଷ କେନ୍ଦ୍ର ସଂଯୋଜକ ସମେତ ଗବେଷଣା ଓ ବିକାଶର ନିର୍ଦ୍ଦେଶକ ଥିଲେ। ସୂଚନା ଅନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମେ ୨୩ରୁ ଦାୟିତ୍ୱରୁ ଆବ୍ୟାହତ ନେଇଛନ୍ତି।

# ଏସ୍‌ସି, ଏସ୍‌ଟିଙ୍କ ଜମି ବିକ୍ରି ଅନୁମତିରେ ଅନିୟମିତତା

## ପ୍ରାକ୍ତନ ୬ ଉପଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

### ଏଜି ଅଡିଟ୍ ରିପୋର୍ଟରେ ଧରାପଡ଼ିଲା

**ସୋନପୁର,୨୭।୫ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ଲୋକଙ୍କ ଜମିକୁ ବିକ୍ରି ଅନୁମତି ପ୍ରଦାନରେ ଅନିୟମିତତା ହୋଇଛି। ଜିଲାର ବୀରମହାରାଜପୁର ଓ ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଇନ ଉଲ୍ଲଂଘନ କରାଯାଇ ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଛି। ଏହାର ଫାଇଦା ଧନୀ, ପ୍ରଭାବଶାଳୀ ଗୋଷ୍ଠୀ ନେଇଛନ୍ତି। ଏହାଦ୍ୱାରା ଏସ୍‌ସି ଓ ଏସ୍‌ଟିମାନେ କମ୍ ଦରରେ ଜମି ବିକ୍ରିକରି ଭୂମିହୀନ ହେଉଥିବା ବେଳେ ସେମାନଙ୍କ ଜମି ସାଧାରଣ ବର୍ଗର ଧନୀ ଲୋକଙ୍କ ହାତକୁ ଚାଲିଯାଉଛି। ଓଡ଼ିଶା ପ୍ରଧାନ ମହାଲେଖାଗାର(ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ)ଙ୍କ ଅଡିଟ୍ ରିପୋର୍ଟରୁ ଏହାର ପର୍ଦ୍ଦାଫାଶ ହୋଇଛି।

ରିପୋର୍ଟ ଅନୁଯାୟୀ ସମ୍ପୃକ୍ତ ଉପଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଏସ୍‌ସି ଓ ଏସ୍‌ଟିଙ୍କ ଜମି ସେମାନଙ୍କ ଖାତାକୁ ପୁନଃ ଫେରସ୍ତ ପାଇଁ ରାଜ୍ୟ ସରକାର ଓ ଜିଲାପାଳଙ୍କୁ ପତ୍ରସଂଖ୍ୟା ୧୧୦୫/୦୨।୦୨।୨୦୨୪ରେ ସିଏଜି ସୁପାରିସ କରିଛନ୍ତି। ତେବେ ଅନିୟମିତତାରେ ସମ୍ପୃକ୍ତଙ୍କ ବିରୋଧରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଏଥିନେଇ ଜିଲାର ଏସ୍‌ସି ଓ ଏସ୍‌ଟି ବର୍ଗର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

ପ୍ରଧାନ ମହାଲେଖାଗାରଙ୍କ ରିପୋର୍ଟ ଅନୁଯାୟୀ ବୀରମହାରାଜପୁର ଉପଜିଲାପାଳ ଏସ୍‌ସି, ଏସ୍‌ଟିଙ୍କ ୨୧୩.୯୩୮ ଏକର ଜମି ବିକ୍ରି ପାଇଁ ୨୧୮ ଜଣଙ୍କୁ ଅନୁମତି ଦେଇଛନ୍ତି। ଓଏଲ୍‌ଆର୍ ଆକ୍ଟର ଧାରା ୨୨ର ୧୮୧ଟି ମାମଲାର କାଗଜପତ୍ରକୁ ତର୍ଜମା ପରେ ୧୩୮ଟି ମାମଲାରେ ଅନିୟମିତତା ହୋଇଥିବା ପ୍ରମାଣ ମିଳିଛି; ଯେଉଁଥିରେ ୨୦୦.୭୫୩ ଏକର ଜମି ଯାହାର ସରକାରୀ ମୂଲ୍ୟ ୬କୋଟି ୧୭ଲକ୍ଷ ୭୦ହଜାର ୬୨୯ଟଙ୍କାର ଅନିୟମିତତା ହୋଇଛି। ସେହିପରି ସୋନପୁର ଉପଜିଲାପାଳ ଏସ୍‌ସି, ଏସ୍‌ଟିଙ୍କ ୧୮୧.୩୭ ଏକର ଜମି ବିକ୍ରି ପାଇଁ ୩୨୨ଜଣଙ୍କୁ ଅନୁମତି ଦେଇଛନ୍ତି। ୧୧୫ଟି ମାମଲାର କାଗଜପତ୍ରକୁ ତର୍ଜମା କରାଯାଇଥିଲା। ଯେଉଁଥିରେ ୧୦୧.୫୯୪ଏକର ଜମିର ଅନୁମତି ପ୍ରଦାନରେ ଅନିୟମିତତା ହୋଇଛି, ଯାହାର ସରକାରୀ ମୂଲ୍ୟ ୫କୋଟି ୨୩ଲକ୍ଷ ୧୪ହଜାର ୨୦୧ଟଙ୍କା। ୨୦୧୮ରୁ ୨୦୨୩ ମସିହା ମଧ୍ୟରେ ଜିଲାର ୬ଜଣ ପ୍ରାକ୍ତନ ଉପଜିଲାପାଳ ମୋଟ ୩୨୨.୩୪୭ଏକର ଏସ୍‌ସି, ଏସ୍‌ଟି ଜମିକୁ ବିକ୍ରି ପାଇଁ ଅନୁମତି ଦେଇଛନ୍ତି। ଯାହାର ସେତେବେଳର ସରକାରୀ ମୂଲ୍ୟ ୧୧କୋଟି ୪୦ଲକ୍ଷ ୮୪ହଜାର ୮୩୦ଟଙ୍କା ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ସମୟରେ ବୀରମହାରାଜପୁରରେ ଗୋପୀନାଥ ସାରକା, ସୁବ୍ରତ କୁମାର ବେହେରା ଓ ଅଶୋକ କୁମାର ଭୋଇ ଉପଜିଲାପାଳ ଥିଲେ। ତେବେ ଅଶୋକଙ୍କ ସମୟରେ ଅଧିକ ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଥିଲା। ସେହିପରି ସୋନପୁରରେ ବଳରାମ ମଲ୍ଲିକ, ନିହାର ରଞ୍ଜନ କହଁର ଓ ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ଉପଜିଲାପାଳ ଥିଲେ। ତେବେ ବଳରାମ ଓ ଇପ୍‌ସିତାଙ୍କ ସମୟରେ ଅଧିକ ଜମି ବିକ୍ରି ପାଇଁ ଅନୁମତି ମିଳିଥିବା ରିପୋର୍ଟରେ ଉଲ୍ଲେଖ ଅଛି। ରିପୋର୍ଟ ପାଇବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ସୋନପୁର ଓ ବୀରମହାରାଜପୁରଙ୍କ କାର୍ଯ୍ୟାଳୟକୁ କେସ୍ ରେକର୍ଡ ମଗାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସଙ୍କୁ ପଚାରିବାରୁ ଅଡିଟ୍ ରିପୋର୍ଟ ଅନୁଯାୟୀ ଅନିୟମିତତାର ପ୍ରମାଣ ମିଳିଛି। ତର୍ଜମାକଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଳିଆଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ପ୍ରତିବାଦ, ସ୍ଥାନ: ଗାଡ଼କଣ ଅଳିଆଗଦା ଗେଟ୍ ସମ୍ମୁଖ, ସମୟ: ସକାଳ ୯ଟା ।
- ପୋଖରୀ ସଫେଇ ଓ ପୋଖରୀ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ: ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ 'ନୃତ୍ୟ ବିଳାସ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## କଟକ
- ସୁଭାଷ ସଙ୍ଗଠନ ପକ୍ଷରୁ ଦଶତୁଣ୍ଡ ଅଭିଯାନ, ସ୍ଥାନ: ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ ଟା ।

## ଖୋର୍ଦ୍ଧା
- କୁଣ୍ଡଳେଶ୍ୱର ଦେବଙ୍କ ୨୧ତମ ମହାଯଜ୍ଞ ଉତ୍ସବ ଆରମ୍ଭ ଓ ଅଙ୍କୁରରୋପଣ, ସ୍ଥାନ: ମନ୍ଦିର ପରିସର, ଷଣ୍ଢପୁର, ଜଟଣୀ, ସମୟ: ସନ୍ଧ୍ୟା ୭ଟା ।

## ବାଲେଶ୍ୱର
- ଜିଲ୍ଲା ମୁନି ସମାଜ ପକ୍ଷରୁ ଯୋଗ କର୍ମଶାଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ସଦ୍‌ଗୁରୁ ଶିବମୁନି ଯୋଗାଶ୍ରମ, ହଳଦୀପଦା, ସମୟ: ଦିବସବ୍ୟାପୀ ।
- ମହାପ୍ରଭୁଙ୍କ ୩୨ ବେଶର ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୂତି, ଅନ୍ନ ମହୋତ୍ସବ, ଜଗନ୍ନାଥ ସଂସ୍କୃତି ଆଧାରିତ ଛାତ୍ରୀଛାତ୍ରଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ସାଧାରଣ ସଭା, କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଓ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ନିଶନପୁର, ଶଙ୍କରନାଥ ଜୀଉ ଓ ସରସ୍ୱତୀ ପୂଜା ମଣ୍ଡପ, ଭୋଗରାଇ, ସମୟ: ସକାଳୁ ରାତି ପର୍ଯ୍ୟନ୍ତ ।
- ଭୋଗରାଇ ବ୍ଲକରେ ଚାଷୀଙ୍କ ବିକ୍ଷୋଭ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ଭୋଗରାଇ, ସମୟ: ସକାଳ ୯ଟା ।
- ଏଫ୍‌ଏମ୍‌ୟୁରେ ଖବରଦାତା ସମ୍ମିଳନୀ, ସ୍ଥାନ: ମିନି କନଫରେନ୍ସ ହଲ୍, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ନବମ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଏଫ୍‌ଏମ୍‌ୟୁରେ ଇଷ୍ଟର୍ଣ୍ଣ ଇଣ୍ଡିଆ ଓରିଏଣ୍ଟାଲ କନଫରେନ୍ସର ଉଦ୍‌ଯାପନୀ ଦିବସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ୍, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଡ. ଜ୍ୟୋତିଷ୍କର ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ
- ରବି ଧାନ ବିକ୍ରି ପାଇଁ ଜିଲାସ୍ତରୀୟ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଧାମନଗର ସେବା ସମବାୟ ସମିତି, ସମୟ: ସକାଳ ୯ଟା ।
- ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ, ସ୍ଥାନ: ପ୍ରେସ୍ କ୍ଲବ୍ ପରିସର, ଧାମନଗର, ସମୟ: ଅପରାହ୍ନ ୪ଟା ।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ,ସମୟ: ସକାଳ ୬ଟା ।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ସକାଳ ୮ଟା ।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା ।

## ବ୍ରହ୍ମପୁର
- ଜୋନାଲସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ,ସମୟ: ସକାଳ ୭ଟା ।

## ରାୟଗଡ଼ା
- ବାଲ୍ୟ ବିବାହ ନିରାକରଣ ସଚେତନତା କର୍ମଶାଳା, ସ୍ଥାନ: ଗୁଡ଼ାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ପଦ୍ମପୁର ବ୍ଲକ୍ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ
- ଜିଲା ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସପ୍ତମ ରାଜ୍ୟ ବ୍ରଡ ବ୍ରାଣ୍ଡ କମିଟି ବୈଠକ, ସ୍ଥାନ: ମିଶନଶକ୍ତି ଗୃହ, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ଡିସିସି, ଡିଏଲଆରସି ବ୍ୟାଙ୍କର୍ସ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ଅପରାହ୍ନ ୪ଟା ।

## ମାଲକାନଗିରି
- ଆନ୍ତଃରାଜ୍ୟ ଟି- ୨୦ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ:ପେଡ଼ାକୋଣ୍ଡା, ସମୟ: ମଧ୍ୟାହ୍ନ ୧୨ ଟା ।

## ଜଗତ୍‌ସିଂହପୁର
- ପାରାଦୀପ ପୌର ପରିଷଦ କାଉନସିଲର ବୈଠକ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପ୍ରଶାସନିକ ଭବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା ।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ତ୍ତେଶ୍ୱର ଦେବ ପୀଠ, ବାଲିଚନ୍ଦ୍ରପୁର, ରାଜନଗର, ସମୟ: ସକାଳ ୬ଟା ।

## ସମ୍ବଲପୁର
- ସାଓଲିନ କୁଙ୍ଗ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସକାଶେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ସମ୍ବଲପୁରୀ ଡେରା ବିକାଶ ଶୀର୍ଷକ ଆଲୋଚନା, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା ।
- ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ।
- ନନ୍ଦପଡା ବମ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ନୃସିଂହ ନିଉତା କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପଡା ଛକ, ସମୟ : ରାତି ୮ଟା ।

## ବଲାଙ୍ଗୀର
- ଲୋଇସିଂହାର ୧୯ତମ ଜମିଦାରଙ୍କ ରାଜ ଅଭିଷେକ ସମାରୋହ, ସ୍ଥାନ: ରାଜବାଟି, ଲୋଇସିଂହା, ସମୟ: ସକାଳ ୮ଟା ।

## ରାଉରକେଲା
- ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା ।
- ରଜ ମଉଜ-୨୦୨୫ ପାଳନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨ କମ୍ୟୁନିଟି ସେଣ୍ଟର, ସମୟ: ଅପରାହ୍ନ ୫ଟା ।

## ବରଗଡ଼
- ସାରସ୍ୱତ ସାଧକ ଡକ୍ଟର ଗଙ୍ଗାଧର ଗୁରୁ ଜୟନ୍ତୀ, ସ୍ଥାନ:ରାଜବୋଡାସମ୍ବର ହାଇସ୍କୁଲ ପରିସର,ପଦ୍ମପୁର,ସମୟ:ସନ୍ଧ୍ୟା ୬ଟା ।

## ଦେବଗଡ଼
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦେବଗଡ଼ ଗସ୍ତ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦ ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରରେ ତ୍ରିରଙ୍ଗା ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା ।
- ସୋନପୁର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା ।
- ବାଗବର ଗୋଚର ଜମି ଜବରଦଖଲ ହଟାଇବା ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା ପାଇଁ ଟ୍ରେଜେରୀରୁ ସୁନା ନାଗ ଓ ଅଳଙ୍କାର ବାହାରିବେ, ସ୍ଥାନ: ସୁବର୍ଣ୍ଣପୁର ଟ୍ରେଜେରୀ ଅଫିସ, ସମୟ: ପୂର୍ବାହ୍ନ ୧୦ଟା ।
- ଗୋ ସେବା ପାଳନ କେନ୍ଦ୍ର ଉଦ୍‌ଘାଟିତ, ସ୍ଥାନ: କୁଲପଡା ସ୍ଥିତ ଗୋଶାଳା, ସମୟ: ପୂର୍ବାହ୍ନ ୧୦ଟା ।
- ବିନିକା ଶୀତଳଷଷ୍ଠୀ ମହୋତ୍ସବ ଉପଲକ୍ଷେ କନ୍ୟା ମନୋନୟନ ଓ ନିର୍ବନ୍ଧ, ସ୍ଥାନ: ବିଶ୍ୱେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ପାଇଁ ଦେବ ନିମନ୍ତ୍ରଣ, ସ୍ଥାନ: ଥନାପତିପଡା ସ୍ଥିତ ଚନ୍ଦ୍ରଶେଖର ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

# ରତୁସ୍ରାବ: ବଢୁଛି ସଚେତନତା

**ରତୁସ୍ରାବ ସ୍ୱଚ୍ଛତା ଦିବସ**

ଗାଁ ହେଉ କି ସହର ମାସିକ ରତୁସ୍ରାବ କଥା କହିବାରେ ପ୍ରାୟ ମହିଳା ସଂକୋଚ କରନ୍ତି। ଏପରିକି ନିଜ ଘର ଲୋକଙ୍କୁ ମଧ୍ୟ ଏସମ୍ପର୍କରେ କହିବାକୁ ଉଚିତ ମନେ କରନ୍ତି ନାହିଁ। ଏ କଥା ପଡିବା ମାତ୍ରେ ଝିଅ ବୋହୂମାନେ ଲାଜ କରି ନ ହେଲେ ମୁହଁ ଘୋଡାଇ ପଳାନ୍ତି। ହେଲେ ଏବେ ସମୟ ବଦଳିଛି ଆଉ ମହିଳାଙ୍କ ଭିତରରେ ସଚେତନତା ବଢ଼ିଛି। ଅପରପକ୍ଷେ ରତୁସ୍ରାବ ସ୍ୱଚ୍ଛତା ସମ୍ପର୍କରେ ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ୨୦୧୪ରୁ ମେ' ମାସ ୨୮କୁ ରତୁସ୍ରାବ ସ୍ୱଚ୍ଛତା ଦିବସ ଭାବେ ପାଳନ କରାଯାଇଆସୁଛି। ଏ କ୍ଷେତ୍ରରେ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଉଛି।

ରିପୋର୍ଟ: ସୁଚିସ୍ମିତା ସାହୁ, ଭୁବନେଶ୍ୱର

### ୪ରୁ ୬ ଘଣ୍ଟା ମଧ୍ୟରେ ପ୍ୟାଡ ବଦଳାନ୍ତୁ



ବର୍ତ୍ତମାନ ମହିଳା ଓ ଯୁବତୀଙ୍କ ମଧ୍ୟରେ ସଚେତନତା ବଢୁଥିବାରୁ ରତୁସ୍ରାବ ଜନିତ ସଂକ୍ରମଣ କମିବାରେ ଲାଗିଛି। ସରକାରଙ୍କ ପକ୍ଷରୁ ବିଦ୍ୟାଳୟରେ ନବାଗତ ଛାତ୍ରୀଙ୍କୁ ରତୁସ୍ରାବ ସମୟରେ କିପରି ନିଜକୁ ସ୍ୱଚ୍ଛ ରଖିବେ ସେ ସମ୍ପର୍କରେ ସଚେତନ କରାଯାଉଛି। ବାଳିକାମାନେ କପଡା ବ୍ୟବହାରକୁ ବନ୍ଦ କରି ପ୍ୟାଡ ପିନ୍ଧିବା ଆରମ୍ଭ କରିଛନ୍ତି। ସ୍କୁଲ ଏବଂ କଲେଜରେ ଛାତ୍ରୀଙ୍କୁ ପ୍ୟାଡ୍ ଯୋଗାଇ ଦିଆଯାଉଛି। ତେବେ ପ୍ରତି ୪ରୁ ୬ ଘଣ୍ଟା ମଧ୍ୟରେ ପ୍ୟାଡ ବଦଳାଇବାର ଆବଶ୍ୟକତା ରହିଛି। ଯଦି ରତୁସ୍ରାବ ଅଧିକ ପରିମାଣ କିମ୍ବା କମ ଦିନ ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

**– ପ୍ରଫେସର ଡା. ସୌମ୍ୟା ନନ୍ଦ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ**

### ଖାଦ୍ୟପ୍ରେୟ ଓ ଜୀବନଶୈଳୀ ପାଇଁ ଶୀଘ୍ର ରତୁସ୍ରାବ ହେଉଛି



ଅନେକ ମହିଳା ଏବେବି ଡାକ୍ତରଙ୍କ ପାଖକୁ ଆସି ରତୁସ୍ରାବ ସମ୍ପର୍କରେ ଠିକ୍ କଥା କହିବାକୁ ଲାଜ କରନ୍ତି। ଅବଶ୍ୟ ପୂର୍ବାପେକ୍ଷା ସଚେତନତା ବଢ଼ିଛି। ମାତ୍ର ଅନେକେ ରତୁସ୍ରାବ ସ୍ୱଚ୍ଛତାକୁ ମାନୁନାହାନ୍ତି। ସେଥିପାଇଁ ବିଦ୍ୟାଳୟ, ବାଳିକାଙ୍କ ସହିତ ମା' ଏବଂ ପରିବାର ଲୋକଙ୍କୁ ମଧ୍ୟ ସଚେତନ କରିବାକୁ ପଡିବ। ତେବେ ଖାଦ୍ୟପେୟ ଏବଂ ଜୀବନଶୈଳୀର ପରିବର୍ତ୍ତନ ଯୋଗୁଁ ଏବେ ବହୁ ବାଳିକା ୧୦ରୁ ୧୧ ବର୍ଷ ବୟସରେ ରତୁସ୍ରାବର ସମ୍ମୁଖୀନ ହେଉଛନ୍ତି। ଝିଅମାନଙ୍କୁ ଅଭିଭାବକମାନେ କିପରି ଏକ୍ଷେତ୍ରରେ କିପରି ସ୍ୱଚ୍ଛତା ବଢାଇ ହେବ ସେ ସମ୍ପର୍କରେ ବୁଝାଇବା ଜରୁରୀ।

**–ପ୍ରଫେସର ଡା. ମାୟା ପାଢ଼ୀ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ**

# ବିଦ୍ୟୁତ୍ ଆଘାତରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ବଞ୍ଚାଇବାକୁ ଯାଇ ସ୍ୱାମୀ ଗୁରୁତର**

ନାକଟିଦେଉଳ,୨୭ା୫(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ବାଟଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ସ୍ଥାନୀୟ ଭାଲୁଗାଡ଼ିଆ ଗାଁର ଅନିତା ପୁରୋହିତ(୫୨)ଙ୍କ ମଙ୍ଗଳବାର ସକାଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ସ୍ୱାମୀ ସନ୍ତୋଷ ଶତପଥୀ ଗୁରୁତର ହୋଇଛନ୍ତି। ସକାଳ ପ୍ରାୟ ୬ଟାରେ ନିଜ ଘର ବାଡ଼ିରେ ଥିବା କୂଅରୁ ପାଣି ଉଠାଇବା ପାଇଁ ମୋଟର ପମ୍ପ ଲଗାଉଥିବାବେଳେ ଅନିତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କଲାବେଳେ ସନ୍ତୋଷ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ଚିତ୍କାର ଶୁଣି ପାଖରେ ଥିବା ୨ଜଣ ଯୁବକ ସେଠାକୁ ଆସି ଏକ କାଠବାଡ଼ିରେ ବିଦ୍ୟୁତ୍ ତାରକୁ ପିଟି ଅଲଗା କରିଥିଲେ। ପରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ନାକଟିଦେଉଳ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଅନିତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନାକଟିଦେଉଳ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୬/୨୫) ରୁଜୁ ହୋଇଛି। ମୃତକଙ୍କ ପୁଅ ଆମେରିକାରେ ଚାକିରି କରୁଥିବା ବେଳେ ଝିଅ ଘରେ ରହିଛି। ଅନିତା ଗତ ୪ବର୍ଷ ହେଲା ବାଟଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଭାବେ କାର୍ଯ୍ୟ କରୁଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷୟିତ୍ରୀଭାବେ ତାଙ୍କର ସୁନାମ ଥିଲା। ତାଙ୍କ ବିୟୋଗରେ ଅଞ୍ଚଳବାସୀ ତଥା ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି।



ଅନିତା ପୁରୋହିତ

# ଇନ୍ଦିରା ଆବାସ ପାଇଥିବା ଅନେକ ହିତାଧିକାରୀ ପାଇବେ ପିଏମ୍ଏୱାଇ: ମନ୍ତ୍ରୀ

ଭୁବନେଶ୍ୱର, ୨୭ା୫(ସୁନିତ୍ ମିଶ୍ର)

**୩୧ ସୁଦ୍ଧା ପିଏମ୍ଏୱାଇ ପାଇଁ କରିହେବ ଆବେଦନ**

ରାଜ୍ୟରେ ଏପରି ପରିବାର ରହିଛନ୍ତି ଯେଉଁମାନେ ଇନ୍ଦିରା ଆବାସ ପାଇଥିଲେ। ସେଥିଲାଗି ସେମାନେ ଆଉ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ଏୱାଇ) ପାଇବାକୁ ଯୋଗ୍ୟ ହୋଇପାରିନାହାନ୍ତି। ସେତେବେଳେ ସେମାନେ ଇନ୍ଦିରା ଆବାସ ଯୋଜନାରେ ୪୮ ହଜାର ଟଙ୍କା ପର୍ଯ୍ୟନ୍ତ ପାଇଥିଲେ। ସେହି ହିତାଧିକାରୀମାନେ ଯେଉଁ ଘର କରିଥିଲେ ସେଗୁଡିକ ମଧ୍ୟ ଭାଙ୍ଗିଗଲାଣି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ନେଇ ନିର୍ଦ୍ଦେଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ତଳସ୍ତରକୁ ଯାଇ ଆହୁରି ଭଲରେ ସର୍ଭେ କରିବା ଲାଗି। ଯେଉଁମାନେ ଇନ୍ଦିରା ଆବାସ ପାଇଥିଲେ ଏବଂ ସେମାନଙ୍କ ଘର ନଷ୍ଟ ହୋଇଯାଇଛି ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ସାମିଲ କରାଯିବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ନାଏକ କହିଛନ୍ତି, ରାଜ୍ୟରେ ହିତାଧିକାରୀଙ୍କୁ ୨ ପ୍ରକାର ଯୋଜନାରେ ଘର ଦିଆଯାଉଛି। ଲୋକଙ୍କୁ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ କରାଯାଉଛି। ହେଲେ ସରକାରକୁ ଆସିବା ବେଳେ ହିତାଧିକାରୀଙ୍କ ତାଲିକା କିଛି ନ ଥିଲା। ସରକାରକୁ ଆସିବା ପରେ ନୂତନ ସର୍ଭେ ଆରମ୍ଭ ହୋଇଛି। ଆସନ୍ତା ୩୧ ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ଆବେଦନ କରିବାର ଶେଷ ସମୟ। ଏବେ ସୁଦ୍ଧା ୩୬ ଲକ୍ଷ ୮୧ ହଜାର ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ଆବେଦନ କରିଛନ୍ତି। ଯଦି ଆଉ କେହି ଯୋଗ୍ୟ ହିତାଧିକାରୀ ରହିଯାଇଛନ୍ତି ସେମାନେ ଆସନ୍ତା ୩ ଦିନ ମଧ୍ୟରେ ଆବେଦନ କରନ୍ତୁ । ରାଜ୍ୟ ସରକାର ଆଶା ରଖିଛନ୍ତି କେନ୍ଦ୍ରଠାରୁ ୨୨ ଲକ୍ଷ ଘର ମିଳିବ। ପରିସ୍ଥିତି ଅନୁଯାୟୀ ଯଦି ଅଧିକ ଘର ଆବଶ୍ୟକ ପଡ଼ିବ ତାହା କେନ୍ଦ୍ରକୁ ଜଣାଯିବ ଏବଂ ଲୋକଙ୍କୁ ଘର ଦିଆଯିବ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ଯେଉଁମାନେ ଆବେଦନ କରିଛନ୍ତି ୨ ମାସ ମଧ୍ୟରେ ସେମାନଙ୍କ ଆବେଦନକୁ ସର୍ଭେକରି କେନ୍ଦ୍ର ସରକାରଙ୍କ ନିକଟକୁ ତାଲିକା ପଠାଇଯିବ। ଏଭଳି ନିଷ୍ପତ୍ତି ବିଭାଗ ପକ୍ଷରୁ ନିଆଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ଗୃହ ବଣ୍ଟନ କରିଛନ୍ତି। ଏବେ ୧ ଲକ୍ଷ ୭ ହଜାର ଗୃହ ଅନ୍ତ୍ୟୋଦୟ ଘର ଦେବାକୁ ଯୋଜନା ରଖାଯାଇଛି। ଏହି ଘର ମୌସୁମୀ ପରେ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭାଜ୍ ଲୋ ବୋହୂ ବରୁଗୁଡ଼ି,**
**ବସିଥେଲେ ବୋହୂ ସୁନ୍ଦର ଦିଶେ,**
**ଚାଲିଗଲେ ଦିଶେ ନଳିଗୋଡ଼ି ।**

ନୂଆ ହୋଇ ଶାଶୁଘରେ ପାଦ ଦେଇଥିବା ବୋହୂକୁ ରୋଷେଇ ଓ ଘରକରଣା କାମରେ ନିପୁଣା କରାଇବାର ଦାୟିତ୍ୱ ସାଧାରଣତଃ ଶାଶୁ ଉପରେ ନ୍ୟସ୍ତ ଥାଏ। ତେବେ ବୋହୂ ଯଦି ନିଜ ଦାୟିତ୍ୱ ପ୍ରତି ସଚେତନ ନ ହୋଇ ଅବହେଳା ଦେଖାଏ, ତାହେଲେ ସେ ନିନ୍ଦା ଶରବ୍ୟର ପାତ୍ରୀ ହେଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଭୋଜି ହୋଇଥିଲେ ବରଷେ**
**ଘୋଷି ହେଉଥାଇ ପୁରୁଷେ।**

ସାଧାରଣତଃ ଭୋଜି ଭାତରେ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ମିଳିଥାଏ। ତେବେ ଏପରି ଭଲ ସୁଆଦିଆ ଖାଇବା କଥା ବହୁଦିନ ପାଇଁ ମନରେ ସ୍ମୃତି ହୋଇ ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ଚଳିତ ବର୍ଷ ସ୍ୱାଭାବିକଠାରୁ...

ଜୋନ୍‌ରେ ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ଓଡ଼ିଶା ସମେତ ଏହାର ଆଖପାଖ ଅଞ୍ଚଳ ରହିଛି। ଏହି ଅଞ୍ଚଳରେ ଅଧିକାଂଶ ବର୍ଷା ଦକ୍ଷିଣ ପଶ୍ଚିମ ମୌସୁମୀ ସମୟରେ ହୋଇଥାଏ। ଫଳରେ ଉକ୍ତ ଅଞ୍ଚଳର କୃଷିକାର୍ଯ୍ୟ ମୌସୁମୀ ବର୍ଷା ଉପରେ ଅଧିକ ନିର୍ଭର ରହିଥାଏ। ଉତ୍ତର-ପଶ୍ଚିମ ଭାରତରେ ସ୍ୱାଭାବିକ ବର୍ଷା ହେବା ସମ୍ଭାବନା ଥିବାବେଳେ ଭାରତର ଉତ୍ତର-ପୂର୍ବାଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ରେକର୍ଡ ହୋଇପାରେ। ସେହିପରି ଚଳିତ ମୌସୁମୀରେ ମଧ୍ୟ ଏବଂ ଦକ୍ଷିଣ ଭାରତରେ ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା ଥିବା ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

## ୨୦ କୋଟିର ଋଣବୋଝ...

ତେବେ ଏଥିପାଇଁ ଆଣିଥିବା ଋଣ ପରିମାଣ ବଢ଼ି ଚାଲିବାରୁ ସେ ଶୁଝିପାରି ନ ଥିଲେ। ଫଳରେ ବାଧହୋଇ ଫ୍ୟାକ୍ଟ୍ରି ବନ୍ଦ କରିଦେଇଥିଲେ। ଆର୍ଥିକ ସ୍ଥିତି ଖରାପ ହେବାରୁ ଦିନେ ପ୍ରବୀଣଙ୍କୁ ପଞ୍ଚକୁଲା ଛାଡ଼ିବାକୁ ପଡ଼ିଲା। ସେ ଡେରାଡୁନରେ ରହିଲେ। ସେଠାରେ ରହିବା ଭିତରେ ପ୍ରବୀଣ ପରିବାରଠାରୁ ଦୀର୍ଘ ୬ ବର୍ଷ ଧରି କୌଣସି ପ୍ରକାର ଯୋଗାଯୋଗ କରି ନ ଥିଲେ। ସେ ପରବର୍ତ୍ତୀ ସମୟରେ ପଞ୍ଜାବର ଖରାର ଓ ହରିୟାଣାର ପିଞ୍ଜୋରକୁ ଗଲେ। ପିଞ୍ଜୋରରେ ପ୍ରବୀଣ ନିଜ ଶ୍ୱଶୁରଘରେ ରହିବା ପରେ ମାସକ ତଳେ ପୁଣି ପଞ୍ଚକୁଲାକୁ ଫେରିଥିଲେ। ସେଠାରେ ସେ ଏକ ଟ୍ୟାକ୍ସି ଡ୍ରାଇଭର ଭାବେ କାର୍ଯ୍ୟ କରିବାକୁ ଲାଗିଲେ। ବ୍ୟାଙ୍କ ତାଙ୍କର ଦୁଇଟି ଫ୍ଲାଟ୍ ଓ ଗାଡ଼ିଗୁଡ଼ିକୁ ମଧ୍ୟ ବାଜ୍ୟାପ୍ତ କରିଥିଲା। ଇତିମଧ୍ୟରେ ସୋମବାର ପ୍ରବୀଣ ଓ ତାଙ୍କ ପରିବାର ଲୋକେ ବାଗେଶ୍ୱର ଧାମକୁ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ କାର୍‌ରେ ଫେରୁଥିଲେ। ରାସ୍ତାରେ ଯିବାବେଳେ ପ୍ରବୀଣଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ବିଷ ପିଇଦେଇଥିବା କୁହାଯାଉଛି। ପୁନୀତ ରାଣା ନାମକ ଜଣେ ସ୍ଥାନୀୟ ବ୍ୟକ୍ତି ରାତି ୧୦ଟାରେ ସେହି ରାସ୍ତା ଦେଇ ଯାଉଥିବାବେଳେ ସେମାନଙ୍କୁ ଦେଖିଥିଲେ। ସେ ଖବର ଦେବା ପରେ ପୋଲିସ ଆସି ପହଞ୍ଚିଥିଲା। ୬ ଜଣ କାର୍ ଭିତରେ ପ୍ରାଣ ହରାଇଥିବାବେଳେ ଜଣଙ୍କୁ ହସ୍ପିଟାଲକୁ ନେବାବେଳେ ବାଟରେ ଆଖି ବୁଜି ଦେଇଥିଲେ। ୩ ପିଲାଙ୍କ ମଧ୍ୟରୁ ୨ ଝିଅଙ୍କ ବୟସ ୧୩ ବର୍ଷ ହୋଇଥିବାବେଳେ ପୁଅ ହାର୍ଦ୍ଦିକଙ୍କୁ ୧୫ ବର୍ଷ ହୋଇଥିଲା। ଅଧିକ ତଦନ୍ତ ଜାରି ରହିଥିବା ପଞ୍ଚକୁଲା ଡିସିପି ହିମାଦ୍ରୀ କୌଶିକ ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଠିକ୍ ଭାବେ ଆତ୍ମପ୍ରକାଶ କରିବା କଷ୍ଟକର ହେବ। ଯଦିଓ ବିଶେଷ କିଛି ଗୁରୁତର ସମସ୍ୟା ନାହିଁ ତଥାପି ଅସୁସ୍ଥତା ଅନୁଭବ କରିବେ। ସାମାଜିକ କ୍ଷେତ୍ରରେ ଅଟକିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ । କୃଷି, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** – ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରର ସମସ୍ୟା ସୁଧାରିବାକୁ ପ୍ରଯତ୍ନ କରିବେ। ପରିବାରରେ ମାନସିକ ଚାପର ପ୍ରଭାବ ଲାଗିରହିବ। ଏମିତି କେତେକ କଥା ରହିଛି ଯାହାକୁ ଅନ୍ୟମାନଙ୍କୁ କହିପାରିବେ ନାହିଁ ଫଳରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରୁ ଖୁସି ହେବେ।

**ମିଥୁନ** – ବନ୍ଧୁମାନଙ୍କ ସହାନୁଭୂତିରେ ସୁଯୋଗ ଲାଭକରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଆଜି ଯାଏଁ ଆପଣ କରିପାରୁ ନ ଥିଲେ ଆଜି ତାହା ସୁବିଧାରେ ସମ୍ପନ୍ନ ହୋଇଯିବ। ମାତ୍ର ପରିବାର ସହମତିରେ କାମକଲେ ଅବଶ୍ୟ ଉପକୃତ ହେବେ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ** – ଆଜି ଆପଣ ପ୍ରତିବନ୍ଧକର ସାମ୍ନାକରି କାମ ହାସଲ କରିବାରେ ସମର୍ଥ ହେବେ। ଯାହା କରିବା ପାଇଁ ଚିନ୍ତା କରିଥିଲେ ସେହି କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ସିଂହ** – ପରିବାରର ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ଶିଳ୍ପ, ବାଣିଜ୍ୟ, ସଙ୍ଗଠନ, ପ୍ରଶାସନ, ବେତାର, ଗଣ ଯୋଗାଯୋଗ ପାଇଁ ଦିନଟି ଭଲ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ କ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବାରୁ ଚିନ୍ତିତ ରହିପାରନ୍ତି ।

**କନ୍ୟା** – ଆଜିର ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ। ଅନ୍ୟମାନଙ୍କ ସକାଶେ ଯେଉଁ କାମଟିକୁ ଆରମ୍ଭ କରିବାକୁ ମନ ବଳାଇଥିଲେ ତାହା କରିପାରିବେ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବା ସହ ପ୍ରଶଂସିତ ହୋଇପାରନ୍ତି। ସାଙ୍ଗସାଥୀଙ୍କ ସହ ଭ୍ରମଣ ସୁଯୋଗ ଲାଭକରି ଖୁସିହୋଇପାରନ୍ତି।

**ତୁଳା** – ଆଜି ହାତ ଖାଲି ରହିବ ନାହିଁ, ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ। ସାହିତ୍ୟ, ସଙ୍ଗୀତ, ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ନୀରବ ରହିଲେ ସମସ୍ୟା ଆଗକୁ ବଢ଼ିପାରିବ ନାହିଁ।

**ବିଛା** – ଅଯଥା ଭୟ, ଆଶଙ୍କା ଓ ଉଦ୍‌ବେଗ ମଧ୍ୟରେ ଦିନଟି କଟାଇବେ। ସ୍ୱାସ୍ଥ୍ୟଗତ ସମସ୍ୟା ମନକୁ ନିରୁତ୍ସାହିତ କରିପାରେ। ଭୁଲ୍ ବୁଝାମଣାବଶତଃ ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ପ୍ରାୟତଃ ଭଲ ହେବ।

**ଧନୁ** – ପାରିବାରିକ ଅଶାନ୍ତି ରହିଥିଲେ ମଧ୍ୟ ପରିସ୍ଥିତିକୁ ଆଖି ଆଗରେ ରଖି କାମ କଲେ କୌଣସି ଅସୁବିଧା ହେବ ନାହିଁ। ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରଙ୍କ ସମ୍ମୁଖରେ ନିଜ ମନର ଭାବକୁ ପ୍ରକାଶ କରିବାରେ ପଛାଇଯାଇପାରନ୍ତି। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ।

**ମକର** – ପରୋକ୍ଷ ଶତ୍ରୁତା, କରଜ ଏବଂ ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଯେତେ ଯାହା କରନ୍ତୁ ଆଦୌ ପସନ୍ଦ ନ ଥିବା ଲୋକମାନେ ନିନ୍ଦା ରଚନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** – ଆଜି ମାନ୍ଦା ବେପାର, ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୂର୍ବବନ୍ଧୁ ଖବର ନେଇ ଆସିବେ। ବନ୍ଧୁଙ୍କ ସହାୟତାରେ କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତିରୁ ମୁକ୍ତି ମିଳିବ। ବହୁ ଦିନର ନୂଆ ଯୋଜନା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** – ପାରିବାରିକ ସ୍ଥିରତା ଓ କର୍ମକ୍ଷେତ୍ରର ସ୍ଥିତି ଅକ୍ଷୁଣ୍ଣ ରହିଥିବାରୁ ଖୁସି ହେବେ। କର୍ମକ୍ଷେତ୍ରରେ ବାରମ୍ବାର ସମସ୍ୟା ଯୋଗୁ ମନ ଭାରାକ୍ରାନ୍ତ ରହିବ। ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ନ ହେଲେ ମଧ୍ୟ ବ୍ୟବସାୟ, ପରିବହନରେ ସମସ୍ୟା ଲାଗି ରହିବ। ସ୍ଥାନାନ୍ତର ସକାଶେ ରାଜନୈତିକ ଚାପର ସମ୍ମୁଖୀନ ହୋଇପାରନ୍ତି।

ଆଜି ମେ ୨୮ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ବୁଧବାର। ରାଶିନକ୍ଷତ୍ର- ମୃଗଶିରା/ବୃଷ, ଘ.୦୧।୨୭ ମି. ଗତେ ମିଥୁନ ଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ୦୭।୪୮ ଗତେ,୦୮।୨୭ ମଧ୍ୟେ, ଘ.୧୦।୦୫ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୧।୪୪ ଗତେ, ଘ.୦୧।୨୨ ମଧ୍ୟେ ରାହୁକାଳ।

# ଟନେଲ ଭୁଶୁଡ଼ିଥିବା ସ୍ଥାନରେ ପିସିସି ସଭାପତି



ଟନେଲ ଭୁଶୁଡିଥିବା ସ୍ଥାନରେ ପିସିସି ସଭାପତି ଓ କଂଗ୍ରେସ କାର୍ଯ୍ୟକର୍ତ୍ତା।

## ଘଟଣା ପାଇଁ ରେଳ ବିଭାଗକୁ ଦାୟୀ କଲେ

ବୌଦ୍ଧ/ହରଭଙ୍ଗା,୨୭।୫(ଅଜିତ କୁମାର ବାରିକ/ ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣିଗଡ ପଞ୍ଚାୟତରେ ଖୋର୍ଦ୍ଧା–ବଲାଙ୍ଗୀର ରେଳ ପ୍ରକଳ୍ପର ୪ଟି ଟନେଲ କାମ ଚାଲିଥିବାବେଳେ ଗତ ସୋମବାର କଖାରୁଫାଳଠାରେ ୪ ନଂ. ଟନେଲ ଭୁଶୁଡିଯିବାରୁ ୩୦ ଫୁଟ୍ ଗର୍ତ୍ତ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଟନେଲ ଭୁଶୁଡିବା ପରେ ମଙ୍ଗଳବାର ସକାଳେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେ ରେଳ ବିଭାଗ ଓ ଠିକା ସଂସ୍ଥା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଘଟଣା ପାଇଁ ସେ ରେଳ ବିଭାଗକୁ ଦାୟୀ କରିଛନ୍ତି। ରେଳ ବିଭାଗର ଅବହେଳା ଯୋଗୁ ଉକ୍ତ ଘଟଣା ଘଟିଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମୟରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପିସିସି ସଭାପତି ଦାସ ତାଙ୍କ ଇସ୍ତଫା ଦାବି କରିଛନ୍ତି। ଏଥିସହ ଠିକ୍ ଭାବେ ମାଟି ପରୀକ୍ଷା କରାଯାଇ ନ ଥିବାରୁ ଏପରି ଘଟଣା ଘଟିଥିବା ସେ କହିଛନ୍ତି। ସେହିପରି ସରକାର ସିଧାସଳଖ ଜମି ଅଧିଗ୍ରହଣ ନ କରି ଦଲାଲ ମାଧ୍ୟମରେ ଜମି ହସ୍ତଗତ କରିଥିବା ଯୋଗୁ ପିସିସି ସଭାପତି ତୀବ୍ର ସମାଲୋଚନା କରିଛନ୍ତି। ଜମି ହରାଇଥିବା ପରିବାରଙ୍କୁ ଶୀଘ୍ର ଉପଯୁକ୍ତ କ୍ଷତିପୂରଣ ନ ଦେଲେ ରାଜ୍ୟ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସମୟରେ ପିସିସି ସଭାପତିଙ୍କ ସହ ରାଜ୍ୟ କଂଗ୍ରେସ ଉପସଭାପତି ସନ୍ତୋଷ ସିଂ ସାଲୁଜା, ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା, ବୌଦ୍ଧ ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର, ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କର୍ଣ୍ଣ, କଣ୍ଟାମାଳ ବ୍ଲକ ସଭାପତି ସୁଶାନ୍ତ ମଲିକ, କେଶବ କ୍ଷେତି, ସମରେନ୍ଦ୍ର ମହାକୁଲ, ପ୍ରଦୀପ ମଲିକ, ଦେବେନ୍ଦ୍ର ନାୟକ, ପ୍ରଦୀପ ଯୋଶୀ, କନ୍ଧମାଳ ଜିଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ପୁଣି ଭୁଶୁଡ଼ିଲା ନିର୍ମାଣାଧୀନ ଟନେଲ



ଟନେଲ ଭୁଶୁଡ଼ି ୩୦ ଫୁଟର ଗାତ ସୃଷ୍ଟି ହୋଇଛି।

ବୌଦ୍ଧ/ହରଭଙ୍ଗା,୨୭।୫(ଅଜିତ କୁମାର ବାରିକ / ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଆଡେଣିଗଡ଼ ନିକଟ କଖାରୁଫାଳଠାରେ ନିର୍ମାଣାଧୀନ ଖୋର୍ଦ୍ଧା–ବଲାଙ୍ଗୀର ରେଳପଥର ୪ ନଂ. ଟନେଲ ଗତ ସୋମବାର ଭୁଶୁଡ଼ି ପଡ଼ିଥିଲା। ଏହି ଟନେଲ ଭୁଶୁଡ଼ିଯିବାରୁ ୩୦ ଫୁଟର ଏକ ଗାତ ସୃଷ୍ଟି ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ଉକ୍ତ ଭୁଶୁଡ଼ିଥିବା ଟନେଲ ସ୍ଥାନଠାରୁ ପୁଣି ୫୦ ମିଟର ଦୂରତାରେ ଆଉ ଏକ ସ୍ଥାନରେ ୧୦ ଫୁଟର ଗୋଲେଇ ହେବା ସହ ୩୦ ଫୁଟର ଗାତ ସୃଷ୍ଟି ହୋଇଛି। ଫଳରେ ଦୁଇ ଦିନରେ ଦୁଇ ଥର ଭୁଶୁଡ଼ିଥିବାରୁ ରେଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେବ ବୋଲି ଅନୁମାନ କରାଯାଉଛି। ଭୁଶୁଡ଼ିଥିବା ସ୍ଥାନଗୁଡ଼ିକର ମାଟି ହାଲୁକା ଥିବାରୁ ସମାନ୍ୟ ବର୍ଷା ଯୋଗୁ ଭୁଶୁଡୁଥିବା କୁହାଯାଉଛି। ଆଗାକୁ ଜୋର ବର୍ଷା ହେଲେ ପୁଣି ଟନେଲ ଭୁଶୁଡ଼ିବା ଆଶଙ୍କା କରାଯାଉଛି।

# ଗତବର୍ଷ ତୁଳନାରେ ଏପ୍ରିଲ ସୁଦ୍ଧା ସାମଗ୍ରିକ ଖର୍ଚ୍ଚରେ ୩୪% ବୃଦ୍ଧି

ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)

ଗତବର୍ଷ ତୁଳନାରେ ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ସାମଗ୍ରିକ ଖର୍ଚ୍ଚରେ ୩୪% ବୃଦ୍ଧି ଘଟିଛି। ଏହାସହ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଗତବର୍ଷ ତୁଳନାରେ ୬୬% ଖର୍ଚ୍ଚ ବୃଦ୍ଧି ହୋଇଛି। ବଜେଟ ପ୍ରାବଧାନ ଅନୁସାରେ ପ୍ରତ୍ୟେକ ବିଭାଗ ନିଜ ସ୍ତରରେ ପ୍ରତ୍ୟେକ ମାସରେ କାର୍ଯ୍ୟର ଅଗ୍ରଗତି ଓ ତଦନୁଯାୟୀ ଖର୍ଚ୍ଚର ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବିଭିନ୍ନ ମାଧ୍ୟମରୁ ସଂଗୃହିତ ନିଜସ୍ୱ କର ଓ ଅଣକର ଆଦାୟ ସ୍ଥିତି ଅନୁଧ୍ୟାନ କରାଯାଇଛି। ୨୦୨୫–୨୬ ବଜେଟରେ ରହିଥିବା ନୂଆ ଯୋଜନାର କାର୍ଯ୍ୟକାରିତା ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏହା ଉପରେ ଆଲୋଚନା କରାଯାଇଛି। ବୈଠକରେ ୨୦୨୫–୨୬ ଆର୍ଥିକ ବର୍ଷର ବଜେଟ ପ୍ରାବଧାନ ଅନୁସାରେ ଚଳିତ ଏପ୍ରିଲ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସମ୍ପର୍କରେ ଅର୍ଥ ବିଭାଗ ତରଫରୁ ସ୍ଥିତି ଉପସ୍ଥାପନ କରାଯାଇଛି। ବିଭିନ୍ନ ବିଭାଗରେ ଓସ୍‌ୱାସ୍ ବା କମ୍ପ୍ୟୁଟରୀକରଣ ବ୍ୟବସ୍ଥାରେ ସରକାରୀ ନଥି ପ୍ରୋସେସିଂ କାର୍ଯ୍ୟ ସାଧାରଣତଃ ସହକାରୀ ଉପବିଭାଗ ଅଧିକାରୀ, ଉପବିଭାଗ ଅଧିକାରୀ(ଏଏସ୍‌ଓ–ଏସ୍‌ଓଙ୍କ)ଠାରୁ ଆରମ୍ଭ ହୋଇ ବିଭିନ୍ନ ଉପରିସ୍ଥ ଅଧିକାରୀଙ୍କ ସ୍ତର ଦେଇ ପ୍ରାୟ ୫–୬ଟି ପର୍ଯ୍ୟାୟରେ ଶେଷରେ ବିଭାଗୀୟ ସଚିବଙ୍କ ନିକଟରେ ପରବର୍ତ୍ତୀ ନିଷ୍ପତ୍ତି ବା ଆଦେଶ ପାଇଁ ନଥି ପହଞ୍ଚୁଥିବାରୁ ସରକାରୀ କାର୍ଯ୍ୟ ବିଳମ୍ବିତ ହେଉଥିବା ପରିଲକ୍ଷିତ ହେଉଛି। ଏହି ପ୍ରକ୍ରିୟାକୁ ସରଳ କରାଯାଇ ଯେପରି ସର୍ବାଧିକ ୩ଟି ସ୍ତର ଦେଇ ନିଷ୍ପତ୍ତି ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ନଥି ପହଞ୍ଚିବ ସେଥିପାଇଁ ଏହି ବିଭିନ୍ନ ସ୍ତରୀୟ ବ୍ୟବସ୍ଥାକୁ କମାଯାଇ (ଡିଲେୟାରିଂ) ପ୍ରକ୍ରିୟାରେ ଏହି ବ୍ୟବସ୍ଥାର ସରଳୀକରଣ କରାଯିବ। ସେହିପରି ଆଗାମୀ ଦିନରେ କେତେକ ବିଭାଗ ତରଫରୁ ଆଗତ ହେବାକୁ ଥିବା ବିଭିନ୍ନ ନୀତି ଓ ନିର୍ଦ୍ଦେଶାବଳୀ ସମ୍ପର୍କରେ ଚୂଡ଼ାନ୍ତ ପ୍ରସ୍ତାବ ପାଇଁ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି।

# ହାର୍ଡକୋର ମାଓବାଦୀ ବିଜୟଙ୍କ ଆତ୍ମସମର୍ପଣ

ରାୟଗଡ଼ା,୨୭।୫ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଏସ୍‌ପିଙ୍କ ନିକଟରେ ମଙ୍ଗଳବାର ଜଣେ ହାର୍ଡକୋର ମାଓବାଦୀ ବିଜୟାପୁନେମ୍ ଓରଫ୍ ବିଜୟ ଆତ୍ମସମର୍ପଣ କରିଛନ୍ତି। ବିଜୟଙ୍କ ନିଜ ଘର ଛତିଶଗଡ଼ର ବିଜାପୁର ଜିଲା ଅନ୍ତର୍ଗତ ହୁସୁର ଥାନା ବାଟିଗୁଡ଼େମ ଗ୍ରାମରେ। ବିଜୟ ବାସଧାରା–ଘୁମସୁର–ନାଗାବଳୀ ଡିଭିଜନର ଜଣେ ହାର୍ଡକୋର ମାଓବାଦୀ ଥିଲେ ବୋଲି ରାୟଗଡ଼ା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସ୍ୱାଥୀ ଏସ୍.କୁମାର ସୂଚନା ଦେଇଛନ୍ତି। ବିଜୟଙ୍କଠାରୁ ପୋଲିସ ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ୮ ରାଉଣ୍ଡ ଗୁଳି ଏବଂ ଗୋଟିଏ ୱାକିଟାକି ଜବତ କରିଛି। ବିଜୟଙ୍କ ଉପରେ ୪ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ଛତିଶଗଡ଼, ମାଲକାନଗିରି, କୋରାପୁଟ, ନୂଆପଡ଼ା, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ା ଜିଲାରେ ଘଟିଥିବା ବିଭିନ୍ନ ମାଓବାଦୀ ହିଂସାରେ ବିଜୟ ଜଡ଼ିତ ଥିବା ରାୟଗଡ଼ା ଏମ୍‌ପି ସ୍ୱାଥୀ ସୂଚନା ଦେଇଛନ୍ତି।

ବିଜୟ ୨୦୦୯ରେ ସିପିଆଇ ମାଓବାଦୀ ସଂଗଠନରେ ସାମିଲ ହୋଇଥିଲେ। ପରେ ପ୍ରଶିକ୍ଷଣ ଶେଷ ହେବା ପରେ ମଡେମ ବାଲକ୍ରିଷ୍ଣା ଓରଫ୍ ମନୋଜଙ୍କ ସୁରକ୍ଷା ଟିମ୍ ଦାୟିତ୍ୱରେ ରହିଥିଲେ। ୨୦୧୪ରେ ବିଜୟ ମାଓବାଦୀଙ୍କ ଏସିଏମ୍ ର୍‍ୟାଙ୍କକୁ ପଦୋନ୍ନତି ପାଇ ମନୋଜଙ୍କ ଗନ୍‌ମ୍ୟାନ୍ ଭାବେ କାମ କରିଥିଲେ। ୨୦୨୩ରେ ତାଙ୍କୁ ବିଜିଏନ୍ ଡିଭିଜନକୁ ପଠାଯାଇଥିଲା। ସେବେଠାରୁ ସେ ଘୁମସୁର ଏସିରେ କାର୍ଯ୍ୟରତ ଥିଲେ। ଆତ୍ମସମର୍ପଣ କରିଥିବା ବିଜୟ କନ୍ଧମାଳ ଜିଲା କୋଟଗଡ଼ ଥାନାର ବଣ୍ଡିପାଙ୍ଗା ଗ୍ରାମର ମେଟଲା ରଇତଙ୍କ ହତ୍ୟା ମାମଲା, କୋଟଗଡ଼ ଥାନା ଅନ୍ତର୍ଗତ ମେରାଗୁଡି ଗ୍ରାମ ନିକଟସ୍ଥ ଜଙ୍ଗଲ ଏବଂ ତୁମୁଡିବନ୍ଧ ଥାନା ଅନ୍ତର୍ଗତ ସିରଲା ଗ୍ରାମ ନିକଟସ୍ଥ ଜଙ୍ଗଲ, ରାଇକିଆ ଥାନା ଅନ୍ତର୍ଗତ ଚଢ଼େଇପାଲି ଜଙ୍ଗଲ ଓ ଗୋଛାପଡା ଥାନା ଅନ୍ତର୍ଗତ କୋଡାଙ୍ଗ ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟ ଘଟଣାରେ ସାମିଲ ଥିଲେ। ସେହିଭଳି ୨୦୨୨ରେ ଛତିଶଗଡ଼ର ଗାରିଆବନ୍ଧ ଜିଲାର ଜୋଡେଇପାଣି, ସିକସାର ଜଙ୍ଗଲରେ ହୋଇଥିବା ଗୁଳି ବିନିମୟରେ ସେ ସାମିଲ ଥିବା ଏସ୍‌ପି ସୂଚନା ଦେଇଛନ୍ତି। ତାଙ୍କ ନାଁରେ ବିଭିନ୍ନ ଥାନାରେ ୭ଟି ମାମଲା ରହିଛି। ସିପିଆଇ(ମାଓବାଦୀ) ସଙ୍ଗଠନର ଭୁଲ୍ ଚିନ୍ତାଧାରା, ନେତାଙ୍କ ଦୁର୍ବ୍ୟବହାର ଓ ଆଦର୍ଶ ବିହୀନ ସଙ୍ଗଠନ ଯୋଗୁ ସେ ମାଓବାଦୀ ସଂଗଠନ ଉପରେ ବିମୁଖ ହୋଇ ଆତ୍ମସମର୍ପଣ କରିଥିବା ବିଜୟ କହିଛନ୍ତି। ଆଗକୁ ତାଙ୍କ ସ୍ତ୍ରୀ ଓ ଅନେକ ସାଥୀ ଆତ୍ମସମର୍ପଣ କରିବେ ବୋଲି ମାଓବାଦୀ ବିଜୟ ସୂଚନା ଦେଇଛନ୍ତି। ତେବେ ୨୦୦୬ରୁ ୨୦୨୪ ଯାଏ ରାୟଗଡ଼ା ଜିଲାରେ ୨୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ଏସ୍‌ପି ସ୍ୱାଥୀ କହିଛନ୍ତି ।



ରାୟଗଡ଼ା ଏସ୍‌ପି ସ୍ୱାଥୀ ଏସ୍.କୁମାରଙ୍କ ନିକଟରେ ଆତ୍ମସପର୍ମଣ କରିଥିବା ମାଓବାଦୀ।

# ୪ ହାର୍ଡକୋର୍ ସମେତ ୧୮ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୭।୫ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ପୋଲିସ ନିକଟରେ ମଙ୍ଗଳବାର ୪ ପିଏଲ୍‌ଜିଏ ସଦସ୍ୟଙ୍କ ସମେତ ୧୮ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ନାମରେ ୧୬ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିଲା। ୧୮ ଜଣଙ୍କ ନାମରେ ମୋଟ ୩୯ ଲକ୍ଷ ଟଙ୍କାର ପୁରସ୍କାର ରହିଛି। ଏମାନେ ଛତିଶଗଡ଼ ବିଜାପୁର, ସୁକ୍‌ମା ଜିଲାରେ ଅନେକ ବଡ଼ ବଡ଼ ହିଂସାରେ ଜଡ଼ିତ ଥିଲେ। ତେବେ ବର୍ତ୍ତମାନ ଯବାନଙ୍କ କୋମ୍ବିଂ, ବିଭିନ୍ନ ସ୍ଥାନରେ କ୍ୟାମ୍ପ ସ୍ଥାପନକୁ ଭୟକରି ଏମାନେ ଦଳ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲହେବା କହିଛନ୍ତି। ଏମାନଙ୍କୁ ସରକାରଙ୍କ ପୁନଃ ଥଇଥାନ ନୀତିରେ ଥିବା ସମସ୍ତ ସୁବିଧା ଯୋଗାଇଦେବା ସହ ଅନ୍ୟ ମାଓବାଦୀଙ୍କୁ ମଧ୍ୟ ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପୋଲିସ ପକ୍ଷରୁ ଆହ୍ୱାନ ଦିଆଯାଇଛି।




ଆତ୍ମସମର୍ପଣ କରିଥିବା ମାଓବାଦୀ ।



ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ

-ଚନ୍ଦ୍ର ଦର୍ଶନ, ପୂଜା ଓ ଉପବାସ



# ଋଣ ମୃତ୍ୟୁ

ହରିୟାଣାର ପଞ୍ଚକୁଳାଠାରେ ୨୬ ମେ' ରାତିରେ ଘଟିଥିବା ଏକ ଅଘଟଣ ଏବେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ଋଣ ଶୁଝି ନ ପାରିବାରୁ ବ୍ୟବସାୟୀ ପ୍ରବୀଣ ମିତ୍ତଲ ତାଙ୍କ ସ୍ତ୍ରୀ, ୩ ପିଲା ଏବଂ ମାତାପିତାଙ୍କୁ ବିଷ ଦେଇ ଆତ୍ମହତ୍ୟା କରାଇ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପଞ୍ଚକୁଳା ରାସ୍ତାକଡ଼ରେ ଗୋଟେ କାର୍ ରାତିରେ ଥୁଆ ହୋଇଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେଥିରୁ ୬ ଜଣ ସଂଜ୍ଞାହୀନ ଥିଲେ ଓ ଆଉ ଜଣେ ଗାଡ଼ି ଭିତରୁ ବାନ୍ତି କରୁଥିବା ଦେଖାଯାଇଥିଲା। ବାନ୍ତି କରୁଥିବା ବ୍ୟକ୍ତି ଥିଲେ ପ୍ରବୀଣ ମିତ୍ତଲ। ସ୍ଥାନୀୟ ଲୋକଙ୍କୁ ସେ ନିଜ ଦୁଃଖଦ କାହାଣୀ ବର୍ଣ୍ଣନା କରି କହିଥିଲେ ଯେ ୬ ଜଣ ମରିସାରିଲେଣି ଓ ତାଙ୍କର ମଧ୍ୟ କିଛି ସମୟ ପରେ ମୃତ୍ୟୁ ଘଟିବ। ସଙ୍ଗେ ସଙ୍ଗେ ଲୋକେ ତାଙ୍କୁ ଡାକ୍ତରଖାନା ନେଉଥିବା ବେଳେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଗାଡ଼ି ଭିତରୁ ସୁଇସାଇଡ୍ ନୋଟ ଜବତ କରିଥିଲା। ସେଥିରେ ଉଲ୍ଲେଖ ଥିଲା ଯେ, ଋଣ ଶୁଝି ନ ପାରିବା ଯୋଗୁ ପରିବାର ଆତ୍ମହତ୍ୟା ପଥ ବାଛି ନେଇଛନ୍ତି।

ଋଣ ପରିଶୋଧ ସମ୍ଭବ ନ ହେବାରୁ ୭ ଜଣଙ୍କ ଆତ୍ମହତ୍ୟା ଘଟଣାରୁ ଏହା ବୁଝାପଡ଼ିଯାଉଛି ଯେ, ପରିବାର ଉପରେ କେଉଁ ଧରଣର ମାନସିକ ଚାପ ପଡ଼ିଥିବ। ଶୁଣିବାକୁ ମିଳୁଛି ପ୍ରବୀଣ ହିମାଚଳ ପ୍ରଦେଶରେ ସ୍କ୍ରାପ୍ ବ୍ୟବସାୟ କରୁଥିଲେ। ବ୍ୟବସାୟ ବଢ଼ାଇବା ପାଇଁ ପ୍ରାୟ ୨୦ କୋଟି ଟଙ୍କା ଲୋନ୍ କରିଥିଲେ। ଋଣ ଶୁଝି ନ ପାରିବାରୁ ତାଙ୍କ ୨ଟି ଫ୍ଲାଟ, ଗାଡ଼ି ଆଦି ସମ୍ପତ୍ତିକୁ ବ୍ୟାଙ୍କ ବାଜ୍ୟାପ୍ତି କରିଦେଇଥିଲା। ତାହା ଋଣ ମୂଲ୍ୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିବାରୁ ତାଙ୍କୁ ବାରମ୍ବାର ହତ୍ୟା ଧମକ ମଧ୍ୟ ମିଳୁଥିଲା। ସ୍କ୍ରାପ୍ ବ୍ୟବସାୟ ବନ୍ଦ କରି ପ୍ରବୀଣ ପଞ୍ଚକୁଳା ପଳାଇ ଆସି ନିଜେ ଟାକ୍ସି ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ ମଧ୍ୟ ବ୍ୟାଙ୍କ ତାଙ୍କ ପିଛା ଛାଡ଼ି ନ ଥିଲା। ଫଳରେ ସେ ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

**ଏ ଦେଶରେ ବ୍ୟାଙ୍କ ଋଣ ନେଇ ବହୁ ବଡ଼ବଡ଼ିଆ ଦେଶ ବାହାରକୁ ଚାଲିଯାଉଥିଲେ ମଧ୍ୟ ସେମାନଙ୍କଠାରୁ ଅର୍ଥ ଅସୁଲ ଠିକ୍ ସମୟରେ କରାଯାଇପାରୁ ନାହିଁ। କିନ୍ତୁ ସାଧାରଣ ବ୍ୟକ୍ତି, କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀଙ୍କ ଉପରେ ଅଧିକ ଜୁଲମ ହୋଇଥାଏ। ସେମାନେ କିଭଳି ସହଜରେ ଋଣ ପରିଶୋଧ କରିପାରିବେ ସେ ନେଇ ଉପାୟ ନ ଦେଖାଇ ଧମକଚମକ ଦିଆଯିବା ଯୋଗୁ ବହୁ ସମୟରେ ପ୍ରବୀଣଙ୍କ ଭଳି ବ୍ୟକ୍ତି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଯାଉଛନ୍ତି।**

କେଉଁ ସ୍ଥିତିରେ ପ୍ରବୀଣ ଋଣ କରି ତାହାକୁ ପରିଶୋଧ କରିବାରେ ଅକ୍ଷମ ହେଲେ ସେ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରି ନାହିଁ। ଓଡ଼ିଆରେ ଢଗ ଅଛି-'ଚୂନା ଦେଖି ପିଠା କରିବା ଦରକାର'। ଅର୍ଥାତ୍ ଋଣର ଆକାର କେତେ ହେଲେ ଜଣେ ଶୁଝିପାରିବେ ତାହା ପ୍ରଥମେ ଋଣ କରୁଥିବା ବ୍ୟକ୍ତି ସ୍ଥିର କରିବା କଥା। କିନ୍ତୁ ବହୁ ସମୟରେ ଦେଖାଯାଉଛି ବ୍ୟାଙ୍କ ଅଧିକାରୀଙ୍କୁ କହିବୋଲି ଅନେକେ ବହୁ ପରିମାଣର ଋଣ ନେଇଯାଉଛନ୍ତି। ବ୍ୟକ୍ତିଙ୍କ ଆର୍ଥିକ କ୍ଷମତା ବା ସ୍ଥଳବିଶେଷରେ ବ୍ୟବସାୟିକ ମୂଲ୍ୟଆକୁ ବ୍ୟାଙ୍କ ଅଧିକାରୀମାନେ ଠିକ୍ ଭାବେ ଯାଞ୍ଚ କରୁ ନ ଥିବାରୁ ଏଭଳି ଅସ୍ୱାଭାବିକ ଘଟଣା ଘଟୁଛି। ବହୁ ସମୟରେ ଜାଲ୍ ତଥ୍ୟ ଦେଇ ଅନେକେ ଋଣ ନେଇ ଯାଉଥିବା ବିଷୟ ପଦାକୁ ଆସୁଛି। ଆଉ ଗୋଟିଏ କଥା ହେଉଛି ପରିବାରର ଜଣେ ବ୍ୟକ୍ତି ରୋଜଗାରକ୍ଷମ ହୋଇଥିଲେ ତାଙ୍କ ଉପରେ ସମସ୍ତେ ନିର୍ଭର କରିଥାଆନ୍ତି। ବ୍ୟବସାୟ ଚଳାଇବାରେ ବାଧା ଥିଲେ ପରିବାର ଉପରେ ଆର୍ଥିକ ପ୍ରଭାବ ପଡ଼ିବା ସ୍ୱାଭାବିକ। ଏଭଳି କ୍ଷେତ୍ରରେ ଋଣ କିସ୍ତି ପରିଶୋଧ କରିବାରେ ହେଉଥିବା ଅନିୟମିତତାକୁ ବ୍ୟାଙ୍କ ଠିକ୍ ଭାବେ ମଧ୍ୟ ଯାଞ୍ଚ କରିବା କଥା। କିନ୍ତୁ ଦେଖାଯାଉଛି ଋଣ ନେଇଥିବା ବ୍ୟକ୍ତି ଡିଫଲ୍ଟର ନ ହେବା ଯାଏ ତାଙ୍କ ବିଷୟରେ ବ୍ୟାଙ୍କ ଆଗୁଆ ଯାଞ୍ଚ କରି ନ ଥାଏ। ମନେରଖିବାକୁ ହେବ ଯେ, ପୂର୍ବରୁ ଭାରତରେ ଋଣ ଆବେଦନକାରୀଙ୍କୁ ଅନେକ ପ୍ରକାରର ତଥ୍ୟ ଦେବା ସହିତ ତୃତୀୟ ପକ୍ଷ ଦ୍ୱାରା ବ୍ୟାଙ୍କ ଯାଞ୍ଚ କାର୍ଯ୍ୟ କରାଉଥିଲା। ଏବେ ତଥାକଥିତ ଖୋଲା ତଥା ଡିଜିଟାଲ ଅର୍ଥନୀତିରେ ଅଯୋଗ୍ୟଙ୍କୁ ସହଜରେ ଋଣ ମିଳିଯାଉଥିବା ବେଳେ ଯୋଗ୍ୟ ବଞ୍ଚିତ ହେଉଛନ୍ତି। ଏହା ହେଉଛି ଅର୍ଥନୈତିକ ଉଦାରୀକରଣର ଏବକାର ନମୁନା।

ଏ ଦେଶରେ ବ୍ୟାଙ୍କ ଋଣ ନେଇ ବହୁ ବଡ଼ବଡ଼ିଆ ଦେଶ ବାହାରକୁ ଚାଲିଯାଉଥିଲେ ମଧ୍ୟ ସେମାନଙ୍କଠାରୁ ଅର୍ଥ ଅସୁଲ ଠିକ୍ ସମୟରେ କରାଯାଇପାରୁ ନାହିଁ। କିନ୍ତୁ ସାଧାରଣ ବ୍ୟକ୍ତି, କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀଙ୍କ ଉପରେ ଅଧିକ ଜୁଲମ ହୋଇଥାଏ। ସେମାନେ କିଭଳି ସହଜରେ ଋଣ ପରିଶୋଧ କରିପାରିବେ ସେ ନେଇ ଉପାୟ ନ ଦେଖାଇ ଧମକଚମକ ଦିଆଯିବା ଯୋଗୁ ବହୁ ସମୟରେ ପ୍ରବୀଣଙ୍କ ଭଳି ବ୍ୟକ୍ତି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଯାଉଛନ୍ତି। ତେଣୁ ଏହି ଘଟଣାକୁ ଏକ କେସ୍ ଷ୍ଟଡି ଭାବେ ଗ୍ରହଣ କରି ବ୍ୟାଙ୍କ ଏବଂ ଭାରତୀୟ ଅର୍ଥ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଅଭିନବ ବାଟ ବାହାର କରିବାର ପ୍ରୟୋଜନ ଦେଖାଦେଲାଣି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | 5 | | 9 |
| | | | | | 1 | 2 | 7 | |
| | | | | | | | | |
| | | 3 | | 8 | | | | |
| 2 | | | 9 | | 5 | 6 | | |
| 4 | 1 | 6 | | | 2 | | | |
| | 6 | 9 | | | 8 | 4 | | 1 |
| | | | | | | | 6 | |
| | 2 | | 3 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 5 | 9 | 8 | 7 | 1 | 3 | 2 |
| 1 | 8 | 7 | 2 | 3 | 5 | 6 | 9 | 4 |
| 3 | 9 | 2 | 6 | 4 | 1 | 7 | 5 | 8 |
| 4 | 1 | 3 | 8 | 7 | 6 | 5 | 2 | 9 |
| 9 | 5 | 6 | 1 | 2 | 4 | 8 | 7 | 3 |
| 2 | 7 | 8 | 3 | 5 | 9 | 4 | 6 | 1 |
| 8 | 6 | 4 | 7 | 9 | 2 | 3 | 1 | 5 |
| 7 | 3 | 9 | 5 | 1 | 8 | 2 | 4 | 6 |
| 5 | 2 | 1 | 4 | 6 | 3 | 9 | 8 | 7 |

ଗତକାଲିର ଉତ୍ତର



# ୧୪୦ କୋଟି ବନାମ ୧୨ କୋଟି

ଡ. ସନ୍ତୋଷ କୁମାର ମହାପାତ୍ର

ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥ ବ୍ୟବସ୍ଥା ବା ଅର୍ଥନୀତିରେ ପରିଣତ ହେବାକୁ ଯାଉଛି ବୋଲି ପ୍ରଚାର କରାଯାଉଛି। କେବଳ ଆମେରିକା, ଚାଇନା ଏବଂ ଜର୍ମାନୀ ଭାରତଠାରୁ ଆଗରେ ଅଛନ୍ତି। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବି.ଭି.ଆର୍. ସୁବ୍ରମଣ୍ୟମ ଏହି କଥାକୁ ଦୋହରାଇଛନ୍ତି ଏବଂ ଆହୁରି ଦୁଇପାଦ ଆଗକୁ ଯାଇ କହିଛନ୍ତି, ଆଗାମୀ ୩୦ ରୁ ୩୬ ମାସ ମଧ୍ୟରେ ଭାରତ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ପାଲଟିଯିବ। କିନ୍ତୁ ସତ୍ୟ ହେଉଛି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆକଳନ କରିଛି, ୨୦୨୫-୨୬ ଶେଷ ବେଳକୁ ନାମାଙ୍କନ ଜିଡିପି ଦୃଷ୍ଟିରୁ ଭାରତ ଜାପାନକୁ ଅତିକ୍ରମ କରିବ। ଅସଲ କଥା ହେଉଛି କ୍ରୟ ଶକ୍ତି ସମତାରେ ଆକଳିତ ଜିଡିପି ଅନୁସାରେ ଭାରତ ଉପା ସରକାର ଅମଳରେ ଜାପାନକୁ ପଛରେ ପକାଇ ୨୦୧୧ରୁ ତୃତୀୟ ବୃହତ୍ତମ ଅର୍ଥନୀତି ହୋଇସାରିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆକଳନ ଅନୁସାରେ ୨୦୨୫- ୨୬ ଆର୍ଥିକ ବର୍ଷ ଶେଷ ବେଳକୁ ବିଶ୍ୱ ଜିଡିପି ୧୧୩. ୭୯୫ ଟ୍ରିଲିୟନ ଆମେରିକୀୟ ଡଲାର (୧ ଟ୍ରିଲିୟନ=୧୦୦୦୦୦ କୋଟି, ୧ ଆମେରିକୀୟ ଡଲାର ବର୍ତ୍ତମାନ ୮୫ଟଙ୍କା)ରେ ପହଞ୍ଚିଲା ବେଳେ ଆମେରିକାର ଜିଡିପି ୩୦.୫୦୭ ଟ୍ରିଲିୟନ, ଚାଇନାର ଜିଡିପି ୧୯.୨୩ ଟ୍ରିଲିୟନ, ଜର୍ମାନୀର ଜିଡିପି ୪.୭୪୪ ଟ୍ରିଲିୟନ ଆମେରିକୀୟ ଡଲାର ହେବ। ତା' ପଛକୁ ଭାରତ ୪.୧୮୭ ଟ୍ରିଲିୟନ ଡଲାର ସହ ୪ର୍ଥ ସ୍ଥାନରେ ରହିବ। ଜାପାନର ଅର୍ଥ ବ୍ୟବସ୍ଥା ସାମାନ୍ୟ କମ୍ ଅର୍ଥାତ୍ ୪.୧୮୬ ଟ୍ରିଲିୟନ ଡଲାର ହେବ। ଭବିଷ୍ୟତ ଆକଳନ ସର୍ବଦା ଅନିଶ୍ଚିତ। ଏହା ଭାରତର ଅଭିବୃଦ୍ଧି ହାର ୬.୩% ଏବଂ ଡଲାର ଅନୁସାରେ ଟଙ୍କାର ବିନିମୟ ମୂଲ୍ୟ ବୃଦ୍ଧି ଓ ହ୍ରାସ ଉପରେ ନିର୍ଭରକରେ , କାରଣ ଅନ୍ତର୍ଜାତୀୟ ସଂସ୍ଥା ଜିଡିପି ଡଲାରରେ ଆକଳନ କରନ୍ତି।

ଅବଶ୍ୟ ତୁଳନା କଲାବେଳେ ଯାହା ହାସଲ କରିଛେ ତାହା କହିବା ଉଚିତ, ଯାହା ହାସଲ କରିନେ ତାହା କହିବା ଅନୁଚିତ। ୨୦୨୪-୨୫ ଶେଷ ସୁଦ୍ଧା ଆମେରିକାର ଜିଡିପି ୨୯.୨ ଟ୍ରିଲିୟନ, ଚଇନାର ଜିଡିପି ୧୮.୭୫ ଟ୍ରିଲିୟନ, ଜର୍ମାନୀର ଜିଡିପି ୪.୬୬ ଟ୍ରିଲିୟନ, ଜାପାନର ୪.୦୬ ଟ୍ରିଲିୟନ ଆମେରିକୀୟ ଡଲାର ହୋଇଥିଲାବେଳେ ଭାରତର ୩.୯ ଟ୍ରିଲିୟନ ଡଲାର। ଦେଶର ବିକାଶ ଆକଳନ କରିବା ପାଇଁ ବାସ୍ତବରେ ମୁଣ୍ଡ ପିଛା ଜିଡିପି ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ଯେଉଁ ଦେଶର ଲୋକ ସଂଖ୍ୟା ଅଧିକ ତାହାର ଜିଡିପି ଅଧିକ ହେବା ସ୍ୱାଭାବିକ। ୨୦୨୪-୨୫ ସୁଦ୍ଧା ଆମେରିକାରେ ଏହା ୮୫,୮୧୨, ଚାଇନାରେ ୧୩,୩୦୦, ଜର୍ମାନୀରେ ୫୪,୯୮୯, ଜାପାନରେ ୩୨,୫୦୦ ଆମେରିକୀୟ ଡଲାର ହୋଇଥିଲାବେଳେ ଭାରତରେ ମାତ୍ର ୨୭୧୧ ଡଲାର ଥିଲା। ୨୦୨୫-୨୬ ଶେଷରେ ଜାପାନରେ ଏହା ୩୩,୯୯୫ ହେଲା ବେଳେ ଭାରତରେ ମାତ୍ର ୨,୮୭୮ ଆମେରିକୀୟ ଡଲାର ହେବ। ୨୦୨୫-୨୬ରେ ମୁଣ୍ଡ ପିଛା ଆୟ ଦୃଷ୍ଟିରୁ ଜାପାନ ୩୪ ତମ ସ୍ଥାନରେ ରହିଲାବେଳେ ଭାରତ ପ୍ରାୟ ୧୩୬ ତମ ସ୍ଥାନରେ ଅଛି। ଅର୍ଥାତ୍ ୧୩୫ଟି ଦେଶ ତଳେ ରହିବ। ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ଜାପାନଠାରୁ ବହୁ ପଛରେ ରହିଛି। ମାନବିକ ବିକାଶ ସୂଚକାଙ୍କ ଦୃଷ୍ଟିରୁ ଜାପାନ ୨୪ ସ୍ଥାନରେ ଥିଲାବେଳେ ଭାରତ ୧୩୦ ସ୍ଥାନରେ ଅଛି। ଦୁର୍ନୀତି ଧାରଣା ସୂଚକାଙ୍କ ଦୃଷ୍ଟିରୁ ୧୮୦ଟି ଦେଶ ମଧ୍ୟରୁ ଜାପାନ ୭୩ ସ୍ଥାନରେ ଥିଲାବେଳେ ଭାରତ ୯୬ ସ୍ଥାନରେ ରହିଛି। ଅର୍ଥାତ୍ ଭାରତରେ ଦୁର୍ନୀତି ବ୍ୟାପକ।



ଜାପାନୀ ନାଗରିକଙ୍କ ହାରାହାରି ରୋଜଗାର ଭାରତୀୟଙ୍କ ତୁଳନାରେ ପ୍ରାୟ ୧୨ ଗୁଣ ଅଧିକ। ସେହି ପାର୍ଥକ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା, ଦକ୍ଷ ଭିତ୍ତିଭୂମି, ଉଚ୍ଚ-ଗୁଣବତ୍ତା ଶିକ୍ଷାର ଉପଲବ୍ଧତା ଏବଂ ଜୀବନର ଉଚ୍ଚ ସାମଗ୍ରିକ ଗୁଣବତ୍ତା ପ୍ରଦାନ କରେ। ଜାପାନର ଏକ ଅତ୍ୟନ୍ତ ଦକ୍ଷ ଏବଂ ସୁଦୃଢ଼ ସାମାଜିକ ସୁରକ୍ଷା ବ୍ୟବସ୍ଥା ଅଛି, ଯାହା ଜିଡିପିର ପ୍ରାୟ ୨୩.୫%। ପେନ୍‌ସନ ସାମାଜିକ ସୁରକ୍ଷା ବ୍ୟବସ୍ଥାର ସର୍ବବୃହତ ଅଂଶ ଥିଲା, ତା'ପରେ ଚିକିତ୍ସା ଯତ୍ନ। ଭାରତରେ ସାମାଜିକ କ୍ଷେତ୍ର ବ୍ୟୟ ବରାଦ ଜିଡିପିର ୩.୩% ଏବଂ ଆୟୁଷ୍ମାନ ଭାରତ ଓ ଅନ୍ୟ କିଛି ମନ୍ତ୍ରଣାଳୟ ବ୍ୟୟ ମିଶାଇଲେ ସାମାଜିକ ସେବାରେ ବିନିଯୋଗ ୨୦୨୩-୨୪ରେ ୭.୮% ଥିଲା। ଜାପାନରେ ବେକାରି ହାର ୨.୩% ହେଲାବେଳେ ଭାରତରେ ୫ରୁ ୧୦%ରହୁଛି। ଜାପାନରେ ଉଚ୍ଚ କୁଶଳୀ , ଗୁଣାତ୍ମକ ଚାକିରି ବେଶି ସୃଷ୍ଟି ହେଲାବେଳେ ଭାରତରେ ଓଲଟା। ବିଶ୍ୱରେ ଗବେଷଣା ଏବଂ ବିକାଶ ପାଇଁ ଖର୍ଚ୍ଚ ହାରାହାରି ଜିଡିପିର ପ୍ରାୟ ୧.୮% ହୋଇଥିଲାବେଳେ ଜାପାନରେ ୩.୭%। ଭାରତରେ ୨୦୨୦-୨୧ରେ ଏହା ୦.୬୪ %। ଜାପାନର ବୈଦେଶିକ ମୁଦ୍ରାଭଣ୍ଡାର ବିଶ୍ୱର ଦ୍ୱିତୀୟ ବୃହତ୍ତମ, ଯାହାର ମୂଲ୍ୟ ୧.୪ ଟ୍ରିଲିୟନ ଆମେରିକୀୟ ଡଲାର। ୧୬ ମେ' ୨୦୨୫ ସୁଦ୍ଧା ଭାରତରେ ଏହା ୬୮୫.୭ ବିଲିୟନ ଡଲାର ଥିଲା। ଜାପାନ ବିଶ୍ୱର ତୃତୀୟ ବୃହତ୍ତମ ଆର୍ଥିକ ସମ୍ପତ୍ତିର ଦେଶ, ଯାହାର ମୂଲ୍ୟ ୨୦୨୦ ସୁଦ୍ଧା ୧୨ ଟ୍ରିଲିୟନ ଡଲାର କିମ୍ବା ବିଶ୍ୱ ଜିଡିପିର ୮.୬%। ଡିସେମ୍ବର ୨୦୨୪ ସୁଦ୍ଧା ଭାରତର ମୋଟ ଆର୍ଥିକ ସମ୍ପତ୍ତି ୩୧୯ ଲକ୍ଷ କୋଟି ଟଙ୍କା (ପ୍ରାୟ ୩.୭ ଟ୍ରିଲିୟନ ଡଲାର)। ବର୍ତ୍ତମାନ ୨୦୨୫ ସୁଦ୍ଧା ବଜାର ପୁଞ୍ଜିକରଣ ଦ୍ୱାରା ଟୋକିଓ ଷ୍ଟକ୍ ଏକ୍ସଚେଞ୍ଜ ହେଉଛି ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟକ୍ ଏକ୍ସଚେଞ୍ଜ। ଏହାର ବଜାର ମୂଲ୍ୟ ୬.୩୫ ଟ୍ରିଲିୟନ ଡଲାର ହୋଇଥିଲାବେଳେ ଭାରତରେ ଏହା ୫.୦୬୩ ଟ୍ରିଲିୟନ ଡଲାର। ୨୦୨୪ ସୁଦ୍ଧା ଫର୍ଚୁନ ଗ୍ଲୋବାଲ ୫୦୦ କମ୍ପାନୀ ମଧ୍ୟରୁ ୪୦ଟି ଜାପାନରେ ଅଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରାଜୟ ପରେ ଜାପାନର ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। କିନ୍ତୁ ପରେ ଦ୍ରୁତଗତିରେ ବିକଶିତ ହୋଇଥିଲା। ମୁଖ୍ୟତଃ ଏହାର ଲାଭଜନକ ଉତ୍ପାଦନଭିତ୍ତିକ ରପ୍ତାନି ଶିଳ୍ପ ଦ୍ୱାରା ଏହା ଚାଳିତ ହୋଇଥିଲା। ଏହା ୧୯୬୮ରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ହୋଇଗଲା ଏବଂ ୨୦୧୦ ପର୍ଯ୍ୟନ୍ତ ସେହିପରି ରହିଲା ଏବଂ ନାମାଙ୍କନ ମୁଣ୍ଡ ପିଛା ଜିଡିପି ଆଧାରରେ, ୧୯୮୦ ଏବଂ ୧୯୯୦ ଦଶକରେ ଜି-୭ ଦେଶଗୁଡ଼ିକ ମଧ୍ୟରେ ସର୍ବାଧିକ ଉଚ୍ଚ-ଆୟରାଷ୍ଟ୍ର ଭାବେ ଉଭା ହୋଇଥିଲା। ବିକଶିତ ଦେଶର ମାନ୍ୟତା ହାସଲ କରିବାରେ ଜାପାନ ଏସିଆର ପ୍ରଥମ ଦେଶ ଥିଲା। କିନ୍ତୁ ଭାରତ ୨୦୦୭ଠାରୁ ନିମ୍ନ ମଧ୍ୟମ ଆୟକାରୀ ରାଷ୍ଟ୍ର ଭାବେ ରହିଛି। ଆହୁରି ଉଚ୍ଚ ମଧ୍ୟମ ଆୟକାରୀ ଓ ଉଚ୍ଚ ଆୟକାରୀ ରାଷ୍ଟ୍ର ହେବାକୁ ବାକି ଅଛି। ଜାପାନ ଅର୍ଥନୀତି ଜନସଂଖ୍ୟା ହ୍ରାସ ବିଶେଷକରି କମ୍ ବୟସ୍କ ଜନସଂଖ୍ୟା ହ୍ରାସ ଯୋଗୁ ସମସ୍ୟାର ସମ୍ମୁଖୀନ ହେଉଛି। ଏଥିପାଇଁ ଜାପାନର ନାମାଙ୍କନ ଜିଡିପି ୧୯୯୫ ରୁ ୨୦୨୩ ମଧ୍ୟରେ ୫.୫ଟ୍ରିଲିୟନରୁ ୪.୨ଟ୍ରିଲିୟନ ଡଲାରକୁ ହ୍ରାସ ପାଇଛି। ଜାପାନର ଜନସଂଖ୍ୟା, ଯାହା ୨୦୧୦ରେ ୧୨.୮୫ କୋଟି ଥିଲା ତାହା ୨୦୨୪ରେ ଏହା ୧୨.୨୬ କୋଟିକୁ ହ୍ରାସ ପାଇଛି। ୨୦୨୨ରେ ଦେଶର କମ୍ ବୟସ୍କ ଜନସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୫୯.୪ % ଥିଲା, ଯାହା ସମସ୍ତ ଓଇସିଡି ଦେଶ ମଧ୍ୟରେ ସର୍ବନିମ୍ନ ହାର। ଜିଡିପି ଏକ ବର୍ଷର ଅର୍ଥନୈତିକ କାର୍ଯ୍ୟକଳାପର ପ୍ରତିଫଳନ। ଧନୀ ଅଧିକ ଧନୀ ହେଲେ ବା ବ୍ୟୟ କଲେ ଜିଡିପି ବୃଦ୍ଧି ପାଇବ। ସରକାର ଅଧିକ ଋଣକରି ବ୍ୟୟକଲେ ଜିଡିପି ବୃଦ୍ଧି ପାଇବ। ଯେତେବେଳେ ଭାରତ ପରି ଅର୍ଥବ୍ୟବସ୍ଥାରେ ୧୪୦ କୋଟି ଲୋକ ବ୍ୟୟ ବା ଉପଭୋଗ କରିବେ ତାହାର ଆକାର ଯେଉଁପରି ବୃଦ୍ଧି ପାଇବ ଜାପାନ ପରି ଅର୍ଥବ୍ୟବସ୍ଥାରେ ୧୨.୨୬ କୋଟି ଲୋକ ବ୍ୟୟ ବା ଉପଭୋଗ କଲେ ଏକ ଅର୍ଥବ୍ୟବସ୍ଥାର ଆକାର କ'ଣ ସେହି ଅନୁସାରେ ସବୁଦିନେ ବୃଦ୍ଧି ପାଇବ କି ?

ମୋ:୯୪୩୭୨୦୮୭୬୨



# ମହାପୁରୁଷଙ୍କ ଆଦର୍ଶ

ମୋହନ ଚରଣ ବିଷି

ବିଦ୍ୟାର୍ଥୀ ମହାପୁରୁଷଙ୍କୁ କାହିଁକି ପଢ଼ିବ? ମହାପୁରୁଷଙ୍କୁ କାହିଁକି ଅନୁକରଣ କରିବ? ଆମେ ପଢୁଥିବା ସମୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ବଡ଼ ଲୋକଙ୍କ ଜୀବନୀ ବୋଲି ବହି ଥିଲା। ଏହି ବହିରେ ଓଡ଼ିଶା ଓ ଭାରତବର୍ଷର ବଡ଼ ଲୋକଙ୍କ ଜୀବନୀ ପଢ଼ିବାର ସୁଯୋଗ ବିଦ୍ୟାର୍ଥୀମାନେ ପାଉଥିଲେ। ସେମାନଙ୍କ ତ୍ୟାଗ, ଆଦର୍ଶ, ସଂଘର୍ଷ, ସଫଳତା କଥା ପଢ଼ି ପ୍ରେରିତ ହେଉଥିଲେ ବିଦ୍ୟାର୍ଥୀ। ଏବେ ମଧ୍ୟ ବିଭିନ୍ନ ବହିରେ, ଡିଜିଟାଲ ମାଧ୍ୟମରେ ମହାପୁରୁଷଙ୍କ ଜୀବନ ଚରିତ୍ରକୁ ପଢୁଛନ୍ତି, ଶୁଣୁଛନ୍ତି ଓ ଚଳମାନ ଚିତ୍ରରେ ଦେଖୁଛନ୍ତି। କିନ୍ତୁ ଏମାନଙ୍କ ସଂଖ୍ୟା ଅଳ୍ପ ସଂଖ୍ୟକ ହୋଇପାରେ। ପ୍ରତ୍ୟେକ ଶ୍ରେଣୀର ସିଲାବସ୍‌ରେ ମହାପୁରୁଷଙ୍କ ଜୀବନ ସମ୍ପର୍କରେ ପଢ଼ିବାର ସୁଯୋଗ ପାଇଲେ ବିଦ୍ୟାର୍ଥୀ ନିଜକୁ ଗଢି ତୋଳିବାକୁ ସହଜ ହେବ। ସେଥିପାଇଁ ସ୍ୱତନ୍ତ୍ର ଭାବରେ ମହାପୁରୁଷମାନଙ୍କର କଥା ଗାଥା ରହିବା ପ୍ରାସଙ୍ଗିକ ମନେହୁଏ। ପ୍ରତ୍ୟେକ ବିଦ୍ୟାର୍ଥୀ ସଫଳତା ପାଇବା ପାଇଁ ବଡ଼ ଲୋକଙ୍କୁ ପଢିବା ଦରକାର। ଯିଏ ଯେଉଁ କ୍ଷେତ୍ରରେ ଆଗକୁ ବଢିବାର ଅଛି ସେମାନେ ସେହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତିମାନଙ୍କୁ ପଢିବା ଉଚିତ।


ଜୀବନ ଚରିତ ଦୁଇ ପ୍ରକାରରେ ଲେଖାଯାଇଥାଏ। ନିଜ ଜୀବନ କାହାଣୀ ନିଜେ ଲେଖିଲେ ତାହା ହୁଏ ଆତ୍ମଜୀବନ ଚରିତ। କାହାର କାହାଣୀ ଅନ୍ୟ କେଉଁ ବ୍ୟକ୍ତିଦ୍ୱାରା ଲିଖିତ ହେଲେ, ତାହାକୁ କେବଳ 'ଜୀବନ ଚରିତ' ବୋଲି କୁହାଯାଇଥାଏ। ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ ପ୍ରଜ୍ୱଳିତ ହୋଇଉଠିଲା ପରି ଜଣେ ମହାପୁରୁଷଙ୍କର ଜୀବନୀ ଅନ୍ୟର ଜୀବନାୟନକୁ କରେ ପ୍ରଶସ୍ତ ଓ ଆଲୋକିତ। ଟଲଷ୍ଟୟଙ୍କ ଜୀବନ କାହାଣୀ ମହାତ୍ମା ଗାନ୍ଧୀଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା ଏବଂ ଗାରିବାଲ୍‌ଡିଙ୍କ ତ୍ୟାଗ ଜବାହରଲାଲଙ୍କ ପ୍ରାଣରେ ସୃଷ୍ଟି କରିଥିଲା ଉଦ୍‌ବେଳନ। ହରିଶ୍ଚନ୍ଦ୍ର, ଦଧୀଚି ଆଦିଙ୍କ ତ୍ୟାଗ ଓ ତୀତୀକ୍ଷା, ସାଧନା ଓ ତପସ୍ୟା ଭାରତୀୟ ଜନଜୀବନକୁ କରିଥିଲା ସମୃଦ୍ଧ। ପ୍ରାଚୀନ ମହାତ୍ମାଗଣଙ୍କଠାରୁ ଆରମ୍ଭ କରି ଓ ଆଧୁନିକ ଯୁଗର ବହୁ ସ୍ୱାଧୀନତା ସଂଗ୍ରାମୀ ଓ ତ୍ୟାଗବୀରଙ୍କ ଜୀବନ କାହାଣୀରେ ଅନେକ ଶିଖିବାକୁ ମିଳିଛି।

ପ୍ରାଚୀନ ଋଷିମାନଙ୍କ ଜୀବନ ଚରିତ ସହିତ ଆଧୁନିକ ଯୁଗପୁରୁଷ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଠାକୁର ନିଗମାନନ୍ଦ, ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ, ଠାକୁର ଅନୁକୂଳ ଚନ୍ଦ୍ର, ଶ୍ରୀରାମ ଶର୍ମା, ସନ୍ଥ ଭୀମ ଭୋଇ ଆଦିଙ୍କ ଜୀବନ କାହାଣୀ ଆମକୁ ଧର୍ମଚେତନାରେ ଉଦ୍‌ବୁଦ୍ଧ କରେ। ଧର୍ମମାର୍ଗର ଅନୁବର୍ତ୍ତନ ଓ ଅନୁସରଣ କରିବା ପାଇଁ ଆମକୁ ଏହା ଦେଇଥାଏ ଅସୀମ ଇଚ୍ଛା ଓ ପ୍ରେରଣା। ଜାତୀୟ ବୀରମାନଙ୍କର ଜୀବନ ଚରିତ ଆମମାନଙ୍କ ଭିତରେ ସୃଷ୍ଟି କରିଥାଏ ଦେଶ ଓ ଜାତିପ୍ରେମ। ସେମାନଙ୍କର ଲେଖାବଳୀ ଆମକୁ ଜାତୀୟ ମନ୍ତ୍ରରେ ଅଭିମନ୍ତ୍ରିତ କରେ। ଉତ୍କଳମଣି ଗୋପବନ୍ଧୁଙ୍କର ଲେଖା 'ମିଶୁ ମୋର ଦେହ ଏ ଦେଶ ମାଟିରେ ଦେଶବାସୀ ଚାଲିଯାଆନ୍ତୁ ପିଠିରେ ସ୍ୱାଧୀନତା ପଥେ ଅଛି ଯେତେ ଗାତ୍ ପୂରୁ ପଡ଼ି ତହିଁ ମୋର ମାଂସହାଡ଼। 'ଏପରି ଉକ୍ତି କାହାକୁ ବା ଜାତିପାଇଁ ପ୍ରାଣବଳି ଦେବାକୁ ଅନୁପ୍ରେରିତ ନ କରିବ ! ଏଭଳି ଲେଖା ସାଙ୍ଗକୁ ତାଙ୍କର ତ୍ୟାଗ ଓ ସଂଘର୍ଷପୂର୍ଣ୍ଣ ଜୀବନ ଚରିତ ପାଠକଙ୍କୁ ତାଙ୍କ ମହାନ୍ ବ୍ୟକ୍ତିତ୍ୱ ପାଖରେ ମଥା ନୁଆଇଁବାକୁ ବାଧ୍ୟକରେ। ଚରିତ୍ର ଗଠନ ପାଇଁ ବିଶେଷ ସହାୟକ ହୁଏ।

ସନ୍ଥକବି ଭୀମ ଭୋଇଙ୍କ ଉକ୍ତି- ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ। ମହାତ୍ମା ଗାନ୍ଧୀଙ୍କ ଅହିଂସା କିମ୍ବା ମଦର ଟେରେସାଙ୍କ ସେବା ଅନେକ ଜନ ଜୀବନକୁ ପ୍ରଭାବିତ କରିଛି । ଏପରି ଯେତେ ମହାପୁରୁଷଙ୍କ କାର୍ଯ୍ୟ ଓ କଥା ଅନେକଙ୍କୁ ପରିବର୍ତ୍ତନ କରିଥାଏ। ତାଙ୍କର ଜୀବନ ଚର୍ଯ୍ୟା, ବ୍ୟବହାର, କର୍ମ କୁଶଳତା, ଶିକ୍ଷାରେ ଅନୁପ୍ରାଣୀତ ହୋଇ ବିଦ୍ୟାର୍ଥୀମାନେ ସଫଳତା ପାଇଥାନ୍ତି। ପ୍ରତ୍ୟେକ ବିଦ୍ୟାର୍ଥୀ ମହାପୁରୁଷ ତଥା ନିଜ ମାତାପିତା, ଆତ୍ମୀୟ ସ୍ୱଜନ, ଶିକ୍ଷାଗୁରୁ, ସଦ୍‌ଗୁରୁଙ୍କୁ ଅନୁକରଣ କରିବା କଥା ଯେଉଁମାନଙ୍କର କାର୍ଯ୍ୟଧାର ସେମାନଙ୍କୁ ଭଲ ଲାଗିଥାଏ। ସେମାନେ ଯେତେବେଳେ ଭାବିବେ ଏହିମାନେ ହିଁ ଜୀବନରେ ସଫଳତା ପାଇଛନ୍ତି ସେତେବେଳେ ସେମାନଙ୍କୁ ହିଁ ଅନୁକରଣ, ଅବଲମ୍ବନ କରିବା ସହ ତାଙ୍କ ଆଦର୍ଶ, ବିଚାରଧାରା, କାର୍ଯ୍ୟଶୈଳୀରେ ପ୍ରଭାବିତ ହେବେ।

ଦୈନନ୍ଦିନ ଜୀବନରେ ଆମେ ବହୁ ସମସ୍ୟାରେ ଛନ୍ଦି ହୋଇପଡୁ ଏବଂ ସେଥିରୁ ମୁକୁଳିବା ପାଇଁ ଖୋଜିହେଉ ସମାଧାନର ପନ୍ଥା। ମହାପୁରୁଷଗଣ ସେହିସବୁ ସମସ୍ୟାର ସମାଧାନ କିପରି ଖୋଜି ପାଇଥିଲେ, ତାହା ସେମାନଙ୍କର ଜୀବନ ଚରିତ ପାଠକରି ଆମେ ଅବଗତ ହେଉ। ତେଣୁ ଆମକୁ ସମସ୍ୟା ସମାଧାନର ରାହା ମିଳିଯାଏ ଏବଂ ଆମେ ସମସ୍ୟାକୁ ଅତିକ୍ରମ କରି ପୁଣି ଜୀବନ ପଥରେ ଆଗେଇଚାଲୁ।

**ଗଡ଼ରାମାଲ, କୋକସରା, କଳାହାଣ୍ଡି**
**ମୋ: ୯୭୭୭୪୬୮୮୪୧**



## ଏଇ ଭାରତରେ

୪୦୦ଟି ଭାଷାରେ ପଢ଼ି ଓ ଲେଖି ପାରୁଛନ୍ତି ତାମିଲନାଡୁ ଚେନ୍ନାଇର ୧୯ ବର୍ଷୀୟ ମହମ୍ମଦ ଆକ୍ରାମ। ଏଭଳି ଦକ୍ଷତା ପାଇଁ ସେ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଆକ୍ରାମ ୪୬ଟି ଭାଷା ଅତି ପ୍ରାଞ୍ଜଳ ଭାବେ କହିପାରୁଛନ୍ତି। ଆକ୍ରାମଙ୍କ ପିତା ଶିଲ୍‌ବି ମୋଜ୍ପ୍ରିୟାନ୍ ମଧ୍ୟ ୧୬ଟି ଭାଷା କହିପାରନ୍ତି ଏବଂ କଗ୍ନିଟିଭ୍ ସାଇକୋଲୋଜିରେ ପିଏଚ୍‌ଡି କରିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଆକ୍ରାମ ଏତେସବୁ ଭାଷା ଶିଖିପାରିଛନ୍ତି। ତାଙ୍କୁ ଯେତେବେଳେ ୪ ବର୍ଷ ହୋଇଥିଲା ସେତେବେଳେ ସେ ବିଭିନ୍ନ ଭାଷା ଶିଖିବା ଆରମ୍ଭ କରିଥିଲେ। ବୟସ ୬ରୁ ୮ ବର୍ଷ ମଧ୍ୟରେ ସେ ୫୦ଟି ଭାଷା ଜାଣିସାରିଥିଲେ। ଆକ୍ରାମ ୭୦ ଜଣ ଭାଷା ବିଶେଷଜ୍ଞଙ୍କ ସହ ପ୍ରତିଯୋଗିତା କରି ଜର୍ମାନୀ ୟଙ୍ଗ୍ ଟ୍ୟାଲେଣ୍ଟ ଆୱାର୍ଡ ହାସଲ କରିଛନ୍ତି। ସେ ଟ୍ୟାଲେଣ୍ଟ ଶୋ'ରେ ଭାଗନେବା ସହ ବିଭିନ୍ନ ଦେଶର ଏକାଧିକ ଡିଗ୍ରୀ କୋର୍ସ କରୁଛନ୍ତି। ତାଙ୍କ ପିତା ଚେନ୍ନାଇର ଶେଣୟ ନଗରରେ 'ଆକ୍ରାମ ଗ୍ଲୋବାଲ ଲାଙ୍ଗୁଏଜ୍ ଇନ୍‌ଷ୍ଟିଚ୍ୟୁଟ୍' ପ୍ରତିଷ୍ଠା କରି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଶିକ୍ଷା ଦେଉଛନ୍ତି । ଆକ୍ରାମ ସେଠାରେ ପିଲାମାନଙ୍କୁ ମଧ୍ୟ ପଢ଼ାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ମେ ୧୯୭୬

- ରୟତ ସ୍ୱତ୍ୱ ଓ ସିଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଓଡ଼ିଶା ଭୂସଂସ୍କାର ଆଇନକୁ ବଳବତ୍ତର କରାଯାଇଛି।
- ଦିଲ୍ଲୀ ପ୍ରଦେଶ କଂଗ୍ରେସ ସଭାପତି ଅମରନାଥ ଛାୱଲାଙ୍କୁ କୌଣସି ନିର୍ବାଚନ ଲଢ଼ିବା ନିମନ୍ତେ ୬ ବର୍ଷ ପାଇଁ ଅଯୋଗ୍ୟ ବିବେଚିତ କରି ସୁପ୍ରିମ୍‌କୋର୍ଟ ଦେଇଥିବା ରାୟକୁ ରାଷ୍ଟ୍ରପତି ଫକରୁଦ୍ଦିନ ଅଲ୍ଲୀ ଅହମ୍ମଦ ଉଠାଇ ଦେଇଛନ୍ତି।
- ତୈଳ ଦର ବୃଦ୍ଧି ମତପାର୍ଥକ୍ୟ କାରଣରୁ ଇଣ୍ଡୋନେସିଆର ବାଲିଠାରେ ପେଟ୍ରୋଲ ରପ୍ତାନୀକାରୀ ରାଷ୍ଟ୍ରସଂଘ ବୈଠକ ବିଫଳ।

## ଚିରନ୍ତନୀ

ସକଳ ମମତା ତେଜି ନ
ଖୋଜଇଁ ମୁକତି ମାରଗ,
ହୁଅଇ ନାସ୍ତିକ ପଛେ,
ନ ଲୋଡ଼ଇ ଅପର ସ୍ୱରଗ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନକ୍ସା ଅନୁଯାୟୀ ଜବରଦଖଲ ଉଚ୍ଛେଦ ହୋଇଛି କି

ମହାଶୟ,

ସମସ୍ତ ଉତ୍କଣ୍ଠାର ଅବସାନ ଘଟିଲା ଓ ୧୩ ମେ ୨୦୨୫ରେ ଚରମ୍ପା ଅଞ୍ଚଳ (ଜାତୀୟ ରାଜପଥ ୧୬ର ପୂର୍ବପାଖ)ରୁ ଜବରଦଖଲ ହଟାଗଲା। ବିଶେଷକରି ଚରମ୍ପା ସ୍କୁଲ ରୋଡ୍ ଓ କଣ୍ଟାପାଳ ଅଞ୍ଚଳରେ ଦୀର୍ଘ ୭୦/୮୦ ବର୍ଷ ଧରି ସରକାରୀ ଜାଗା ମାଡ଼ିବସି ଘରକରି ଭଡ଼ା ଦେଇ ଲକ୍ଷ ଲକ୍ଷ ଟଙ୍କା କମାଇଥିବା ଘର ମାଲିକମାନେ ଏବେ ହତାଶ। ସହରର ସୌନ୍ଦର୍ଯ୍ୟକରଣ ନିମନ୍ତେ ଗତ ଅଗଷ୍ଟ ୨୦୨୪ରୁ ଏହି ଉଚ୍ଛେଦ ପ୍ରକ୍ରିୟା ପ୍ରଥମେ ଆରମ୍ଭହୋଇ କଚେରି ବଜାର ଛକ ଧ୍ୱଂସସ୍ତୁପରେ ପରିଣତ ହୋଇଥିଲା। ଚରମ୍ପାରେ ଏହି ଉଚ୍ଛେଦ ପ୍ରକ୍ରିୟା କିନ୍ତୁ ପ୍ରକୃତ ନକ୍ସା ଓ ମାପ ଅନୁସାରେ ହୋଇ ନ ଥିବା କିଛି ଅବସରପ୍ରାପ୍ତ ରାଜସ୍ୱ କର୍ମଚାରୀଙ୍କଠାରୁ ଶୁଣିବାକୁ ମିଳୁଛି। ସେମାନଙ୍କ ମତରେ ଯଦି ପ୍ରକୃତ ନକ୍ସା ଓ ମାପ ଅନୁସାରେ ଏହା କରାଯାଏ ତେବେ ଆହୁରି ଅନେକେ ଉଚ୍ଛେଦ ହେବେ। ଏହି ଉଚ୍ଛେଦର ବହୁପୂର୍ବରୁ କୁଆଡ଼େ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ସରକାରୀ କର୍ତ୍ତୃପକ୍ଷଙ୍କୁ ହାତକରି ନିଜ ନିଜ ଅଧିକୃତ ସରକାରୀ ଜମିକୁ ସୁରକ୍ଷିତ ରଖିଥିବା ଶୁଣାଯାଉଛି। ମାପ ହେଲେ ଏହି ଦୁଇ ଅଞ୍ଚଳରେ ଆହୁରି ଅଧିକ ସରକାରୀ ଜମି ବାହାରିବ। ଏପରିକି ଗୋଚର ଜମିରେ ଘର ମଧ୍ୟ ନିର୍ମାଣ କରାଯାଇଛି। ପ୍ରକୃତ ନକ୍ସା ଓ ମାପ ଅନୁସାରେ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଉ।

**-ଗୌତମ ସେଠୀ, ସମାଜସେବୀ, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସଚେତନ ନ ହେଲେ ସ୍ଥିତି ଅସମ୍ଭାଳ

ବ୍ରହ୍ମପୁର,୨୭।୫(ସୁବାସ ଚନ୍ଦ୍ର ପାଢ଼ୀ)

ମୌସୁମୀ କେରଳ ଛୁଇଁବାବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି। ବର୍ଷା ଆସିବା ସହିତ ଲୋକଙ୍କୁ ଡେଙ୍ଗୁ ଚିନ୍ତା ଘାରିଛି। ବିଶେଷ କରି ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁଁ ମଶା ସୃଷ୍ଟି ହୋଇ ତାହା ବିଭିନ୍ନ ରୋଗର କାରଣ ହେଉଛି। ଏଣୁ ବ୍ରହ୍ମପୁର ସହର ପରିମଳ ବ୍ୟବସ୍ଥାକୁ ନେଇ ଲୋକେ ଚିନ୍ତିତ। ଏବେବି ବର୍ଷା ହେଲା ମାତ୍ରେ ବିଭିନ୍ନ ସ୍ଥାନରେ ପାଣି ଜମିବା ସହିତ ନାଳ ନର୍ଦ୍ଦମା ଉଚ୍ଛୁଳି ରାସ୍ତାରେ ଅଣ୍ଟାଏ ପାଣି ଭାସୁଛି। ଏଭଳି ସ୍ଥିତି ଲାଗି ରହିଲେ ପରିବେଶ ପ୍ରଦୂଷିତ ହେବା ସହିତ ଡେଙ୍ଗୁ ବ୍ୟାପିବା ଆଶଙ୍କା ରହିଛି। ସୋମବାର ବଡ ଆର୍ଯ୍ୟପଲ୍ଲୀ ଅଞ୍ଚଳରେ ଡେଙ୍ଗୁ ବ୍ୟାପୁଥିବା ନଜରକୁ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗକୁ ଚିନ୍ତା ପଶିଯାଇଛି। ଉକ୍ତ ଅଞ୍ଚଳକୁ ସିଟି ହସପିଟାଲର ଏକ ଟିମ ଯାଇ ଅନୁଧ୍ୟାନ କରିଛନ୍ତି। ଡେଙ୍ଗୁରେ ଯେଉଁ ମୃତ୍ୟୁଖବର ମିଳିଛି ତାହାକୁ ଅନୁଧ୍ୟାନ ପରେ ସମ୍ପୃକ୍ତ ବାଳକଙ୍କ ଡେଙ୍ଗୁରେ ମୃତ୍ୟୁ ହୋଇନଥିବା ସିଡିଏମଓଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଚଳିତ ବର୍ଷ ଗଞ୍ଜାମ ଜିଲାରେ ବର୍ତ୍ତମାନ ସୁଦ୍ଧା କିଏ ହେଲେ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇନାହାନ୍ତି। ତେବେ ବଡ ଆର୍ଯ୍ୟପଲ୍ଲୀରେ ଯେଉଁ କେତେକ ଜ୍ୱରାକ୍ରାନ୍ତ ହୋଇଛନ୍ତି ସେମାନେ ବିଭିନ୍ନ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ୨୦୨୪ରେ ୩୫୯୯ ଲୋକଙ୍କୁ ସ୍କ୍ରିନ କରାଯାଇଥିବାବେଳେ ୧୦୪ ପଜିଟିଭ ଚିହ୍ନଟ ହୋଇଥିଲେ। ସେହିପରି ୨୦୨୩ରେ ୪୫୪୮ ଲୋକଙ୍କ ସ୍କ୍ରିନ କରାଯାଇଥିବାବେଳେ ୧୭୦ ପଜିଟିଭ ଚିହ୍ନଟ ହୋଇଥିଲେ। ସେହିପରି ୨୦୨୨ରେ ୧୬୧ଜଣ, ୨୦୨୧ରେ ୩୩୩ ଓ ୨୦୨୦ରେ ୯ ଏବଂ ୨୦୧୯ରେ ୩୦୭ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ବର୍ଷା ହେବା ମାତ୍ରେ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ସାଧାରଣ କଥା। ତେଣୁ ସମସ୍ତେ ସଚେତନ ହେବା ଦରକାର। ନଚେତ ସ୍ଥିତି ଅସମ୍ଭାଳ ହେବ। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅଙ୍ଗନବାଡି କର୍ମୀଙ୍କ ଘର ଘର ବୁଲି ଲୋକଙ୍କୁ ସଚେତନ କରିବାକୁ କୁହାଯାଇଛି। ବିଭିନ୍ନ ସ୍ଥାନରେ

## ସ୍ୱାସ୍ଥ୍ୟ ବିଭାଗକୁ ଡେଙ୍ଗୁ ଚିନ୍ତା

ଟାୟାର, ଟ୍ୟୁବ ଓ ନଡ଼ିଆଖୋଳ ପଡିଥିବା ଓ ସେଥିରେ ଜଳ ଥିଲେ ତାହାକୁ ନଷ୍ଟ କରାଯାଉଛି। କାରଣ ସେହି ଜଳରେ ବିଶେଷ କରି ଡେଙ୍ଗୁ ମଶା ଜନ୍ମ ନେବା ସମ୍ଭାବନା ରହିଛି। ସେହିପରି ନାଳ ଯେଉଁଠି ଜଳ ନିଷ୍କାସିତ ହୋଇପାରୁନଥିବ ସେଠାରେ ଔଷଧ ସିଂଚନ କରାଯାଇ ଲାଭା ନଷ୍ଟ କରାଯାଉଛି। ପୂର୍ବରୁ ଏନେଇ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ପ୍ରକାରରେ କାର୍ଯ୍ୟ କରାଯାଉଛି ବୋଲି ସିଡିଏମଓ ଭବାନୀ ଶଙ୍କର ମିଶ୍ର କହିଛନ୍ତି। ପ୍ରତି ଗାଁରେ କାମ କରୁଥିବା ମେଡିକାଲ ଟିମ ଯାଇ ଅନୁଧ୍ୟାନ କରାଯାଉଛି। ପଜିଟିଭ ଦେଖାଦେଲେ ଡେଙ୍ଗୁ ୱାର୍ଡରେ ଭର୍ତ୍ତି କରାଯିବ। ବର୍ତ୍ତମାନ ସୁଦ୍ଧା କିଏ ହେଲେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇନାହାନ୍ତି। ଜ୍ୱରାକ୍ରାନ୍ତଙ୍କ ଡେଙ୍ଗୁ ପରୀକ୍ଷା କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁଁ ଗଞ୍ଜାମ ଜିଲାରେ ଡେଙ୍ଗୁ ଜ୍ୱର ବ୍ୟାପିବା ସମ୍ଭାବନା ରହିଛି। ଗତ ୨୦୧୭ରେ ଜିଲାରେ ଡେଙ୍ଗୁ ଜ୍ୱର ଉତ୍କଟ ରୂପ ନେଇଥିଲା। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ଏମକେସିଜି ବଡ ଡାକ୍ତରଖାନା କାଜୁଆଲ୍ଟି ପ୍ରଥମ ମହଲାରେ ସ୍ୱତନ୍ତ୍ର ୱାର୍ଡ ଚାଲୁ କରାଯାଇଛି। ଜିଲା ଓ ଅନ୍ୟ ଜିଲାରୁ ଆସୁଥିବା ରୋଗୀଙ୍କ ଉପରେ ନଜର ରଖାଯାଉଛି। ଡେଙ୍ଗୁ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ 'ଦମନ' କାର୍ଯ୍ୟକ୍ରମ ଜରିଆରେ ମଧ୍ୟ ଲୋକଙ୍କୁ ସଚେତନ କରାଯାଉଛି।

## ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି

ବ୍ରହ୍ମପୁର,୨୭।୫(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ମଙ୍ଗଳବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମ, ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତାଗୀର ଓ ପ୍ରୋବେସନ ଆଇଏସ ଅଧିକାରୀ ମ୍ରିନାଲିକା ରାଠୋର ଉପସ୍ଥିତ ଥିଲେ। ୩୫ ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥି ମଧ୍ୟରୁ ୩୨ ବ୍ୟକ୍ତିଗତ, ୨ ସାମୂହିକ ଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨ ହଜାର ଟଙ୍କା ସହାୟତା ରାଶି ଦିଆଯାଇଥିଲା। ୨ଟି ଅଭିଯୋଗର ତୁରନ୍ତ ଫଇସଲା ହୋଇଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କାର୍ଡ, ଭତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ସୁଭଦ୍ରା ଓ ଜଳ ସମସ୍ୟା ଥିଲା। ଅନ୍ୟାନ୍ୟ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବ୍ରହ୍ମପୁର ଉପଖଣ୍ଡ ଓ ସମସ୍ତ ତହସିଲଦାର ଏବଂ ବିଡିଓ ଉପସ୍ଥିତ ଥିଲେ।

# ୨ ବିରଳ ପ୍ରଜାତି ଗଭୀର ସମୁଦ୍ର ମାଛ ଚିହ୍ନଟ




ବ୍ରହ୍ମପୁର,୨୭।୫(ସୁବାସ ଚନ୍ଦ୍ର ପାଢ଼ୀ):

ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜେଡ୍ଏସ୍ଆଇ)ର ବୈଜ୍ଞାନିକ ଓ ଗବେଷକମାନେ ପ୍ରଥମଥର ପାଇଁ ଭାରତୀୟ ଜଳସୀମାରେ ୨ଟି ବିରଳ ପ୍ରଜାତିର ଗଭୀର ସମୁଦ୍ର ମାଛ 'କୋଲୋକୋଙ୍ଗର ସ୍କୋଲେସି' ଏବଂ 'ଓଫିଚ୍ଛୁସ ଏରାବୋ' ଚିହ୍ନଟ କରିଛନ୍ତି। ଏହି ମାଛଗୁଡ଼ିକ କେରଳର କୋଲ୍ଲମ ଉପକୂଳରୁ ସୁନୀଲ ରାଜଙ୍କ ଦ୍ୱାରା ବାଣିଜ୍ୟିକ ବଟମ ଟ୍ରଲିଂ ଅପରେଶନ ସମୟରେ ସଂଗ୍ରହ କରାଯାଇଥିଲା।ଏହି ଗବେଷଣା ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ଏଷ୍ଟୁଆରାଇନ ବାୟୋଲୋଜି ରିଜିଓନାଲ ସେଣ୍ଟର (ଗୋପାଳପୁର-ଅନ୍-ସି) ଏବଂ ମେରାଇନ ବାୟୋଲୋଜି ରିଜିଓନାଲ ସେଣ୍ଟର (ଚେନ୍ନାଇ) ଦ୍ୱାରା କରାଯାଇଛି। ଏହା ଉପରେ ଗବେଷଣା କରୁଥିବା ବୈଜ୍ଞାନିକ ଡ. ଅନିଲ ମହାପାତ୍ର କହିଛନ୍ତି, 'କୋଲୋକୋଙ୍ଗର ସ୍କୋଲେସି' ଏକ ବିରଳ ଇଲ୍ ଜେନସ 'କୋଲୋକୋଙ୍ଗର'ର ଅନ୍ତର୍ଗତ। ଏହି ନୂଆ ପ୍ରଜାତିର ଆବିଷ୍କାର ଅଞ୍ଚଳର ମାଛ ଜୈବ ବିବିଧତାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ବୋଲି ବିବେଚନା କରାଯାଉଛି। ଏହି ମାଛ ଏକ ସମାନ କଳା ରଙ୍ଗରେ ଦେଖାଯାଏ। ସଂରକ୍ଷଣ ପରେ ମଧ୍ୟ ଏହାର ରଙ୍ଗ ସ୍ଥିର ରହିଥାଏ। ଅନ୍ୟପକ୍ଷରେ 'ଓଫିଚ୍ଛୁସ ଏରାବୋ' ଏକ ବ୍ଲଚ୍ଡ ସ୍ନେକ-ଇଲ ପ୍ରଜାତିର। ଏହାର ଶରୀରରେ ଅନେକ ଅର୍ଦ୍ଧଚନ୍ଦ୍ରାକାର ଦାଗ ରହିଛି। ଏହାର ପୃଷ୍ଠ ଭୂରୁଣ୍ଡା-ହଳଦିଆ ରଙ୍ଗର ଥିବାବେଳେ ତଳ ଭାଗ ସଫା ଧଳା। ଏହି ପ୍ରଜାତି ଦକ୍ଷିଣ ଆଫ୍ରିକା, ଜାପାନ, ଓଗାସାୱାରା ଦ୍ୱୀପ, ରୁୟୁକୁ ଦ୍ୱୀପପୁଞ୍ଜ, ତାଇୱାନ ଓ ଭିଏଟ୍ନାମରେ ଦେଖାଯାଏ ବୋଲି ଡ. ମହାପାତ୍ର କହିଛନ୍ତି। ଗବେଷଣାରେ ଡ. କେ.କେ. ବିନୀଶ, ଡ. ସ୍ୱରୂପ ରଞ୍ଜନ ମହାନ୍ତି, ରାଜେଶ କୁମାର ବେହେରା, ସ୍ୱେତା ବେଉରା, ମୌମିତା ଦାସ, ପ୍ରବୀଣ ରୋଜାରିଓ ଓ ସ୍ମୃତିରେଖା ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

## ଦୁର୍ଘଟଣାରେ ଆହତ ରାଜେନ୍ଦ୍ରଙ୍କ ମୃତ୍ୟୁ

### ଚକ୍ଷୁଦାନ କଲେ ପରିବାର



ଭଞ୍ଜନଗର,୨୭।୫(ବାବୁଲା ପ୍ରଧାନ)

ଭଞ୍ଜନଗର-ବେଲଗୁଣ୍ଠା ମୁଖ୍ୟରାସ୍ତାର ନୂଆଗାଁ ସେତୁ ଉପରେ ସୋମବାର ରାତିରେ ପୃଥକ୍ ୩ଟି ବାଇକ୍ ଦୁର୍ଘଟଣା ହୋଇଥିଲା। ଏଥିରେ ୬ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଜଣେ ଯୁବକଙ୍କ ବ୍ରହ୍ମପୁର ବଡ ମେଡ଼ିକାଲରେ ମୃତ୍ୟୁ ହୋଇଛି। ସେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ଡୁମାକୁମ୍ପାର ରାଜେନ୍ଦ୍ର ପାତ୍ର (୧୯)। ପରିବାର ଲୋକେ ମେଡିକାଲରେ ରାଜେନ୍ଦ୍ରଙ୍କ ଚକ୍ଷୁ ଦାନ କରିଛନ୍ତି। ଡୁମାକୁମ୍ପାର ପ୍ରସନ୍ନ ପାତ୍ରଙ୍କ ପୁଅ ରାଜେନ୍ଦ୍ର ଏବଂ ତାଙ୍କର ଜଣେ ସାଙ୍ଗ ଦୀପକ ମିଶି ସୋମବାର ରାତିରେ ବେଲଗୁଣ୍ଠା ଠାକୁରାଣୀ ଯାତ୍ରା ଦେଖିବାକୁ ଯାଉଥିଲେ। ନୂଆଗାଁ ସେତୁ ନିକଟରେ ସେମାନଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ପଛରେ ବସିଥିବା ରାଜେନ୍ଦ୍ର ଛିଟିକି ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଭଞ୍ଜନଗର ମେଡ଼ିକାଲ ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ସେଠାରେ ରାଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା।

# ଅଲିମ୍ପିକରେ ଭାରତର ଗୌରବ ବଢ଼ାଇବା ଲକ୍ଷ୍ୟ ରହିଛି

## ଭାରୋତ୍ତୋଳକ ହର୍ଷବର୍ଦ୍ଧନଙ୍କୁ ସମ୍ବର୍ଦ୍ଧନା


ହର୍ଷବର୍ଦ୍ଧନଙ୍କୁ ବିଧାୟକଙ୍କ ସହିତ ଅନ୍ୟମାନେ ଶୋଭାଯାତ୍ରାରେ ନେଉଛନ୍ତି।

ବ୍ରହ୍ମପୁର, ୨୭।୫ (ସୁବାସ ଚନ୍ଦ୍ର ପାଢ଼ୀ)

ଖେଲୋ ଇଣ୍ଡିଆ ୟୁଥ ପ୍ରତିଯୋଗିତା-୨୦୨୫ରେ ବ୍ରହ୍ମପୁରର ହର୍ଷବର୍ଦ୍ଧନ ସାହୁଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ସେ ଶ୍ରେଷ୍ଠ ଭାରୋତ୍ତୋଳକ ବିବେଚିତ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ହର୍ଷବର୍ଦ୍ଧନ ବ୍ରହ୍ମପୁରରେ ପହଞ୍ଚିଥିଲେ। ତାଙ୍କୁ ବ୍ରହ୍ମପୁର ଷ୍ଟାଡିଅମକୁ ପାଛୋଟ ଆଣିବା ସହିତ ବିଧାୟକ କେ.ଅନିଲ କୁମାର ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହର୍ଷବର୍ଦ୍ଧନ ବ୍ରହ୍ମପୁରର ସୁନା ପୁଅ, ତାହାରି ପ୍ରତିଭା ପାଇଁ ବ୍ରହ୍ମପୁର ସହର ଗର୍ବିତ ହେବା ସହ ଜାତୀୟ ସ୍ତରରେ ସମ୍ମାନ ହାସଲ କରିଛି। ତାଙ୍କ ସହ ସହରବାସୀ ଏବଂ କ୍ରୀଡ଼ାପ୍ରେମୀ ମାନେ ରହିଛନ୍ତି। ତାଙ୍କ କୃତିତ୍ୱ ଓ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ବିଧାୟକ କହିଛନ୍ତି। ବ୍ରହ୍ମପୁର ସହରର କ୍ରୀଡା ମହଲରେ ଏବେ ଖୁସିର ଲହରି ଖେଳିଯାଇଛି। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କାମନା କରିଥିଲେ ବିଧାୟକ। ଏହି ଅବସରରେ ହର୍ଷବର୍ଦ୍ଧନ କହିଥିଲେ ଯେ, ସେ ବ୍ରହ୍ମପୁର ହରିଡାଖଣ୍ଡି ନିକଟସ୍ଥ ଶାନ୍ତିନଗର ପ୍ରଥମ ଲାଇନରେ ରହୁଥିବା ଧନେଶ୍ୱର ସାହୁ ଓ ରାଜଲକ୍ଷ୍ମୀଙ୍କ ପୁଅ। ଭାରୋତ୍ତୋଳନ ପ୍ରତି ପିଲାଟି ଦିନରୁ ତାଙ୍କର ଦୁର୍ବଳତା ରହିଆସିଛି। ଏଥିପାଇଁ ସେ ଶଙ୍କର ଫିଜିକାଲ ଆଣ୍ଡ କଲଚର କ୍ଲବରେ ନାମ ଲେଖାଇ ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ସାହୁଙ୍କଠାରୁ ତାଲିମ ଗ୍ରହଣ କରିଥିଲେ। ପଞ୍ଚମ ଶ୍ରେଣୀରୁ ସେ ସାଧନା ଆରମ୍ଭ କରିଥିବା ବେଳେ ଏହାପରଠୁ ସେ ପଛକୁ ଫେରିନାହାନ୍ତି। ମାତ୍ର ୧୬ ବର୍ଷ ବୟସରେ ୫ରୁ ଅଧିକ ପଦକ ସେ ଜିତିସାରିଛନ୍ତି। ଏଥିରେ ଜାତୀୟସ୍ତରର ଦୁଇଟି ପଦକ ରହିଛି। ସେହିପରି ଖେଲୋ ଇଣ୍ଡିଆ ୟୁଥ ପ୍ରତିଯୋଗିତା-୨୦୨୫ରେ ସ୍ୱର୍ଣ୍ଣ ପଦକ ପାଇଛି ବୋଲି ସେ କହିଛନ୍ତି। ଏହି ପ୍ରତିଯୋଗିତାରେ ସେ ସ୍ନାଚରେ ୮୮ ଓ କ୍ଲିନ ଆଣ୍ଡ ଜର୍କରେ ୧୧୫ କେଜି ଭାରୋତ୍ତୋଳନ କରି ନୂତନ କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ସେହିପରି ୟୁଥ ଚାମ୍ପିଅନଶିପରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବର୍ତ୍ତମାନ ସେ ୪୯ କିଲୋ ବର୍ଗରେ ପ୍ରତିନିଧିତ୍ୱ କରୁଛନ୍ତି। ସେ ବର୍ତ୍ତମାନ ପାଠପଢ଼ା ସାଙ୍ଗକୁ ରାଜ୍ୟଗୋଷ୍ଠୀ କ୍ରୀଡା ସକାଶେ ପଟିଆଲାରେ ପ୍ରଶିକ୍ଷଣ ନେଉଛନ୍ତି। ପ୍ରତିଦିନ ତାଲିମ ସହ ସନ୍ତୁଳିତ ଖାଦ୍ୟପେୟ ଜଣେ କ୍ରୀଡାବିତ୍ ପାଇଁ ଜରୁରି ବୋଲି ସେ କହିଛନ୍ତି। ଓଡିଶାରେ ଭାରୋତ୍ତୋଳନ ପାଇଁ ଭଲ ଭିତ୍ତିଭୂମି ରହିଛି। ଯାହାକି ମୋର ଆତ୍ମବିଶ୍ୱାସକୁ ବଢ଼ାଇଛି। ଏହାକୁ ପାଥେୟ କରି ଆଗକୁ ଭଲ ପ୍ରଦର୍ଶନ କରି ଅଲିମ୍ପିକ୍‌ରେ ପଦକ ଆଣିବା ସହିତ ଭାରତର ଗୌରବ ବଢ଼ାଇବା ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି। ପୂର୍ବରୁ ବ୍ରହ୍ମପୁରର ଉଦୀୟମାନ ଯୁବ ଭାରୋତ୍ତୋଳକ ହର୍ଷବର୍ଦ୍ଧନ ସାହୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ କି ବାତ୍' କାର୍ଯ୍ୟକ୍ରମରେ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେପ୍ରଶିକ୍ଷକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, କଠିନ ପରିଶ୍ରମ ସହ ସମର୍ପିତ ମନୋଭାବ ଜଣେ କ୍ରୀଡାବିତ୍ ସଫଳତାର ଶୀର୍ଷରେ ପହଞ୍ଚି ପାରିବ। ହର୍ଷବର୍ଦ୍ଧନ ହେଉଛନ୍ତି ଏହାର ଜ୍ୱଳନ୍ତ ଉଦାହରଣ ବୋଲି କହିଛନ୍ତି।

## ପଥ ବିକ୍ରେତା ସଂଘ ପକ୍ଷରୁ ସ୍ମାରକପତ୍ର

ଦିଗପହଣ୍ଡି,୨୭।୫(ଅଶେଷ ନାଥ ମିଶ୍ର)

ଆନ୍ତର୍ଜାତିକ ହକ୍କର ଦିବସ ଅବସରରେ ସୋମବାର ଦିଗପହଣ୍ଡି ପଥ ବିକ୍ରେତା ସଂଘ ମିଳିତ ହକ୍କର କାର୍ଯ୍ୟ ପ୍ରକ୍ରିୟା କମିଟି ପକ୍ଷରୁ ବିଭିନ୍ନ ଦାବି ହାସଲ ପାଇଁ ସ୍ଥାନୀୟ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ଅଶୋକ କୁମାର କର୍ଣ୍ଣଙ୍କୁ ଦସ୍ତଖତ ସମ୍ୱଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏନଏସି ପକ୍ଷରୁ ଟାଉନ ଭେଣ୍ଡିଂ କମିଟି ଗଠନ କରାଯାଇ ଡିଜିଟାଲ ସର୍ଭେ ଅନୁସାରେ ସହରର ସମସ୍ତ ପଥ ବିକ୍ରେତା ମାନଙ୍କୁ ପ୍ରଶାସନ ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯିବା, ସେମାନଙ୍କୁ ବ୍ୟବସାୟ ନିମନ୍ତେ ପ୍ରଧାନମନ୍ତ୍ରୀ ମୁଦ୍ରା ଋଣ ଭଳି ଅନ୍ୟାନ୍ୟ ଋଣ ମଞ୍ଜୁର ପାଇଁ ଏନଏସି ଗ୍ୟାରେଣ୍ଟର ରହିବା, କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୀତ ୨୦୧୪ ପଥ ବିକ୍ରେତା ସୁରକ୍ଷା ଓ ଥଇଥାନ ଆଇନ କାର୍ଯ୍ୟକାରୀ କରାଯିବା ଆଦି ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

## ଦୁଇ ବାଇକ୍ ମୁହାଁମୁହିଁ, ଜଣେ ମୃତ

ଖଜୁରୀପଡ଼ା/ଚକାପାଦ,୨୭।୫( ବିଦୁର ବେହେରା/ପ୍ରତାପ କିଶୋର ବେହେରା)

ଖଜୁରୀପଡ଼ା ବ୍ଲକ ସୀମାନ୍ତରେ ଥିବା ମଲ୍ଲାନି ଘାଟି ବେଡ଼ାପଦର ଛକରେ ମଙ୍ଗଳବାର ସନ୍ଧ୍ୟାରେ ୨ ବାଇକ ମୁହାମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ହେମନ୍ତ ଭୋଇ (୪୦)। ଗୁରୁତରଙ୍କ ପରିଚୟ ମିଳି ପାରିନାହିଁ। ଖଲିବେରେଣା ଗାଁର ହେମନ୍ତ ଛେଳି ଖୋଜିବାକୁ ଯାଇ ଘରକୁ ଜଣଙ୍କ ଲୁନା ଗାଡ଼ିରେ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍ (ନଂ. ଓଡ଼ି ୨୯ ଡି ୨୫୦୦) ସହିତ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଉଭୟେ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଖଜୁରୀପଡ଼ା ମେଡିକାଲ ଏବଂ ପରେ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଫୁଲବାଣୀରେ ହେମନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି ।

# ସଫେଇ ହେବ ବାହାନା, ଉଚ୍ଛେଦ ହେବ ଜବରଦଖଲ ଡ୍ରେନ୍

## ସହରକୁ ଜଳବନ୍ଦୀ ମୁକ୍ତ ନେଇ ବିଏମସିର ପ୍ରସ୍ତୁତି

ବ୍ରହ୍ମପୁର,୨୭।୫(ସ୍ମୃତି ରଞ୍ଜନ ମହାଲିକ)

ବର୍ଷା ଦିନରେ ସହରକୁ ଜଳବନ୍ଦୀରୁ ମୁକ୍ତ ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପ୍ରସ୍ତୁତି ଆରମ୍ଭ କରିଛି। ମଙ୍ଗଳବାର ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ରଙ୍କ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଡ୍ରେନେଜ ଓ ବିଏମସିର ମିଳିତ ସହଯୋଗରେ ବର୍ଷା ଜଳ ନିଷ୍କାସନ ନେଇ ଆଲୋଚନା ହୋଇଥିଲା। ଏଥିରେ ଡ୍ରେନେଜ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଏମସି ମେୟର ସଂଘମିତ୍ରା ଦଳେଇ, ନିର୍ବାହୀ ଯନ୍ତ୍ରୀ ନାଗେଶ୍ୱର ସୁବୁଦ୍ଧି, ସୁଶାନ୍ତ କୁମାର ଡୁଙ୍ଗଡୁଙ୍ଗ, ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ରଙ୍କ ସମେତ ଅନ୍ୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ବର୍ଷା ପୂର୍ବରୁ ସହରର ସମସ୍ତ ଡ୍ରେନ ସଫେଇ ପାଇଁ ନିଷ୍ପତ୍ତି ହୋଇଥିଲା। ବିଶେଷକରି ବାହାନା ନାଳ ସଫେଇକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବାହାନ ନାଳ ସଫେଇ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସହରରେ ଜବର ଦଖଲରେ ଥିବା ଡ୍ରେନ ଉଚ୍ଛେଦ ପାଇଁ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୧୦ ତାରିଖ ପୂର୍ବରୁ ବାହାନା ସମେତ ସମସ୍ତ ଡ୍ରେନ ସଫେଇ ପାଇଁ ସ୍ଥିର କରାଯାଇଛି। ଅପରାହ୍ନରେ ଡ୍ରେନେଜ ବିଭାଗର ଯନ୍ତ୍ରୀ ଓ ବିଏମସିର ଯନ୍ତ୍ରୀ ମିଳିତ ଭାବେ ବାହାନା ନାଳର ସ୍ଥିତି ପରିଦର୍ଶନ କରିଥିଲେ। ପରେ ଶରଧାବାଲି, ଖୋଡାସିଙ୍ଗି, ଅଲେଖ ନଗର ଭଳି ସହର ତଳି ଅଞ୍ଚଳରେ ଡ୍ରେନ ଗୁଡିକୁ ଯନ୍ତ୍ରୀମାନେ ବୁଲି ଦେଖିଥିଲେ। ସହରତଳି ଅଂଚଳର ଡ୍ରେନ ଗୁଡିକ ସଫେଇ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଇଛି। ବର୍ଷା ପୂର୍ବରୁ ବିଏମସିର ଡ୍ରେନ ସଫେଇ ପ୍ରସ୍ତୁତିକୁ ଠିକ ବୋଲି କୁହାଯାଉଥିବା ବେଳେ ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବାପାଙ୍କ ସଂଘର୍ଷର ମୂଲ୍ୟ ବୁଝିଲେ ଶିବାନୀ

**କଥାରେ ଅଛି ଇଚ୍ଛା ଥିଲେ ସବୁ ସମ୍ଭବ। ପୂର୍ବରୁ ଏହାକୁ ନେଇ ଅନେକ ଉଦାହରଣ ଥିଲେ ବି ଏଥିରେ ଯୋଡି ହୋଇଛନ୍ତି ଆଉ ଜଣେ ମେଧାବୀ। ନାଁ ତାଙ୍କର ଶିବାନୀ ସେନାପତି। ମାଟ୍ରିକ୍‌ରେ ସେ ଏ-୧ ପାଇ ସ୍କୁଲ ଟପ୍ପର ହୋଇଛନ୍ତି। ତାଙ୍କ ସହ ଭେଟିବା ପରେ ତାଙ୍କ ମନର ଅନେକ ଅକୁହା କଥାକୁ 'ଧରିତ୍ରୀ' ଆଗରେ ବଖାଣିଛନ୍ତି। ଏହାକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା।**

## ସ୍କୁଲ ଟପ୍ପରଙ୍କ ମନର କଥା

ବ୍ରହ୍ମପୁର,୨୭।୫(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ଖାସ୍ପାସାହି ନୃସିଂହ ମନ୍ଦିର ସାହିରେ ପରିବାରକୁ ନେଇ ରୁହନ୍ତି ନରେନ୍ଦ୍ର ସେନାପତି। ପରିବାର କହିଲେ ସ୍ତ୍ରୀ ମିନାକ୍ଷୀଙ୍କ ସହ ୩ ଝିଅ। ବଡ ଝିଅ ଶିବାନୀ ୧୦ମ ପାସ କରିଥିବାବେଳେ ମଝିଆ ଝିଅ ସ୍ନେହା ୬ଷ୍ଠରେ ପଢୁଛନ୍ତି। ସମ୍ପୂର୍ଣ୍ଣା ପ୍ରଥମ ଶ୍ରେଣୀର ଛାତ୍ରୀ। ମା' ମିନାକ୍ଷୀଙ୍କ କହିବାନୁସାରେ ତାଙ୍କ ସ୍ୱାମୀ ଜଣେ ଫେରିବାଲା। ଗାଁ ଗାଁ ସାଇକେଲରେ ବୁଲି ଅଲତା, ସିନ୍ଦୂର,ଟିକିଲି, ପାଉଡର ଆଦି ବିକିବା ତାଙ୍କ କାମ। ସକାଳୁ ସଞ୍ଜ ଯାଏଁ ସେ ତାଙ୍କ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଘରର ଯାବତୀୟ କାର୍ଯ୍ୟ ମିନାକ୍ଷୀ ବହନ କରନ୍ତି। ଦିନକୁ ବେଶୀ ବଡ଼ ହେଲେ ୨୫୦ରୁ ୩୦୦ ଟଙ୍କା ଆୟ। ଯଦି ବର୍ଷା, ଝଡ ହୁଏ ଦିନ ଦିନ ବେପାର ବି ବନ୍ଦ ହୁଏ। ସ୍ୱାମୀଙ୍କ ଏଭଳି ସଂଘର୍ଷ ଦେଖି ପିଲାଙ୍କୁ କିଭଳି ଶିକ୍ଷିତ କରି ସମାଜର ମୁଖ୍ୟସ୍ରୋତରେ ଠିଆ କରାଇବାର ସ୍ୱପ୍ନ ଦେଖୁଛନ୍ତି ମିନାକ୍ଷୀ। ଶିବାନୀଙ୍କୁ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ୫ମ ପର୍ଯ୍ୟନ୍ତ ପଢ଼ାଇବା ପରେ ଅର୍ଥାଭାବରୁ ଆଉ ପଢ଼ାଇ ନପାରି ତାଙ୍କୁ ବିଏମସି ନିକଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ। ଆଉ ଦୁଇଝିଅ ଏବେ ସୀମାଦ୍ରୀ ପଣ୍ଡା ସରକାରୀ ସ୍କୁଲରେ ପଢୁଛନ୍ତି। ବର୍ତ୍ତମାନ ମାଟ୍ରିକ ଫଳାଫଳ ପରେ ଶିବାନୀ ଏ-୧ ପାଇଥିବାବେଳେ ସ୍କୁଲ ଟପ୍ପର ହୋଇଛନ୍ତି। ହେଲେ ସେଥିରେ ଖୁସି ଯେତିକି ଦୁଃଖ ତା'ଠାରୁ ଅଧିକ। ଉଚ୍ଚ ଶିକ୍ଷା ପାଇଁ ସେ କେଉଁଠି ପଢ଼ିବେ, କିଭଳି ପ୍ରସ୍ତୁତି କରିବେ, ଏତେ ଅର୍ଥ କେଉଁଠୁ ଆସିବ, ବଞ୍ଚିବେ କେମିତି, ଆଉ ଦୁଇ ଭଉଣୀ କେମିତି ପଢ଼ିବେ ଏହି ଚିନ୍ତାରେ ଶିବାନୀଙ୍କ ସହିତ ମା'ବାପା ଚିନ୍ତିତ। ବାପାଙ୍କ ସୀମିତ ଆୟରେ ଜୀବନରେ ବଡ଼ ସ୍ୱପ୍ନ ନେଇ ପ୍ରଥମ ପାହାଚ ସଫଳତାର ସହ ଡେଇଁଥିବା ଶିବାନୀ କୁହନ୍ତି, ବିନା ସଂଘର୍ଷରେ ଜୀବନର ସ୍ୱାଦ ମିଳେନା। ରୋଜଗାର ପାଇଁ ବାପାଙ୍କ ସଂଘର୍ଷରୁ ଯାହା ଶିଖିଛି ତାହା ମୋତେ ଏତେ ବାଟ ନେଇ ଆସିଛି। ତଥାପି ଅନେକ ବାକି ଅଛି। ଅର୍ଥକୁ ନେଇ ଯଦିଓ ଚିନ୍ତା ବଢ଼ିଛି, ନିଷ୍ଠା, ଇଚ୍ଛା ଶକ୍ତି ଏବଂ ଭଗବାନଙ୍କ ଆଶୀର୍ବାଦରେ ସବୁ କିଛି ସମ୍ଭବ ଏହାକୁ ମୁଁ ବିଶ୍ୱାସ କରେ, ଯାହା ମା'ବାପାଙ୍କ ପ୍ରେରଣାରୁ ପାଇଛି ବୋଲି ସେ କହିଛନ୍ତି। ଭଗବାନ ଯଦି ଏତେ ବାଟ ନେଇ ଆସିଲେ, ଯେଉଁଠି ପହଞ୍ଚିବାକୁ ଚାହୁଁଛି ସେଠି ପହଞ୍ଚିବା ଆଶା ରହିଛି। ଆଇଏଏସ ହେବାକୁ ଲକ୍ଷ୍ୟ ରଖିଛି। ଖାଲି ସେତିକି ନୁହେଁ ସବୁ କିଛି ଭୁଲିଯାଇ ଦୁଇ ଭଉଣୀଙ୍କୁ ପଢ଼ାଇ ନିଜେ ପଢ଼ିବା ତାଙ୍କର ପ୍ରଧାନ କର୍ତ୍ତବ୍ୟ ହୋଇଯାଇଛି। ଝିଅମାନେ ମା'ବାପାଙ୍କ ଉପରେ ବୋଝ ନ ହୋଇ ନିଷ୍ଠା ଥିଲେ ସବୁ ସମ୍ଭବ। ତେଣୁ ସମସ୍ତେ ନିଜ ଜୀବନର ଲକ୍ଷ୍ୟ ପୂରଣ କରିବାକୁ କେବଳ ସ୍ୱପ୍ନ ଦେଖିଲେ ହେବନି, ତାକୁ ସାର୍ଥକ କରିବାରେ ଯେଉଁ ଇଚ୍ଛାଶକ୍ତି ଆବଶ୍ୟକ ତାହାକୁ ଅଭ୍ୟାସ କରିବାକୁ ପଡ଼ିବ ବୋଲି ଅନ୍ୟମାନଙ୍କୁ ସେ ପ୍ରେରଣା ଦେଇଛନ୍ତି।


ଶିବାନୀ ସେନାପତି

## ଜିଲା କ୍ରୀଡ଼ା ସଂସଦର ଗ୍ରୀଷ୍ମକାଳୀନ ଶିବିର ସରିଲା

ବ୍ରହ୍ମପୁର, ୨୭।୫ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲ୍ଲା କ୍ରୀଡା ସଂସଦ ତରଫରୁ ବାସ୍କେଟବଲ, ଫୁଟବଲ ଓ ଏଥଲେଟିକ ପାଇଁ ଗ୍ରୀଷ୍ମ କାଳିନ ଶିବିର ମଙ୍ଗଳବାର ଉଦଯାପିତ ହୋଇଛି। ଗତ ୭ରୁ ଏହି ଶିବିର ଆରମ୍ଭ ହୋଇଥିଲା। ବ୍ରହ୍ମପୁର ଏସ. ପି ସ୍ପୋର୍ଟ୍ସ ଏରେନା ଠାରେ ଅନୁଷ୍ଠିତ ଉଦ୍ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏସ. ପି ଡା. ସର୍ବଣା ବିବେକ ଏମ. ଏବଂ ଅତିଥି ଭାବେ ପୂର୍ବତନ ହକି ଖେଳାଳି ରଞ୍ଜନ କୁମାର ଶର୍ମା ଯୋଗଦେଇଥିଲେ। ୨୦୦ରୁ ଅଧିକ ଖେଳାଳି ଶିବିରରେ ସାମିଲ ଥିଲେ। ମୁଖ୍ୟ ଅତିଥି ସମସ୍ତ ଖେଳାଳିଙ୍କୁ ଭଲ ପ୍ରଦର୍ଶନ କରି ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ପରେ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜେ. କାମେଶ୍ୱର ରାଓ ସଭା ପରିଚାଳନା କରିଥିଲେ। ବିଜୟ କୁମାର ପଟ୍ଟନାୟକ, ଡି. ଆପରାଓ, ଡି. ବାବୁ ରାଓ, ଡି. ଗନ୍ତାୟତ, ଜି. ଏମ ବାବୁ, ପ୍ରମୋଦ ମହାରଣା, ପ୍ରଶାନ୍ତ ରାଉତ, ଏଲ. କେ. ରାଓ ରେଡ୍ଡୀ, ଗୋପାଳ ପଣ୍ଡା, ରାଜେନ୍ଦ୍ର ବେହେରା, ଭି. ନାଗେଶ୍ୱର ରାଓ, ବିଶ୍ୱନାଥ ପାତ୍ର ଏବଂ ଜିଲାର ବରିଷ୍ଠ ଖେଳାଳି ଯୋଗଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ACCOUNTANT & MARKETING EXECUTIVE for Furniture & Timber, Construction Organisation, Experience on above field preferable.
Salary starts now 10000/- to 15000/-.
Call: 7064170280, 9777251369

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in
M: 9840335849

ଆବଶ୍ୟକ
ଡ୍ରାଇଭର ଓ ରୋଷେୟା ଆବଶ୍ୟକ।
ମଞ୍ଚେଶ୍ୱର, ଭୁବନେଶ୍ୱର
ଯୋଗାଯୋଗ
8249176583
9110572630

WANTED
Honest, Responsible Peon-cum-Caretaker for guest house, Salary as per experience, Free room, utilities. Must speak Hindi, English, Odia. Immediate joining in Bhubaneswar.
Send Biodata to 9438128790

ସହକାରୀ ଆବଶ୍ୟକ
ମହିଳା ବୟସ 35-50ବର୍ଷ, ଯୋଗ୍ୟତା-ଏକାଦଶ ବା +2, ପ୍ରଥମଶ୍ରେଣୀ ଓଡିଶା ଉତ୍ତମ ଦୃଷ୍ଟି ଶକ୍ତି ସମ୍ପର୍ଣ୍ଣ ସନ୍ତାନ ସନ୍ତତି 12 ବର୍ଷରୁ ଉର୍ଦ୍ଧ୍ୱ ସର୍ବାଧିକ ତିନି ଜାତି-ସାଧାରଣ ବର୍ଗ ସେବା କାମ୍ୟ ବ୍ୟକ୍ତି 89ବର୍ଷ ରହିବା ଘର ବ୍ୟବସ୍ଥା ଅଛି। ଆଧାର କାର୍ଡ, ସ୍ୱାସ୍ଥ୍ୟ ଓ ଜାତି ପରିଚୟ ପତ୍ର ଆବଶ୍ୟକ। ପାରିଶ୍ରମିକ ସାକ୍ଷାତରେ ଯାହା ନିଷ୍ପତ୍ତି ହେବ। ପ୍ରତ୍ୟକ୍ଷରେ ଯୋଗାଯୋଗ କରନ୍ତୁ-9438572007, କର୍ତ୍ତା- ଲିଙ୍ଗରାଜ ପାଳ, (କଲୋନୀ), ଭଞ୍ଜନଗର

REQUIREMENT
Educated & Well behaved Candidate required for a Construction Site with good communication skill. Both Field & Office Work Bhubaneswar.
Mob. - 7381207777

ଅମ୍ବିକା ସର୍ଭିସେସ୍ (ଭୁଜ୍)
ଗୁଜରାଟ ବିପୁଳ ସଂଖ୍ୟକ ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି ଦେଉଛି। ଦରମା 24000+3200, ପିଏଫ୍ + ରହିବା ସୁବିଧା, 12 ଘଣ୍ଟା ଡ୍ୟୁଟି।
ଯୋଗାଯୋଗ : 9624019510, 9727054779, 7486050035, 9429927537, ନିଯୁକ୍ତି ମାଗଣା।

See Career Appointment on every Wednesday & Saturday

Display Line
WALK-IN INTERVIEW
A Bhubaneswar based leading Advertising Agency dealing in Print, Electronic & Outdoor Media requires
» Accounting Asst. (M/F) «
Qualification: Commerce Graduate with Knowledge in Tally.
Interested candidates may walk-in Interview at the following address with detail resumes & copies of testimonials on 29th & 31st May 2025 between 10.00 A.M. to 06.00 P.M.
Venue | Plot No.: A/173, Saheed Nagar, (Near Sparsh Hospital), Bhubaneswar-751007, Ph.: 0674-4041513

RECRUITMENT
ZENITH ENGINEERING & MANAGEMENT STUDIES
Approved by AICTE, New Delhi, Affiliated to BPUT, Odisha
1. Principal : (Ph.D with 5-10 Year's Experience)
2. Professor / Asso. Prof. / Asst. Prof : PhD / M.Tech in Civil, EE, Mech., CSE, Mining with (0-5 years experience)
3. Lab Assistant : Civil, EE, Mech, CSE, Mining (B.Tech with 0-3 years experience)
4. Administrative Officer : Graduate & above with 3 years minimum experience in Educational field.
5. Placement Officers / Librarian & Accountant : Minimum 0-3 years experience in respective field.
Eligible candidates are requested to send their updated resume through the E-mail ID : zemsbbsr@gmail.com within 7days from the date of publication of the advertisement. You can also send through whatsapp
NH-16, Pitapalli, Khordha, 752057
Contact / WhatsApp : 8908018083

## ସଂକ୍ଷେପରେ

### ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ମହାରାଷ୍ଟ୍ର ଦମ୍ପତି

ପାରଳାଖେମୁଣ୍ଡି,୨୭।୫
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରୁ ମହାରାଷ୍ଟ୍ରର ଏକ ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ କରିଛନ୍ତି। ଜିଲାର ୭୦ତମ ଏହି ଶିଶୁକୁ ଜିଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ସମ୍ପୃକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଖବରରୁ ଜଣାପଡିଛି, ପ୍ରାୟ ୩ମାସ ତଳେ ପାରଳାଖେମୁଣ୍ଡି ରେଳ ଷ୍ଟେଶନରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଏହି ଶିଶୁଟିକୁ ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶରେ ଯତ୍ନ ଓ ସୁରକ୍ଷା ନିମନ୍ତେ ରାଣୀପେଣ୍ଠସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ ଅନୁଷ୍ଠାନରେ ରଖି ଲାଳନପାଳନ କରାଯାଉଥିଲା। ପରବର୍ତ୍ତୀ ସମୟରେ ଶିଶୁ ମଙ୍ଗଳ ସମିତି ଶିଶୁଟିକୁ ଆଇନତଃ ମୁକ୍ତ ଘୋଷଣା କରିବା ସହ ଶିଶୁଟିର ସମସ୍ତ ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲରେ ଅପ୍‌ଲୋଡ୍ କରିଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନ୍‌ଲାଇନ ମାଧ୍ୟମରେ ଆବେଦନ କରି ଅପେକ୍ଷା କରି ରହିଥିବା ସମ୍ପୃକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଦମ୍ପତି ଏହି ଶିଶୁଟିକୁ ପସନ୍ଦ କରି ପୋଷ୍ୟସନ୍ତାନ ରୂପେ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲାପାଳ ଯାଞ୍ଚ କରିବା ପରେ ମଙ୍ଗଳବାର ଶିଶୁଟିକୁ ସମ୍ପୃକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ୩ ମାସର ଏହି ଶିଶୁଟି ଏକ ଶିଶୁକନ୍ୟା। ଏହାକୁ ପାଇ ମରାରାଷ୍ଟ୍ରର ଏହି ଦମ୍ପତି ଖୁସି ପ୍ରକାଶ କରିଛନ୍ତି।

### ବାଲିଗୁଡାରେ ଲଗାଣ ବର୍ଷା, ଗରମ ଗୁଳୁଗୁଳିରୁ ଆଶ୍ୱସ୍ତି

ବାଲିଗୁଡା,୨୭।୫
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ମଙ୍ଗଳବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲଘୁଚାପଜନିତ ଲଗାଣ ବର୍ଷା ହୋଇଥିଲା।ଏହାଦ୍ୱାରା ଅଞ୍ଚଳରେ ଗତ କିଛି ଦିନ ହେଲା ଲାଗି ରହିଥିବା ଗରମ ଓ ଗୁଳୁଗୁଳିରୁ ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ବର୍ଷା ଯୋଗୁ ଅଭାବୀ ଜଳ ପୂରଣ ହୋଇପାରିଥିବା ବେଳେ ଉଦ୍ୟାନ ଚାଷୀଙ୍କୁ ଏହି ବର୍ଷା ଫାଇଦା ଯୋଗାଇ ପାରିବ। ବର୍ଷା ନ ଥିବାରୁ ଅଞ୍ଚଳରେ ପନିପରିବା ଅଭାବ ଦେଖାଯାଉଥିଲା। ସେହିପରି ପାରମ୍ପରିକ ହଳଦୀ, ଅଦା, କାନ୍ଦୁଲ ଚାଷ ପାଇଁ ବର୍ଷା ଫାଇଦା ହେବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।

### ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଶ୍ରାଦ୍ଧ ଦିବସ

ବାଲିଗୁଡା,୨୭।୫(ସଞ୍ଜୟ ପାଣିଗ୍ରାହି)

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ମଙ୍ଗଳବାର ଶ୍ରାଦ୍ଧ ଦିବସ ବାଲିଗୁଡା କଂଗ୍ରେସ ତରଫରୁ ସ୍ଥାନୀୟ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଜବାହରଲାଲଙ୍କ ସ୍ମୃତି ଚାରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଡା ବିଚିତ୍ରା ନନ୍ଦ ଆଚାର୍ଯ୍ୟ, ମନୋଜ କୁମାର ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧକ୍ଷ କେ. ବଳରାମ ଦୋରା, ସପ୍ନେଶ୍ୱର ସାହୁ, ଶୁକଦେବ ନାୟକ, ଅମର, ଗୌରି ଶଙ୍କର ଆଚାରୀ, କାଉନସିଲର ଅଞ୍ଜୁ ଦିଗାଳଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ୫ ସ୍ଥାନରୁ ପାଣି ନମୁନା ସଂଗ୍ରହ

## ଡେଙ୍ଗୁ ମୃତ୍ୟୁ ପରେ ଆର୍ଯ୍ୟପଲ୍ଲୀରେ ସ୍ୱାସ୍ଥ୍ୟ ଟିମ୍

ଛତ୍ରପୁର,୨୭।୫
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)



ପାଣିର ନମୁନା ସଂଗ୍ରହ କରାଯାଉଛି।

ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡ଼ ଆର୍ଯ୍ୟପଲ୍ଲୀ ଗ୍ରାମରେ ଡେଙ୍ଗୁ ଜ୍ୱର ବ୍ୟାପିବାରେ ଲାଗିଛି । ଡେଙ୍ଗୁରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ବି ୫ ଜଣ ଆକ୍ରାନ୍ତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ଗାଁରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ପହଞ୍ଚିଛନ୍ତି। ସେମାନେ ବିଭିନ୍ନ ସାହି ବୁଲି ଲୋକଙ୍କୁ ସଚେତନ କରିବା ପରେ ଗାଁର ୫ଟି ସ୍ଥାନରୁ ପାଣିର ନମୁନା ସଂଗ୍ରହ କରିଛନ୍ତି। ଏହି ନମୁନା ଲ୍ୟାବକୁ ପଠାଯିବ ବୋଲି ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସ୍ୱାଧୀନ କୁମାର ରଥ ସୂଚନା ଦେଇଛନ୍ତି। ପରେ ପଂଚାୟତ କାର୍ଯ୍ୟାଳୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ଜ୍ୱର ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଗତବର୍ଷ ମଧ ଆର୍ଯ୍ୟପଲ୍ଲୀରେ ପ୍ରାୟ ୪୦ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। ଚଳିତବର୍ଷ ପୁଣି ଗାଁରେ ଡେଙ୍ଗୁ ରୋଗ ବ୍ୟାପିଛି। ଗାଁ ସାରା ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଥିବା ବେଳେ ନାଳନର୍ଦ୍ଦମା ଗୁଡ଼ିକୁ ମଧ ନିୟମିତ ସଫା କରାଯାଉନାହିଁ । ଯାହାଫଳରେ ଲୋକେ ଡେଙ୍ଗୁ ଆକ୍ରାନ୍ତ ହେଉଛନ୍ତି। ଡେଙ୍ଗୁ କିଭଳି ଗାଁରୁ ମୂଳୋତ୍ପାଟନ ହେବ ସେ ନେଇ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି ଗ୍ରାମବାସୀ । ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରାଙ୍କ ଅଧକ୍ଷତାରେ ସଚେତନତା ସଭା ହୋଇଥିଲା। ସଭାରେ ଉପସ୍ଥିତ ପୂର୍ବତନ ସରପଞ୍ଚ ଏମ. ଗୁମାଲି, ଅଗସ୍ତି ନୂଆଗାଁ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦେବେନ୍ଦ୍ର ମିଶ୍ର, ସମ ହସ୍ପିଟାଲର ଡାକ୍ତର ଦେବ ପ୍ରସାଦ ଦାଶ, ଲ୍ୟାବ ଟେକ୍ନିସିଆନ ଡ଼ଃ ନିତିନ ମୋହନ, ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ, ଆଶା କର୍ମୀ ମାନେ ରୋଗ ଯେପରି ଅଧିକ ନ ବ୍ୟାପିବ ସେନେଇ ଲୋକଙ୍କୁ ସଚେତନ କରିବା ସହିତ ପରିବେଶ ସଫା ରଖିବାକୁ କହିଥିଲେ। କାହାରି ଠାରେ ଡେଙ୍ଗୁର କିଛି ଲକ୍ଷଣ ଦେଖାଗଲେ ସରକାରୀ ଚିକିତ୍ସାଳୟରେ ଚିକିତ୍ସା ହେବା ପାଇଁ ଲୋକଙ୍କୁ ସଚେତନ କରାଇଥିଲେ ।

### ଘରୋଇ ହସ୍ପିଟାଲ ରିପୋର୍ଟକୁ ନେଇ ସନ୍ଦେହ

ଛତ୍ରପୁର,୨୭।୫(ସନ୍ତୋଷ ପାଢ଼ୀ)

ଡେଙ୍ଗୁରେ ଜଣେ ନାବାଳକଙ୍କ ମୃତ୍ୟୁ ସମ୍ପର୍କରେ ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସ୍ୱାଧୀନ କୁମାର ରଥ ସୋମବାର ସୂଚନା ଦେଇଥିଲେ। ସଚେତନତା ବୈଠକ ଓ ସର୍ଭେ ହେବ ବୋଲି ନିର୍ଦ୍ଦେଶନାମା ଜାରି ସହ ଗଣମାଧମ ପ୍ରତିନିଧିଙ୍କୁ ନେଇ ଗଠିତ ସିଏଚସି ମୁନିସିପେଣ୍ଠ ହ୍ୱାଟ୍ସଆପ୍ ଗ୍ରୁପରେ ସୁପରିଣ୍ଟେଣ୍ଡେଣ୍ଟ ପୋଷ୍ଟ କରିଥିଲେ। ତେବେ ଡେଙ୍ଗୁରେ ନୁହେଁ ଅନ୍ୟ କାରଣରୁ ଘରୋଇ ହସ୍ପିଟାଲର ଆଇସିୟୁରେ ନାବାଳକଙ୍କ ମୃତ୍ୟୁ ହୋଇଥିବା ମଙ୍ଗଳବାର ସେ ଗଣମାଧମକୁ କହିଛନ୍ତି। ସେ କହିଛନ୍ତି ଯେ, ଘରୋଇ ହସ୍ପିଟାଲ ଡେଙ୍ଗୁ ନେଗେଟିଭ ରିପୋର୍ଟ ଦେଇଛି। ଅପରପକ୍ଷେ କୌଣସି ଘରୋଇ ହସ୍ପିଟାଲରେ ଡେଙ୍ଗୁ ସମ୍ବନ୍ଧୀୟ ରକ୍ତ ପରୀକ୍ଷା କରିବା ନେଇ ସ୍ୱାସ୍ଥ୍ୟ ବିଭାଗର କଟକଣା ଥିବା ସୁପରିଣ୍ଟେଣ୍ଡେଣ୍ଟ ସୂଚନା ଦେଇଛନ୍ତି। ତେବେ କିଭଳି ଉକ୍ତ ଘରୋଇ ହସ୍ପିଟାଲ ନାବାଳକଙ୍କ ରକ୍ତ ପରୀକ୍ଷା କଲା ଏବଂ ଡେଙ୍ଗୁ ନେଗେଟିଭ ରିପୋର୍ଟ ଦେଲା ତାହା ସନ୍ଦେହ ସୃଷ୍ଟି କରିଛି।

# ୪ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

## ଚାଲାଣକାରୀ ଗିରଫ

ଆସିକା,୨୭।୫(ସୁରେନ୍ଦ୍ର ନାଥ ସାହୁ)

ଆସିକା-ବ୍ରହ୍ମପୁର ୫୯ ନଂ. ଜାତୀୟ ରାଜପଥର କାଳଷଣ୍ଢପୁର-ପାଟଳିଗୁଡା ମଧ୍ୟରେ ସୋମବାର ଅପରାହ୍ଣରେ ଏକ ପିକ୍‌ଅପ ଭ୍ୟାନରେ ଚାଲାଣ ହେଉଥିବା ୧୩ ପ୍ୟାକେଟ ଗଞ୍ଜେଇ ପୋଲିସ ଜବତ କରିଛି । ଗାଡିର ଚାଳକ ତଥା ଚାଲାଣକାରୀ ବ୍ରହ୍ମପୁର ସଦରଥାନା ଆଙ୍କୁଶପୁର ନିକଟସ୍ଥ ଚଢେଇପଡା ଗ୍ରାମର ପି. ମୋହନଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୨ଟି ମୋବାଇଲ ଫୋନ୍ ସହ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୦୭ଏଆର-୪୨୮୬)କୁ ଜବତ କରିଛି। ଜବତ ୧୩ଟି ପଲିଥିନ ବ୍ୟାଗରେ ଥିବା ୪ କୁଇଣ୍ଟାଲ ୧୭କେଜି ୭୮୦ ଗ୍ରାମ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଆସିକା ଏସଡିପିଓ ସନ୍ତୋଷ କୁମାର ଜେନାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି । ଗଞ୍ଜେଇ ସବୁ କନ୍ଧମାଳ ଜିଲା ରାଇକିଆରୁ ବ୍ରହ୍ମପୁର ଯାଉଥିଲା । ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ.୩୪୭/୨୪ରେ ମାମଲା ରୁଜୁ କରାଯାଇ ସନ୍ଧ୍ୟାରେ ଅଭିଯୁକ୍ତ ମୋହନଙ୍କୁ ଭଞ୍ଜନଗରସ୍ଥିତ ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଛି । ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ପୋଲିସ କୌଣସି ସୂତ୍ରରୁ ଖବର ପାଇବା ପରେ ଥାନା ଅଧିକାରୀ ସେଠୀ, ଏଏସଆଇ ଶୁଭାଶିଷ ସ୍ୱାଇଁ ଓ ପୋଲିସ ପିକଅପ ଭ୍ୟାନକୁ ପିଛା କରି ଜବତ କରିଥିଲେ ।

## ଶିକ୍ଷା ସଚେତନତା ପାଇଁ ବିଇଓଙ୍କ ପ୍ରୟାସ



ବୁଗୁଡ଼ା,୨୭।୫(କାଳିଚରଣ ଦାଶ)

ଗ୍ରୀଷ୍ମ ଅବକାଶରେ ଶିକ୍ଷା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ବୁଗୁଡ଼ା ବିଇଓ ଚିନ୍ମୟ ମହାପାତ୍ରଙ୍କ ପ୍ରୟାସ ପ୍ରଶଂସନୀୟ ହୋଇପାରିଛି। ବୁଗୁଡ଼ା ବ୍ଲକ ଅଧୀନ ବାଲିପଦର ଅଞ୍ଚଳର ବିଭିନ୍ନ ଗ୍ରାମକୁ ବିଇଓ ପରିଦର୍ଶନରେ ଯାଇ ଛାତ୍ରୀଛାତ୍ରଙ୍କ ଘରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରି ପିଲାଙ୍କ ପଢ଼ାପଢି ବିଷୟରେ ପଚାରି ବୁଝିଥିଲେ। ଆବଶ୍ୟକ ସ୍ଥଳେ ଶିକ୍ଷାଦାନ ମଧ କରିଥିଲେ। ଏହାକୁ ନେଇ ସମସ୍ତ ସିଆରସିସି, ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟତ୍ରୀ ଶିକ୍ଷକ ସମେତ ଅଭିଭାବକ ମହଲରେ ତତ୍ପରତା ଦେଖା ଦେଇଛି। ଆଗାମୀ ଦିନରେ କିପରି ଶିକ୍ଷା ପ୍ରତି ପିଲାମାନଙ୍କ ଆଗ୍ରହ ବୃଦ୍ଧି ପାଇବ ସେନେଇ ଏହା ଏକ ଯଥାର୍ଥ ପ୍ରୟାସ ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି। ଆଗକୁ ଏଭଳି ପ୍ରୟାସ ଜାରି ରହିବ ବୋଲି ବିଇଓ ସୂଚନା ଦେଇଛନ୍ତି।

# ଆଜି ଭଉଣୀମାନଙ୍କୁ ନିଜସାହି ଭ୍ରମଣ କରାଇବେ ମା'

## ମା' ପାଟଖଣ୍ଡା ଠାକୁରାଣୀ ଯାତ୍ରା

ବାଲିଗୁଡା,୨୭।୫
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ମଙ୍ଗଳବାର ୨୨ ଦିନରେ ଏବଂ ନଗର ପରିଭ୍ରମଣ ୧୬ ଦିନରେ ପହଞ୍ଚିଛି। ଏଥିପାଇଁ ଗାନ୍ଧୀ ଛକସ୍ଥିତ ମା' ବରାଳ ଦେବୀ ମନ୍ଦିର ଅସ୍ଥାୟୀ ମଣ୍ଡପ ଯାତ୍ରା ଆରମ୍ଭରୁ ଶ୍ରଦ୍ଧାଳୁଙ୍କ ସମାଗମରେ ଚଳଚଞ୍ଚଳ ରହିଛି। ବୁଧବାର ମା'ପାଟଖଣ୍ଡାଙ୍କ ନିଜସ୍ୱ ସାହି ପାଟଖଣ୍ଡା ସାହିକୁ ନିଜ ଭଉଣୀମାନଙ୍କୁ ନେଇ ପରିଭ୍ରମଣ କରାଇବେ। ଅସ୍ଥାୟୀ ପୀଠରେ ମା' ପାଟଖଣ୍ଡାଙ୍କ ସମେତ ମା' କନକ ଦୁର୍ଗା, ମା' ଡେଙ୍ଗସିଲ, ମା' ବରାଳଦେବୀ, ମା' ମହାମାୟୀ ଓ ମା' ଦକ୍ଷିଣକାଳୀ ବିଜେ କରିଛନ୍ତି। ମଙ୍ଗଳବାର ୨୨ ଦିନରେ ନୂଆସାହି ପୂଜା କମିଟି ଅଞ୍ଚଳକୁ ଠାକୁରାଣୀମାନେ ପରିଭ୍ରମଣ କରିଥିଲେ। ଏହି ଅବସରରେ ସନ୍ଧ୍ୟା ଆଳତୀ ପରେ ପରେ ଏକ ପଟୁଆରରେ ଆଦିବାସୀ ନୃତ୍ୟ ଓ ଗୀତ ବାଜାବାଜଣାରେ ମା' ଅସ୍ଥାୟୀ ପୀଠରୁ ବାହାରି ଗାନ୍ଧୀ ଛକ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ, ରେଭିନ୍ୟୁ ବଙ୍ଗଳା, ଜଗନ୍ନାଥ ମନ୍ଦିର, ତ୍ରିବେଦୀ ପାର୍କ ଛକ, ବଜାର ଛକ, ପାଟଖଣ୍ଡା ମନ୍ଦିର, ମାର୍କେଟ, ହାଟପଦା ମାର୍କେଟ, ପାଟଖଣ୍ଡା ସାହି ଛକ, ବୁଢ଼ାଗୁଡା ରାସ୍ତା ଛକ, କଳ୍ପନା ଛକ ଦେଇ ନୂଆସାହିରେ ପରିଭ୍ରମଣ କରିବା ପରେ ଶ୍ରଦ୍ଧାଳୁମାନେ ଅସ୍ଥାୟୀ ପୂଜା ମଣ୍ଡପକୁ ମା' ମାନଙ୍କୁ ପାଛୋଟି ନେଇଥିଲେ। ଏହି ସମୟରେ ବକାସୁର ବଧ ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା। ବୁଧବାର ମା'ଙ୍କ ନିଜସ୍ୱ ସାହି ପରିଭ୍ରମଣ କାର୍ଯ୍ୟକ୍ରମ ଥିବା ବେଳେ ଗୁରୁବାର ମା' ଙ୍କ ବିଶ୍ରାମ ଦିବସ ରହିଛି।

### ରକ୍ତହୀନତା କାରଣ, ପ୍ରତିକାର ଉପରେ ଆଲୋଚନାଚକ୍ର

ଫୁଲବାଣୀ,୨୭।୫(ରାକେଶ କୁମାର ରାଉତ)

ଟିକାବାଲିସ୍ଥିତ ମା' ଗୃହ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରକ୍ତହୀନତାର କାରଣ ଓ ତାର ପ୍ରତିକାର ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବ୍ଲକ୍ ଅଧକ୍ଷ ଦିଲୀପ କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାରେ ସ୍ୱାତୀ ଅନୁଷ୍ଠାନ ଜାରି ରଖିଥିବା କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଅତିଥି ଭାବେ ଜିଲା ସମାଜ ମଙ୍ଗଳ ବିଭାଗର ପ୍ରୋଗ୍ରାମ ଅଫିସର୍ ସରୋଜଲତା ଦେଈ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ ଯୋଗଦେଇ ନବଜାତ ଶିଶୁର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ଲାଗି ଗର୍ଭବସ୍ଥା ସମୟରେ ବିଭିନ୍ନ କ୍ଷେତ୍ରରେ ଯତ୍ନ ନିଆଯିବା ଆବଶ୍ୟକ ବୋଲି କହିଥିଲେ। ଗର୍ଭାବସ୍ଥାରେ ଯଦି ରକ୍ତହୀନତା ଦେଖାଦିଏ ଉଭୟ ମା' ଓ ଛୁଆକୁ ପ୍ରଭାବିତ କରିଥାଏ । ଯାହା ପରେ ବିକଳାଙ୍ଗ କିମ୍ବା କମ୍ ଓଜନର ଶିଶୁ ଜନ୍ମ ହୋଇଥାଏ ବୋଲି ସୂଚନା ଦେଇଥିଲେ। ରକ୍ତହୀନତାରୁ ମୁକୁଳିବା ପାଇଁ ସରକାରଙ୍କ ମୋ ଉପକାରୀ ବଗିଚା କାର୍ଯ୍ୟକ୍ରମରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ରଶ୍ମିରଞ୍ଜନ ତ୍ରିପାଠୀ, ଆସିକ୍ ସାହୁ ରକ୍ତହୀନତାର କାରଣ ଓ ତାର ନିରାକରଣ ଉପରେ ଆଲୋକପାତ କରିଥିଲେ। ସ୍ୱାତୀ ସଂଯୋଜକ ବିଶ୍ୱରଂଜନ କର ମା' ଗୃହର କାର୍ଯ୍ୟକ୍ରମ ଉପରେ କହିଥିଲେ । କାର୍ଯ୍ୟକ୍ରମରେ ୪୦ ରୁ ଊର୍ଦ୍ଧ୍ୱ ଗର୍ଭବତୀ, ସ୍ଥାନୀୟ ଏ.ଏନ୍.ମ୍, ଆଶା ଓ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ ।

# ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବାଣ୍ଟିଲେ ମନ୍ତ୍ରୀ

ଖଲ୍ଲିକୋଟ,୨୭।୫
(ପ୍ରଶାନ୍ତ କୁମାର ମିଶ୍ର)



ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରୁଛନ୍ତି ମନ୍ତ୍ରୀ।

ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖଲ୍ଲିକୋଟ ବ୍ଲକ ଗସ୍ତ କରି ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାରେ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବାଣ୍ଟିଛନ୍ତି। ଦୀର୍ଘ ବର୍ଷ ହେଲା ଆବେଦନ କରି ଅପେକ୍ଷା କରି ରହିଥିବା ହିତାଧିକାରୀ ମଙ୍ଗଳବାର ମନ୍ତ୍ରୀଙ୍କ ହାତରୁ ରାଶନ କାର୍ଡ ପାଇ ଖୁସି ବ୍ୟକ୍ତ କରିଥିଲେ। ଖଲ୍ଲିକୋଟ ବ୍ଲକର ୨୫୦୦ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିବା ବେଳେ ଗଞ୍ଜାମ ବ୍ଲକ, ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବେଗୁନିଆପଡା ବ୍ଲକର ବହୁ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ପାତ୍ର କହିଲେ, ଯେଉଁ ଗରିବ ହିତାଧିକାରୀମାନେ ଏଯାଏ କାର୍ଡ ପାଇନାହାନ୍ତି ସେମାନେ ପୋର୍ଟାଲରେ ଆବେଦନ କରନ୍ତୁ ସର୍ଭେ କରାଯାଇ ସେମାନଙ୍କୁ ରାଶନ କାର୍ଡ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଡ଼ିଓ ଦେବାଶିଷ ସାମଲ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହର୍ଷବର୍ଦ୍ଧନଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ

ଛତ୍ରପୁର,୨୭।୫(ଦିଲ୍ଲୀପ ସାମଲ)

ବ୍ରହ୍ମପୁର ସହରର ହରିଡାଖଣ୍ଡିସ୍ଥିତ ଶାନ୍ତିନଗରର ହର୍ଷବର୍ଦ୍ଧନ ସାହୁ ଗଞ୍ଜାମ ଜିଲାର ଗୌରବ ପାଲଟିଛନ୍ତି। ସେ ଜାତୀୟସ୍ତରରେ ଭାରୋତ୍ତୋଳନରେ ରେକର୍ଡ ସୃଷ୍ଟି କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ କୀ ବାତ କାର୍ଯ୍ୟକ୍ରମରେ ତାଙ୍କୁ ପ୍ରଶଂସା କରିଛନ୍ତି। ହର୍ଷବର୍ଦ୍ଧନ ମଙ୍ଗଳବାର ଗଞ୍ଜାମ ଫେରିବା ପରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଖେଳ ପାଇଁ ଆଗାମୀ ଦିନରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ହର୍ଷବର୍ଦ୍ଧନ ନିଜ ସଫଳତାରେ ଖୁସି ଥିବା ପ୍ରଧାନମନ୍ତ୍ରୀ ତାଙ୍କ ନାଁ କହିଥିବାରୁ ଗର୍ବ ଅନୁଭବ କରୁଛି ବୋଲି କହିଛନ୍ତି। ଆଗାମି ଦିନରେ ସେ ଅଲମ୍ପିକ ଖେଳିବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ସୂଚନାଯୋଗ୍ୟ, ସାଉଥ ଆମେରିକା ଲିମାରେ ଅନୁଷ୍ଠିତ ଆଇଡବ୍ଲୁଏଲଏଫ ବୋରଲଦ ୱାର୍ଲଡ ୟୁଥ ଭାରୋତ୍ତୋଳନ ଚମ୍ପିଅନଶିପରେ ୪୯ କିଲୋଗ୍ରାମ ୟୁବ ବର୍ଗରେ ୨୦୩ କିଲୋଗ୍ରାମ ଭାର ଉଠାଇ ହର୍ଷବର୍ଦ୍ଧନ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏଥିସହ ବିହାରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ମଧ ପଦକ ହାସଲ କରିଥିଲେ ।



ଭାରୋତ୍ତୋଳନରେ ରେକର୍ଡ କରିଥିବା ହର୍ଷବର୍ଦ୍ଧନଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

## ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



ପାରଳାଖେମୁଣ୍ଡି, ୨୭।୫
(ଗିରିଧାରୀ ପରିଚ୍ଛା):

ରାୟଗଡ଼ ବ୍ଲକ କଇଁପୁର ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶଙ୍କର କେରକେଟା ଓ ଉପଜିଲାପାଳ ଅନୁପ ପଣ୍ଡା ପ୍ରମୁଖ ଯୋଗଦେଇ କଇଁପୁର ପଞ୍ଚାୟତ ସମେତ ଲକ୍ଷ୍ମୀପୁର, ଜିରାଙ୍ଗ ଓ ଏସ.କରଡ଼ାସିଂ ପଞ୍ଚାୟତରୁ ଆସିଥିବା ମୋଟ ୫୨ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ସେଥିମଧ୍ୟରୁ ୩୬ଟି ବ୍ୟକ୍ତିଗତ ଓ ୧୬ଟି ଗ୍ରାମ ଭିତ୍ତିକ ସମସ୍ୟା ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ସମୟରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ ପଞ୍ଚାୟତ ସମିତି ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଉପ ଅଧକ୍ଷ ଜ୍ୟୋତି ପ୍ରସାଦ ପାଣି, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରଖ ଅଲ୍ଲୀ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବୃଡ଼ିଗୁଡା-ରାଇଗୁଡ଼ା ରାସ୍ତା ମରାମତି ଦାବି

ଫୁଲବାଣୀ,୨୭।୫
(ରାକେଶ କୁମାର ରାଉତ)

ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ବୃଡ଼ିଗୁଡାଠାରୁ ବାଘପଦର ଦେଇ ରାଇଗୁଡ଼ାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡିଛି । ରାସ୍ତା ଉପରୁ ପିଚୁ ଉଠି ଖାଲଖମାରେ ଭର୍ତ୍ତି ହୋଇଛି। ଅଧିକାଂଶ ସ୍ଥାନରେ ଗୋଡି ବାହାରି ପଡ଼ିଥିବାରୁ ପଥଚାରୀ ଓ ବାଇକ ଚାଳକ ଯିବା ଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ପ୍ରତିଦିନ ଛାତ୍ର ଛାତ୍ରୀ ମାନେ ସ୍କୁଲ, କଲେଜ ଯାଉଛନ୍ତି। ଶତାଧିକ ଜନସାଧାରଣ ଦୈନିକ ଯିବା ଆସିବା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ପ୍ରଶାସନ ରାସ୍ତା ମରାମତି କରିବାକୁ ବହୁ ଗ୍ରାମବାସୀ ଦାବି କରିଛନ୍ତି ।

# ବଡ ମେଡିକାଲରେ ମିଳୁନି ମହାପ୍ରୟାଣ ଗାଡ଼ି

## ଅଚଳ ହୋଇ ପଡିଥିବା ୨ ଗାଡି ସଜାଡିବାକୁ ନାଁ ଧରୁନାହାନ୍ତି କର୍ତ୍ତୃପକ୍ଷ

ବେଲଗୁଣ୍ଠା,୨୭।୫
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)




ମହାପ୍ରୟାଣ ଗାଡି ସମ୍ପର୍କରେ ଥିବା ସୂଚନା ଫଳକ।

ରୋଗୀଙ୍କ ପାଇଁ ଉପଲବ୍ଧ ଥିବା ମହାପ୍ରୟାଣ ଗାଡି ସେମାନଙ୍କ କାମରେ ଆସୁନି। ସେମାନେ ଏହାର ସୁବିଧା ନ ପାଇ ଖର୍ଚ୍ଚାନ୍ତ ହୋଇ ବାହାର ଗାଡିରେ ରୋଗୀ ଅବା ମୃତଦେହ ଗ୍ରାମକୁ ନେଇ ଖର୍ଚ୍ଚାନ୍ତ ହେଉଛନ୍ତି। ଆର୍ଥିକ ସମସ୍ୟାରେ ଥିବା ରୋଗୀଙ୍କ ପରିବାର ଲୋକେ ଏଥିପାଇଁ ନାହିଁ ନ ଥିବା ଅବସ୍ଥା ଭୋଗୁଛନ୍ତି। ଖୋଦ ବ୍ରହ୍ମପୁର ବଡ ମେଡିକାଲରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ମେଡିକାଲ କର୍ତ୍ତୃପକ୍ଷ ମହାପ୍ରୟାଣ ଗାଡି ଉପଲବ୍ଧ ଥିବା ସାଇନବୋର୍ଡ ମାରି ଚୁପ୍ ହୋଇ ବସିଛନ୍ତି। ମାତ୍ର ରୋଗୀସେବା ପାଇଁ ରହିଥିବା ୨ଟି ଯାକ ମହାପ୍ରୟାଣ ଗାଡି ଅଚଳ ହୋଇପଡିଛି। ଏହାକୁ ସଜାଡିବାକୁ କିମ୍ବା ନୂଆ ଗାଡି ମଗାଇବାକୁ ନାଁ ଧରୁନାହାନ୍ତି। ଏହାର ସୁଯୋଗ ଘରୋଇ ଗାଡିମାଲିକମାନେ ନେଉଛନ୍ତି।

ଖବରରୁ ଜଣାପଡିଛି, ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗୋବରା ଗ୍ରାମର ପଙ୍କଜ ମହାନ୍ତି କିଛିଦିନ ତଳେ ଜରୁରିକାଳୀନ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ମୃତଦେହ ଗ୍ରାମକୁ ଆଣିବାକୁ ଉପଲବ୍ଧ ଥିବା ମହାପ୍ରୟାଣ ସେବା ପାଇବାକୁ ସେଠାରେ ମରାଯାଇଥିବା ଏକ ସାଇନବୋର୍ଡରେ ଉଲ୍ଲେଖ ଥିବା ଫୋନ ନମ୍ବରରେ ଫୋନ କରି ନିରାଶ ହୋଇଥିଲେ। ପରେ ଏହି ମହାପ୍ରୟାଣ ଗାଡି ଉପଲବ୍ଧ ହେଉଥିବା କାର୍ଯ୍ୟାଳୟରେ ମୃତକଙ୍କ ପୁଅ ପ୍ରଭାକର ଓ ସାମାଜିକ କର୍ମୀ ସ୍ୱସ୍ତି ସୁନ୍ଦର ସିଅ ପହଞ୍ଚି ସେଠାରେ ଉପସ୍ଥିତ ଥିବା କର୍ମଚାରୀଙ୍କୁ ମହାପ୍ରୟାଣ ଗାଡି ଦେବାକୁ ଅନୁରୋଧ କରିଥିଲେ। ମାତ୍ର ଗାଡି ନ ଥିବା କର୍ମଚାରୀ ଜଣକ କହିଥିଲେ। ଏହାର କାରଣ ପଚାରିବାରୁ ଉକ୍ତ କେନ୍ଦ୍ରରେ ଥିବା ବ୍ୟକ୍ତି ଜଣକ କହିଥିଲେ, ମହାପ୍ରୟାଣ ପାଇଁ ବ୍ୟବହୃତ ଦୁଇଟିଯାକ ଗାଡି ଅଚଳ ହୋଇପଡିଛି। ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଏ ସମ୍ପର୍କରେ ବାରମ୍ବାର ଜଣାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସଜଡାଯାଇ ପାରୁନାହିଁ। ତେଣୁ ଆମେ ନିରୁପାୟ ବୋଲି ସେ କହିଥିଲେ। ପରେ ମୃତକଙ୍କ ପରିବାର ଲୋକେ ଏକ ଘରୋଇ ଗାଡି ଉଚ୍ଚା ଭଡା କରି ମୃତଦେହ ଘରକୁ ଆଣିବାକୁ ବାଧ୍ୟ ହୋଇଥିଲେ। ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁରଠାରେ ଅବସ୍ଥାପିତ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟରେ ରୋଗୀ ସୁବିଧା ପାଇବାରେ ଏପରି ଅବ୍ୟବସ୍ଥା ଅସନ୍ତୋଷ ସୃଷ୍ଟି କରୁଛି। ଏଥିପ୍ରତି ଗଞ୍ଜାମ ଜିଲାପାଳ ଓ ସଡ଼କ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଭୁଲ୍ ଅଲଟ୍ରାସାଉଣ୍ଡ ରିପୋର୍ଟ ଯୋଗୁ ଶିଶୁ ମୃତ୍ୟୁ

## ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ


ଭଦ୍ରକ ବାଇପାସଠାରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

ଭଦ୍ରକ,୨୭ା୫(ସନାତନ ରାଉତ/ରବିନାରାୟଣ ଖିଲାର)

ଭୁଲ ଅଲଟ୍ରାସାଉଣ୍ଡ ରିପୋର୍ଟ ଯୋଗୁ ଶିଶୁ ମୃତ ଓ ମା' ଗୁରୁତର ଘଟଣାକୁ ନେଇ ମଙ୍ଗଳବାର ଭଦ୍ରକରେ ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଲୋକେ ସକାଳ ୭ଟା ୩୦ରୁ ଭଦ୍ରକ ସହରର ବାଇପାସଠାରେ ରାସ୍ତାରୋକୋ କରିଥିଲେ। ଉତ୍ତେଜନାକୁ ଦେଖି ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ମୁତୟନ ରହିଥିଲେ। ଅପରପକ୍ଷେ ଅଲଟ୍ରାସାଉଣ୍ଡ ସେଣ୍ଟରରେ ତାଲା ପଡ଼ିଥିବାବେଳେ କର୍ତ୍ତୃପକ୍ଷଙ୍କ ଦେଖା ମିଳି ନ ଥିଲା।

ପ୍ରସୂତିଙ୍କ ସ୍ୱାମୀ ତିହିଡ଼ି ଥାନା ଅଧୀନ ଦୋଳସାହି, ରାଡ଼ଙ୍ଗ ଅଞ୍ଚଳର ପ୍ରଫୁଲ୍ଲ ଗିରିଙ୍କ କହିବା ଅନୁଯାୟୀ, ୨ ଦିନ ତଳେ ତାଙ୍କ ସ୍ତ୍ରୀ ବାସନ୍ତୀ ରାଉତଙ୍କ ଭଦ୍ରକ ଟାଉନ ଥାନା ଅଧୀନ ବାଇପାସସ୍ଥିତ ଏକ ଘରୋଇ ଅଲଟ୍ରାସାଉଣ୍ଡ କ୍ଲିନିକରେ ଅଲଟ୍ରାସାଉଣ୍ଡ କରାଯାଇଥିଲା। ରିପୋର୍ଟ ଭଲ ଥିବା କୁହାଯାଇ ରିପୋର୍ଟ ଦିଆଯାଇଥିଲା। ସୋମବାର ପେଟରେ ଯନ୍ତ୍ରଣା ହେବାରୁ ବାସନ୍ତୀଙ୍କୁ ଭଦ୍ରକ ଶିଶୁ ଓ ମାତୃ ବିଭାଗ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସନ୍ଧ୍ୟାରେ ଅପରେଶନ ପରେ ମୃତ ଶିଶୁପୁତ୍ର ଜନ୍ମ ହୋଇଥିଲା। ପ୍ରାୟ ୨/୩ ଦିନ ତଳେ ପିଲାଟିର ପେଟରେ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ଅପରପକ୍ଷେ ମା' ଅବସ୍ଥା ଗୁରୁତର ଥିବାରୁ ସେ ଚିକିତ୍ସାଧୀନ ଅଛନ୍ତି। ଶିଶୁର ମୃତଦେହକୁ ଧରି ପ୍ରଫୁଲ୍ଲ ଓ ତାଙ୍କ ପରିବାର ଲୋକେ ରାତି ପ୍ରାୟ ୯ଟା ବେଳେ ଉକ୍ତ ଅଲଟ୍ରାସାଉଣ୍ଡ ସେଣ୍ଟର ସମ୍ମୁଖରେ ଧାରଣାରେ ବସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଧାରଣାରେ ବସିଥିଲେ ମଧ ଅଲଟ୍ରାସାଉଣ୍ଡ ସେଣ୍ଟର କର୍ତ୍ତୃପକ୍ଷ କିଛି ବୁଝି ନ ଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ପରିବାର ସମେତ ତାଙ୍କ ସମର୍ଥକମାନେ ମଙ୍ଗଳବାର ସକାଳୁ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ବାଇପାସଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅତିରିକ୍ତ ଏସ୍‌ପି ସମ୍ବିତ ମାଝୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ବିଶେଷକରି ଭଦ୍ରକ ସହରରେ ବେଆଇନ ଭାବେ ଗଢ଼ି ଉଠୁଥିବା ନର୍ସିଂହୋମ ଓ ଅଲଟ୍ରାସାଉଣ୍ଡ ଉପରେ ଟିମ୍ ଗଠନ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।

# ସଡୁଙ୍କ ଶୁଦ୍ଧିକ୍ରିୟାକୁ ଆସିଥିବା ଯୁବକଙ୍କୁ ତୀରମାଡ଼

ରାଉରକେଲା,୨୭ା୫(ସଙ୍ଗୀତା ଜେନା)


ଆର୍‌ଜିଏଚ୍‌ରେ ଚିକିତ୍ସାଧୀନ ତୀରମାଡ଼ର ଶିକାର ଯୁବକ।

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିରକେରା ଗ୍ରାମକୁ ନିଜ ସଡୁଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଆସିଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ତୀରମାଡ଼ ହୋଇଛି। ତୀରମାଡ଼ର ଶିକାର ହୋଇଥିବା ଯୁବକ ହେଲେ ସମ୍ବଲପୁରସ୍ଥିତ ବଡସିଂହାର ଗ୍ରାମର ନିତ୍ୟାନନ୍ଦ ରଣବିରା(୨୫)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆର୍‌ଜିଏଚ୍ ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାଧିକାରୀ ଜି. ବି. ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ତୀରମାଡ଼ ହୋଇଥିବା ଯୁବକଙ୍କ ପରିବାର ଲୋକଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଆମେ ତଦନ୍ତ କରିବୁ ବୋଲି ସେ କହିଥିଲେ। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ସାଢେ ୭ଟା) ଏହି ଘଟଣାରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଅଭିଯୁକ୍ତ ଫେରାର ଅଛନ୍ତି।

ସୂଚନା ଅନୁଯାୟୀ, ସମ୍ବଲପୁରର ନିତ୍ୟାନନ୍ଦ ସସ୍ତ୍ରୀକ ତାଙ୍କ ସଡୁ ଦୁର୍ଯ୍ୟୋଧନ ଲାକ୍ରାଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଗତ ୨୫ ତାରିଖରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିରକେରା ଗ୍ରାମକୁ ଆସିଥିଲେ। ସଡୁଙ୍କ ମୃତ୍ୟୁ ପରେ ତାଙ୍କ ଦେଢ଼ଶାଶୁଙ୍କୁ ସେହି ଗ୍ରାମର କେହି ଜଣେ ବ୍ୟକ୍ତି ସ୍ତ୍ରୀ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ଦେବାରୁ ଏହାକୁ ନିତ୍ୟାନନ୍ଦ ବିରୋଧ କରିଥିଲେ। ବର୍ତ୍ତମାନ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ହୋଇଥିବାବେଳେ ଏହି ପ୍ରସ୍ତାବ ଆଦୌ ଠିକ୍ ନୁହେଁ ବୋଲି ନିତ୍ୟାନନ୍ଦ କହିଥିଲେ। ଏହାକୁ ସେହି ବ୍ୟକ୍ତି ଜଣଙ୍କ ବିରୋଧ କରିଥିଲେ। ତେବେ ମଙ୍ଗଳବାର ନିତ୍ୟାନନ୍ଦ ନିଜ ଘରକୁ ଫେରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଉକ୍ତ ବ୍ୟକ୍ତି ଏବଂ ତାଙ୍କ ୨ ସହଯୋଗୀ ଅତର୍କିତ ତୀରମାଡ଼ କରିଥିଲେ। ଫଳରେ ନିତ୍ୟାନନ୍ଦଙ୍କ ଡାହାଣ ପାର୍ଶ୍ୱ ପେଟରେ ତୀର ପଶିଯାଇଥିଲା।

# ଘରୁ ଡାକିନେଇ ଯୁବକଙ୍କୁ ହତ୍ୟା ଅଭିଯୋଗ

ଆନନ୍ଦପୁର,୨୭ା୫
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ତାଳଗାଁର ଜଣେ ଯୁବକଙ୍କୁ ଘରୁ ଡାକିନେଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଉକ୍ତ ଗାଁର ସୁରେନ୍ଦ୍ର ମହାକୁଡଙ୍କ ପୁଅ ବିପିନ (୨୫)। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ହରିଚନ୍ଦନପୁର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବିପିନଙ୍କୁ ତାଙ୍କର ୨ ସାଙ୍ଗ ରବିବାର ସନ୍ଧ୍ୟାରେ ଡାକି ନେଇଥିଲେ। ହରିଚନ୍ଦନପୁର ହାଟକୁ ଯାଇଥିବା ବେଳେ ବିପିନ ରାତିରେ ଘରକୁ ଫେରି ନ ଥିଲେ। ସୋମବାର ସକାଳେ ହରିଚନ୍ଦନପୁର ହାଟତୋଟା ନିକଟରେ ଥିବା ଟୁକ ବ୍ରହ୍ମଙ୍କ ସାଇକେଲ ଦୋକାନ ବାରଣ୍ଡାରେ ମୃତଦେହ ପଡ଼ିଥିଲା। ବ୍ୟବସାୟୀ ବ୍ରହ୍ମ ଦୋକାନ ଖୋଲିବାକୁ ଯାଇଥିବାବେଳେ ବାରଣ୍ଡାରେ ବିପିନଙ୍କ ମୃତଦେହ ଏବଂ ପାଖରେ ପ୍ଲାଷ୍ଟିକ ବ୍ୟାଗ, ଚଷମା, ଚପଲ ଅଲଗା ସ୍ଥାନରେ ପଡ଼ିଥିବା ଦେଖିଥିଲେ। ଏ ସମ୍ପର୍କରେ ସେ ହରିଚନ୍ଦନପୁର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକେ ଘସିପୁରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଘସିପୁରା ଥାନା ଅଧିକାରୀ ମାନସ କୁମାର ବାରିକ କହିଛନ୍ତି, ସୋମବାର ସକାଳେ ହରିଚନ୍ଦନପୁର ପୋଲିସ ମୃତଦେହ ଜବତ କରିଛି। ଏ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକେ ଘସିପୁରା ଥାନାକୁ ଅଭିଯୋଗ କରିବାକୁ ଆସିଥିବା ବେଳେ ତାଙ୍କୁ ହରିଚନ୍ଦନପୁର ପଠାଯାଇଛି। ହରିଚନ୍ଦନପୁର ଏସ୍‌ଆଇ କଳ୍ପତରୁ ନାୟକ କହିଛନ୍ତି, ଘଟଣାରେ ଏକ ମାମଲା(ନଂ. ୧୮।୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ।

# ଅପରାଧ ଉଦ୍ୟମ ପଣ୍ଡ: ୫ ବନ୍ଧୁକ ଜବତ, ୯ ଗିରଫ


ଖବରଦାତା ସମ୍ମିଳନୀରେ ଏଏସପି ସୂଚନା ଦେଉଛନ୍ତି।

ଭଞ୍ଜନଗର,୨୭ା୫
(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ କୌଣସି ଅପରାଧ ପାଇଁ ଏକାଠି ହୋଇଥିବା ଗୋଷ୍ଠୀକୁ ସୋମବାର କାବୁ କରିଛି। ସେମାନଙ୍କଠାରୁ ୫ଟି ବନ୍ଧୁକ, ୨ଟି ଖେଳଣା ବନ୍ଧୁକ, ଗୋଟିଏ ଖଣ୍ଡା, ୧୫ ରାଉଣ୍ଡ ଗୁଳି ଜବତ କରିଛି। ଉକ୍ତ ଗୋଷ୍ଠୀର ୯ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଅନିଲ ବେହେରା, ଟୁକୁନା ପାତ୍ର, ବାଦଲ ସାହୁ, ସରୋଜ ଦାସ, ସୁନୀଲ କୁମାର ସାବତ, ସଂଗ୍ରାମ ଭୂୟାଁ, ସନାତନ ପ୍ରଧାନ, ବ୍ରଜ ମୋହନ ସାହୁ ଓ ଦିବ୍ୟ ଆରୁଖ । ସନାତନ, ବ୍ରଜ ଓ ଦିବ୍ୟଙ୍କ ବ୍ୟତୀତ ଅନ୍ୟ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଭଞ୍ଜନଗର ଏଏସ୍‌ପି ରଞ୍ଜନ କୁମାର ଦେ ମଙ୍ଗଳବାର ଭଞ୍ଜନଗର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ଅନ୍ୟ ଯେଉଁମାନେ ଚୋରା ବନ୍ଧୁକ ରଖିଛନ୍ତି ସେମାନଙ୍କୁ ଖୋଜି ଗିରଫ କରାଯିବ। ବନ୍ଧୁକ କେଉଁଠାରୁ ଆସୁଥିଲା ତାହାର ସୁରାକ ମିଳିଛି। ଆଗାମୀ ଦିନରେ ପଦକ୍ଷେପ ନିଆଯିବ। ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ପୋଲିସ ଜିଲାରେ ଚଢ଼ାଉ ଚାଲିଛି। ଗଞ୍ଜାମ ଜିଲା ସମେତ ଭଞ୍ଜନଗର ଅଞ୍ଚଳକୁ ଅପରାଧ ମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ଏଏସ୍‌ପି ଦେ କହିଛନ୍ତି।

ସୋମବାର ୪ ଜଣ ଅଭିଯୁକ୍ତ ମଳାସପଦର ରାସ୍ତାରେ ଥିବା ଏକ ମନ୍ଦିରରେ ବସି କିଛି ଅପରାଧ ଘଟାଇବା ପାଇଁ ଯୋଜନା ଚଳାଇଥିଲେ। ରାତ୍ରି ପାଟ୍ରୋଲିଂ କରୁଥିବା ଏସ୍‌ଆଇ ସମୀର କୁମାର ସେଠୀ ଏହା ଜାଣିବା ପରେ ସେଠାରେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିଲେ। ପରେ ଅନ୍ୟ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସଡିପିଓ ସୁଜିତ୍ କୁମାର ନାୟକ, ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଏସଆଇ ଲକ୍ଷ୍ମୀଧର ମହାନ୍ତି, ଲିପିନା ବିଶ୍ୱାଳ, ଏଏସଆଇ ସତ୍ୟ ନାରାୟଣ ମଳିକ, ସୁଶାନ୍ତ କୁମାର ପଟ୍ଟନାୟକ, ହାବିଲଦାର ଦିଲୀପ ରାଉତ, କନଷ୍ଟେବଲ ସନ୍ତୋଷ ନାୟକ, କେ. ପି ରେଡ୍ଡୀ, ବିକ୍ରମ ମହାରଣା, ଅମିତ୍ ବିଶ୍ୱାଳ, ଜି. ସାଗର ପ୍ରଧାନ, ଗୃହରକ୍ଷୀ ଗଜେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ଡାକ୍ତର ଗିରଫ

**ଛତ୍ରପୁର,୨୭ା୫(ସନ୍ତୋଷ ପାଢ଼ୀ):** ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ବଡ଼ ଆର୍ଯ୍ୟପଲ୍ଲୀ ଗାଁରୁ ଜଣେ ନକଲି ଡାକ୍ତର (କ୍ୱାକ୍) ଗିରଫ ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗର ପ୍ରସନ୍ନଜିତ ସରକାର। ତାଙ୍କୁ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୋଲିସ ଗିରଫ କରିବା ସହ ତାଙ୍କ କ୍ଲିନିକରୁ ବିଭିନ୍ନ ଔଷଧପତ୍ର ଜବତ କରିଛି। ନକଲି ଡାକ୍ତରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ପ୍ରାୟ ଦେଢ ବର୍ଷ ହେଲା ସେ ବିନା ଲାଇସେନ୍ସରେ କ୍ଲିନିକ କରି ଲୋକଙ୍କୁ ଠକି ଚାଲିଥିଲେ ବୋଲି ପୋଲିସ କହିଛି।

# ବଗିଚାରେ ଗୋରୁ ପଶିଯିବାରୁ ସହାୟକଙ୍କୁ ହତ୍ୟା

## ମାଲିକ ଥାନାରେ ଅଟକ

ପାଟଣା/ଢେଙ୍କିକୋଟ୍,୨୭ା୫ (ବୀର କିଶୋର ଦାଶ/ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଳିପୋଷି ଗ୍ରାମରେ ବାଇଗଣ ବାଡ଼ିରେ ଗୋରୁ ପଶିଯିବାରୁ ଜଣେ ଘର ସହାୟକଙ୍କୁ ମଙ୍ଗଳବାର ସକାଳ ୯ଟାରେ ଘର ମାଲିକ ହତ୍ୟା କରିଛନ୍ତି। ମୃତକ ହେଲେ ଚିନାମାଳିପୋଷି ମୁଣ୍ଡାସାହିର ଭସଲ ମୁଣ୍ଡାଙ୍କ ପୁଅ ଟୁନା(୫୦)। ଟୁନାଙ୍କ ପୁତୁରା ଶମ୍ଭୁନାଥ ମୁଣ୍ଡାଙ୍କ ଅଭିଯୋଗ ଆଧାରରେ ଘଟଗାଁ ପୋଲିସ ଅଭିଯୁକ୍ତ ଚିନାମାଳିପୋଷି ଗ୍ରାମର ଚତୁରା ମହାନ୍ତଙ୍କ ପୁଅ ସଞ୍ଜୟ କୁମାର ମହାନ୍ତ(୩୯)ଙ୍କୁ ଅଟକ ରଖି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଟୁନା ଜନ୍ମରୁ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ ପଡ଼ୋଶୀ ଚତୁରାଙ୍କ ଘରେ ସହାୟକ ଭାବେ କାର୍ଯ୍ୟ କରି ଆସୁଥିଲେ। ମଙ୍ଗଳବାର ସକାଳେ ବାଇଗଣ ବଗିଚାରେ ଗୋରୁ ପଶିଯିବାରୁ ସଞ୍ଜୟ ରାଗିଯାଇ ଟୁନାଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସଞ୍ଜୟ ଉତ୍‌କ୍ଷିପ୍ତ ହୋଇ ଟୁନାଙ୍କ ବେକରେ ପଡ଼ିଥିବା ଗାମୁଛାକୁ ଧରି ଚିପିଦେବା ସହ ଠେଲି ଦେଇଥିଲେ। ଟୁନା ତଳେ କଂକ୍ରିଟ୍ ରାସ୍ତା ଉପରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡର ପଛପାର୍ଶ୍ୱ କଂକ୍ରିଟ୍‌ରେ ମାଡ଼ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଘଟଗାଁ ଥାନାରେ ଏକ ମାମଲା(ନଂ. ୨୨୦/୨୫) ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତା ୧୦୩(୧) ଧାରାରେ ସଞ୍ଜୟଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଥିବା ଘଟଗାଁ ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍ଇସିଏଚ୍‌ସିକେପି-୨୫-୨୬-୦୮** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଝାରସୁଗୁଡ଼ାର ଷ୍ଟେଶନ ୟାର୍ଡଠାରେ ଦ୍ରୁତ ୱାଟରିଂ ବ୍ୟବସ୍ଥା ଯୋଗାଇବା । **ଟେଣ୍ଡର ମୂଲ୍ୟ:** ₹୪,୯୧,୧୮,୮୯୦.୧୪ । **ବିଡ୍ ଅମାନତ:** ₹୩,୯୫,୬୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹ ଶୂନ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍ଇ/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୬।୦୬।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-207)

**OFFICE OF THE PRINCIPAL I/C**
**RUSHIMAL DEGREE MAHAVIDYALAYA,BAMUNIGAM (KANDHAMAL), ODISHA**

Tender Notice No: 16039301 / RM / 2025 / 001 Dated 27.05.2025

**TENDER CALL NOTICE**

Sealed quotations are invited from eligible firms/ suppliers for procurement of i3 and above Desktop, Multi-Functional Printers, UPS, LED TV and Wireless Mic & Camera for Virtual meeting along with the requisite documents. The quotation should reach the undersigned on or before 13.06.2025 by 05.00 P.M. through Registered post or Speed post. The interested firms may download the tender documents from the college website: **http://www.rmdmahavidyalaya.in**.

Sd./- Principal I/C-cum-Secretary

**कार्यालय, कार्यपालन अभियंता**
**जल संसाधन संभाग, कवर्धा, जिला: कबीरधाम (छ.ग.)**
**निविदा निरस्तीकरण सूचना**

आदेश क्रमांक 2329/वलेस/2024 कवर्धा, दिनांक 23.05.2024

इस कार्यालय द्वारा आमंत्रित निविदा सिस्टम क्रमांक - 165295 प्रथम निविदा सूचना क्रमांक 26/वलेस/2024-25/कवर्धा, दिनांक 05.03.2025 कबीरधाम जिले के विकासखंण्ड पंडरिया की ग्राम-मथानीखुर्द में हाफ नदी पर रिटर्निंगवाल का निर्माण कार्य हेतु प्रथम आमंत्रित निविदा में प्रतिभागी निविदाकार की संख्या एकल एवं प्रतिस्पर्धा का अभाव परिलक्षित होने के कारण निविदा निरस्त किया जाता है।

स्वा:/- कार्यपालन अभियंता
जल संसाधन संभाग, कवर्धा,
जिला - कबीरधाम (छ.ग.)

जी.नं.-242505794/3
G-252601135/3

**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଜୁନ ମାସ ପାଇଁ "ନିଧି ଆପ୍‌କେ ନିକଟ" ଏବଂ "ପେନସନ୍ ଅଦାଲତ" ତା.୧୦.୦୬.୨୦୨୫ରିଖ (ମଙ୍ଗଳବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୬.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0081/25

**JHARKHAND BIJLI VITRAN NIGAM LIMITED**
**CIN No. U40108JH2013SGC001702**
**Regd. Office:- Engineering Building, HEC, Dhurwa, Ranchi–834004.**
**fax # 0651-2400483 e-mail : cesp.jseb@rediffmail.com/ gmsp.jbvnl@rediffmail.com**

**E-Auction Notice**

E-Auction No.-01 MSTC/RNC/Jharkhand Bijli Vitran Nigam Limited/1/HEC Dhurwa/25-26/9666 [506793]

Jharkhand Bijli Vitran Nigam Ltd. Invites all the interested bidder to participate in online e-auction being conducted for sale of scrap material (Scrap DPC Al winding wire & strips) which lying at different Central Stores & TRW, JBVNL.

**IMPORTANT SCHEDULE OF DATES**

| | | |
|---|---|---|
| 1. | Bid opening date and time | 11.06.2025 12:00 PM |
| 2. | Bid closing date and time | 11.06.2025 04:00 PM |
| 3. | Inspection date and time | From 22.05.2025 to 10.06.2025 |

Interested bidder may register their firm/ company online and refer the e-auction catalogue concealing terms & conditions, materials list, inspection date etc. available on website: www.mstcecommerce.com/ www.mstcindia.co.in

**Note :-** For any queries, please contact at MSTC Ltd. (A Govt. of India Enterprises) 4th Floor, Exploration Building, C.M.P.D.I Campus, Gondwana Place, Kanke Road, Ranchi-834008 Ph. 0651-2231333/ 9903248755 email:- rncopn1@mstcindia.in, mstcrnc@gmail.com & interested parties should also regularly visit above website to keep updated for corrigendum/ time extension/ amendments, if any.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager (S&P)
JBVNL

PR 353618 Jharkhand Bijlee Vitran Nigam Ltd(25-26).D

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025021, ତା.21.05.2025ରିଖ

**କାର୍ଯ୍ୟର ନାମ :** ନୟାଗଡ଼ ଓ ଦୁବୁନା ମଧ୍ୟରେ ନୂଆ ଲାଇନ୍ : ସମ୍ପୃକ୍ତ ବିଭାଗ / ମନ୍ତ୍ରଣାଳୟର ପ୍ରଚଳିତ ଅଧିନିୟମ / ନିୟମାବଳୀ ଅନୁଯାୟୀ ବେସରକାରୀ / ସରକାରୀ / ଜଙ୍ଗଲ ଜମିର ଅଧିଗ୍ରହଣ / ହସ୍ତାନ୍ତରଣ / ପରିବର୍ତ୍ତନ ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ପ୍ରସ୍ତୁତି ଓ ଦାଖଲ, ଯେଉଁଥିରେ ଅବ୍ୟବହାର୍ଯ୍ୟ PSC ସ୍ଲିପର ଦ୍ୱାରା ଜମି ବାଉଣ୍ଡରୀ ପୋଷ୍ଟ ପ୍ରଦାନ କରିବା ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଅନ୍ତର୍ଭୁକ୍ତ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 36.82 ଲକ୍ଷ, **EMD :** ₹ 73,600/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2025.ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR- 35/CI/25-26

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER: NIT No:** TPCODL/2025-26/NIT/02

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003054 | Rate Contract for Supply of 33 & 11 kV RMUs for TP Odisha DISCOMs for One Year. |
| 2 | TPCODL/P&S/2025-26/1000002910 | Rate contract for supply of IPC, Multiport connector for One Year |
| 3 | TPCODL/P&S/2025-26/1000002960 | Hiring of agency for providing Disconnection services for TPCODL. |
| 4 | TPCODL/P&S/2025-26/1000002871 | Supply of Testing Instruments for TPCODL. |
| 5 | TPCODL/CCG/2025-26/1000003088 | WIFI access points under TPCODL |
| 6 | TPCODL/CCG/2025-26/1000003089 | Rate Contract for Supply of KIT KAT Fuses of various ratings for TP Odisha DISCOMs. |
| 7 | TPCODL/CCG/2025-26/1000003090 | Rate Contract for Supply of MCCB of various ratings for TP Odisha DISCOMs. |
| 8 | TPCODL/P&S/2025-26/1000003056 | Rate Contract for Video Conferencing System with 5 Years Warranty at TPCODL |
| 9 | TPCODL/CCG/2025-26/1000003100 | Rate Contract for 11 kV & LT Network Maintenance & Allied Work, 33 KV Network Maintenance and Operational Assistance of 33/11 kV Sub-Stations for TP Odisha DISCOMs for 3 years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd. 30.05.2025**. Future communication / corrigendum to tender documents, if any, shall be available on TPCODL website.

**GOVERNMENT OF ODISHA** No. A-214
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**SUBARNAREKHA IRRIGATION CIRCLE, LAXMIPOSI**
At/P.O.: Laxmiposi, Dist.: Mayurbhanj, PIN - 757107
Mail id: acesic24@gmail.com

**Government of Odisha "e" PROCUREMENT NOTICE**
Bid Identification No. 02/2025-26 of Additional Chief Engineer, SIC, Laxmiposi

| | | |
|---|---|---|
| 1 | Name of Work | Construction of Retaining Wall at RD 360 M to RD 1020 M (LHS) of Palasbadha Minor Off-taking at RD 59894 M of Jambhira Left Main Canal |
| 2 | Estimated Cost | Rs.161.09 Lakh |
| 3 | Bid Security/E.M.D. | Rs.1,61,100/- |
| 4 | Period of Completion | 09 (Nine) Calendar Months |
| 5 | Class of Contractor | 'A' & 'B' Class |
| 6 | Date & Time of availability of bid document in the portal | 30.05.2025 at 10.00 A.M. |
| 7 | Last date/time for receipt of bid in the portal | 16.06.2025 upto 5.00 P.M. |
| 8 | Date of opening of bid | 17.06.2025 at 11.00 A.M. |
| 9 | Name & address of the O.I.T. | Additional Chief Engineer, Subarnarekha Irrigation Circle, Laxmiposi |

Further details can be seen from the e-Procurement Portal "https://tendersodisha.gov.in".

Sd./- Additional Chief Engineer
S.I.C., Laxmiposi

OIPR-32120/11/0006/2526

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ୩୦ରୁ ଉର୍ଦ୍ଧ୍ୱ ଆହତ

ଟିକିରି, ୨୭।୫ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ଦୁଡୁକାବାହଲ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ମହୁମାଛି ଆକ୍ରମଣରେ ୩୦ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଦୁଡୁକାବାହଲ ଗ୍ରାମରେ ମଙ୍ଗଳବାର ଠାକୁରାଣୀ ଯାତ୍ରା ଶେଷ ଦିନ ଥିବାରୁ ଗ୍ରାମବାସୀ ଠାକୁରାଣୀଙ୍କ ପୂଜାରେ ବ୍ୟବହୃତ ସମସ୍ତ ସାମଗ୍ରୀକୁ ନିକଟରେ ଥିବା ଆମ୍ବତୋଟାକୁ ବିସର୍ଜନ ପାଇଁ ନେଇ ଯାଉଥିଲେ। ଏହି ସମୟରେ ପାରମ୍ପରିକ ବାଜା ସହ ଝୁଣା ଧୂଆଁ ଯୋଗୁ ଆମ୍ବ ଗଛରେ ଥିବା ଫେଣାରୁ ମହୁମାଛି ବାହାରି ଅତର୍କିତ ଲୋକଙ୍କୁ ଆକ୍ରମଣ କରିଥିଲେ। ଆହତଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଉଷାପଡା ଉତ୍କଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନେ ସୁସ୍ଥ ହୋଇ ନିଜ ଘରକୁ ଫେରି ଆସିଥିବା ଜଣାପଡ଼ିଛି।

### ୧ ଟନ୍ ୧୯୦ କିଲୋ ଗଞ୍ଜେଇ ସହ ୨ ବାଇକ୍ ଜବତ, ୩ ଗିରଫ

କୋରୁକୋଣ୍ଡା, ୨୭।୫ (ଶିବଦତ୍ତ ସାହୁ)

ଗଞ୍ଜେଇ ମାଫିଆ ବାହାର ରାଜ୍ୟକୁ ଚୋରା ଚାଲାଣ ପାଇଁ ଚିତ୍ରକୋଣ୍ଡା ଛକ ନିକଟ ନୂଆଗୁଡା ଗ୍ରାମ ପାଖ ଜଙ୍ଗଲରେ ୬୦ଟି ବଡ ଜରି ବସ୍ତାରେ ରଖିଥିବା ୧ ଟନ୍ ୧୯୦ କିଲୋ ଗଞ୍ଜେଇ ସହ ସେଠାରେ ଥିବା ଦୁଇଟି ବାଇକ୍‌କୁ ଓର୍କେଲ ପୋଲିସ ମଙ୍ଗଳବାର ଜବତ କରିଛି। ଘଟଣା ସ୍ଥଳରୁ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୀଳାକାମ୍ବେରୁ ଗ୍ରାମର ସୁଶୀଲ କୁମାର ପ୍ରଧାନ, ହରିୟାଣା ରେୱାଡି ଜିଲା ଅନ୍ତର୍ଗତ ମୁଣ୍ଡି ଗ୍ରାମର ସନ୍ଦୀପ କୁମାର ଏବଂ ହରିୟାଣାର ହରିଶ ସୋନୀ । ଏମାନଙ୍କ ନିକଟରୁ ୨ ବାଇକ୍ ନଂ. ଓଡି-୩୦-ଏଫ-୪୦୦୮ ଏବଂ ଏଚଆର-୩୬-ଏକିଉ-୮୪୨୩ ଜବତ କରିଛି। ନଂ.୧୫୩/୨୫ରେ ଏକ ମାମଲା ରୁଜୁକରି ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଦାଇତ୍ୱରେ ଥିବା ଏସ୍‌ଆଇ ଅଜିତ ସିଂ ବରିହା କହିଛନ୍ତି। ଭୋରୁ ନୂଆଗୁଡା ଜଙ୍ଗଲରେ ବିପୁଳ ପରିମାଣର ଗଞ୍ଜେଇ ଥିବା ପୋଲିସକୁ ସୂଚନା ମିଳିଥିଲା। ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଦୁଇଟି ବାଇକ୍ ସହ କିଛି ଲୋକ ଗଞ୍ଜେଇ ପାଖରେ ଛିଡା ହୋଇଥିବା ପୋଲିସ ଦେଖିଥିଲା । ପୋଲିସକୁ ଦେଖି ସେମାନେ ଦୌଡ଼ିବାକୁ ଉଦ୍ୟମ କରିଥିଲେ, କିନ୍ତୁ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଧରିଥିଲା। ମାଜିଷ୍ଟ୍ରେଟ ଭାବେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ ଭତ୍ରାଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଏହା ଯୋଡ଼ାଆମ୍ବ ଥାନା ଅନ୍ତର୍ଗତ ପଣସପୁଟ ଗ୍ରାମର ଗୁରୁ ଖିଲଙ୍କଠାରୁ ଅଣାଯାଇଥିବା ଅଭିଯୁକ୍ତମାନେ କହିଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଦାଇତ୍ୱରେ ଥିବା ଏସ୍‌ଆଇ ବରିହା ସୂଚନା ଦେଇଛନ୍ତି।

# ପାଣି ପାଇଁ ବାଜିରେ ଜୀବନ

ପାରଳାଖେମୁଣ୍ଡି, ୨୭।୫ (ଗିରିଧାରୀ ପରିଛା)

ଗଜପତି ଜିଲାରେ ଏପରି ଅନେକ ଗ୍ରାମ ଅଛି ଯେଉଁଠି ଏପର୍ଯ୍ୟନ୍ତ ମୌଳିକ ସୁବିଧା ପହଞ୍ଚିପାରିନାହିଁ। ଲୋକେ ଦୁର୍ବିସହ ଜୀବନ ବିତାଉଛନ୍ତି। ପୂର୍ବତନ ସରକାର ପ୍ରତି ଘରେ ପାଣି ପହଞ୍ଚାଇବା ପାଇଁ ବିଭିନ୍ନ ଯୋଜନା କରି ପାଇପ ଲାଇନ ବିଛାଇ ସୁଦ୍ଧା ପାଣି ଅସୁନି। ଅଧା କାମ କରି କାମ ଛାଡ଼ି ଚାଲିଯାଇଛି ଠିକାସଂସ୍ଥା। ଫଳରେ ପିଇବା ପାଣି ମୁନ୍ଦେ ପାଇଁ ଲୋକଙ୍କୁ କରିବାକୁ ପଡୁଛି ସଂଘର୍ଷ। ଏଭଳି ସମସ୍ୟାରେ ପେଷି ହେଉଛି ଜିଲାର ଗୁମ୍ମା ବ୍ଲକ ଲାଇଲାଇ ପଞ୍ଚାୟତର ଏଣ୍ଡି ଗ୍ରାମ। ଜୀବନକୁ ବାଜି ଲଗାଇ କୂଅ ଭିତରେ ପଶି ପାନୀୟ ଜଳ ସଂଗ୍ରହ କରୁଛନ୍ତି ଗ୍ରାମବାସୀ। କେବଳ ପାନୀୟ ଜଳ ନୁହେଁ, ରାସ୍ତା, ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ନାହିଁ ଏହି ଗ୍ରାମରେ। ଗ୍ରାମରେ ପ୍ରାୟ ୬୦ ପରିବାରର ୧୭୦ ଜଣ ବସବାସ କରୁଛନ୍ତି । ସମସ୍ତେ ଜଙ୍ଗଲରେ ଚାଷକରି ପରିବାର ଚଳାଇଥାନ୍ତି। ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ଏକ ପ୍ରମୁଖ ସମସ୍ୟା ପାଉଟିଛି। ପାଣି ପାଇଁ ଏଠି ଜୀବନ ବାଜିରେ ଲାଗୁଛି। ଲୋକେ ଗ୍ରାମଠାରୁ ଏକ କି.ମି. ଦୂରରେ ପାହାଡିଆ ଜଙ୍ଗଲ ରାସ୍ତାରେ ଥିବା ଗୋଟିଏ କୂଅରୁ ପାଣି ଆଣି ବ୍ୟବହାର କରୁଛନ୍ତି। କୁଅରେ କମ ପାଣି ଥିବାରୁ ବାଲ୍‌ଟିରେ ପାଣି ଆସିପାରେନାହିଁ। ଜଣେ କୂଅ ଭିତରେ ନିଜ ଜୀବନକୁ ବାଜି ଲଗାଇ ପଶି କୂଅରେ ପାଣି ବଢାଇ ଦେଉଛି ଓ ଆଉ ଜଣେ ହାତ ବଢ଼ାଇ ଉପରେ ଥିବା ମହିଳାମାନଙ୍କୁ ପାଣି ବଢାଉଛି। ଏହି ସମସ୍ୟା ନେଇ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରଙ୍କୁ ଜଣାଇବା ପରେ କିଛି ବର୍ଷ ତଳେ ଏକ ସୌର ଚାଳିତ ପାଣି ଟାଙ୍କି ବସାଯାଇଥିଲା। ଏହା କିଛି ଦିନ ଚାଲିବା ପରେ ଏବେ ତାହା ଅଚଳ ହୋଇପଡିଛି। ପାନୀୟ ଜଳ ପାଇଁ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ପୁଣି ବଢିଯାଇଛଇ। କେବଳ ପାନୀୟ ଜଳ ନୁହେଁ ଗ୍ରାମକୁ ଗ୍ରାମକୁ ପକ୍କା ରାସ୍ତାଟିଏ ଏଯାଏ ହୋଇପାରିନାହିଁ। ରହିଥିବା ପାଦଚଲା ରାସ୍ତାରେ ଯାତାୟାତ କରୁଛନ୍ତି ଗ୍ରାମବାସୀ। ବର୍ଷାଦିନେ ଏହି ରାସ୍ତାରେ ଯିବା ଆସିବା କରିବା କଷ୍ଟକର ହୋଇପଡୁଛି। ଜରୁରୀ ସମୟରେ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁ ନ ଥିବାରୁ ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ୨ କି.ମି. ଖଟିଆରେ ବୋହି ନିକଟସ୍ଥ ତିଳିଗାଁକୁ ନେବାକୁ ପଡୁଛି। ସେଠାରୁଆମ୍ବୁଲାନ୍ସ ଅନ୍ୟ ଗାଡ଼ିରେ ରୋଗୀ ଯାଉଛନ୍ତି ଡାକ୍ତରଖାନା। ଗାଁରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ କୋମଳମତି ଶିଶୁମାନଙ୍କୁ ତିଳିଗାଁ ଅଙ୍ଗନବାଡି କେନ୍ଦ୍ରକୁ ଅଭିଭାବକ ନେଇ ଛାଡୁଛନ୍ତି। ଫଳରେ ଗ୍ରାମର ଅନେକ ଶିଶୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଉନାହାନ୍ତି। ସେହିପରି ଗାଁରେ ବିଦ୍ୟାଳୟ ନ ଥିବା ହେତୁ ପିଲାମାନେ ଗ୍ରାମଠାରୁ ୭ କି.ମି, ଦୂର ଘାଟିତଳ ବିଦ୍ୟାଳୟକୁ ପଢିବାକୁ ଯାଉଛନ୍ତି। ରାସ୍ତା, ପାଣି, ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ଶିକ୍ଷା ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନ, ଜନ ପ୍ରତିନିଧିଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ଏଯାଏ ମିଳିନି। ଜିଲା ଓ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି ହେଉଛି।



ଜଣେ ବ୍ୟକ୍ତି କୂଅ ଭିତରେ ପଶି ପାଣି ଆଣି ଗ୍ରାମବାସୀଙ୍କୁ ଦେଉଛନ୍ତି।

## ପୃଥକ୍ ୩ ଦୁର୍ଘଟଣାରେ ୩ ମୃତ, ୩୧ ଆହତ

ମୋହନା, ୨୭।୫ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅଞ୍ଚଳରେ ମଙ୍ଗଳବାର ପୃଥକପୃଥକ ୩ଟି ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ୩୧ ଜଣ ଆହତ ହୋଇଛନ୍ତି। ଲୁହାଗୁଡି ନିକଟରେ ମିନି ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ତିନି ଜଣ ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ ଗାଡ଼ି ଚାଳକ ପୁଡାମାରୀ ଗ୍ରାମର ଗଣେଶ ପାତ୍ର। ଆହତ ତିନି ବ୍ୟକ୍ତି ହେଲେ ପୋଡାମାରି ଗ୍ରାମର ବାଦଲ ନାୟକ, ରାଜନାପଲ୍ଲି ଗ୍ରାମର ପବିତ୍ର ମଲ୍ଲିକ ଓ ଶ୍ରୀବସ୍ତ ମଲିକ। ଖବରରୁ ଜଣାପଡିଛି ଆଜି ଅପରାହ୍ଣରେ ବ୍ରହ୍ମପୁରରୁ ମୋହନା ଅଭିମୁଖେ କିରାଣା ସାମଗ୍ରୀ ଧରି ଆସୁଥିବା ମିନିଟ୍ରକ ଲୁହାଗୁଡି ନିକଟରେ ଗାଡ଼ିର ବ୍ରେକ ଫେଲ ହୋଇଯିବାରୁ ଭାରସାମ୍ୟ ହରାଇ ନଂ. ୩୨୬ ଜାତୀୟ ରାଜପଥ ଉପରେ ଓଲଟି ପଡିଥିଲା। ଘଟଣା ସ୍ଥଳରେ ଡ୍ରାଇଭର ଗାଡ଼ିତଳେ ଚାପି ହୋଇ ରହିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତଙ୍କ ସମେତ ଡ୍ରାଇଭରଙ୍କୁ ଗାଡି ତଳୁ ବାହାର କରି ମୋହନା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ରାମକୃଷ୍ଣ ପାତ୍ର ଗଣେଶଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଭୋଜି ଖାଇ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଏକ ପିକ ଅପଭ୍ୟାନ ଓଲଟିପଡିଛି। ଏଥିରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ୨୭ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତ ଯାତ୍ରୀ ଅଡବା ଥାନା ଅନ୍ତର୍ଗତ ଗୁବେଲ ଗ୍ରାମରୁ ଡେଙ୍ଗିଲି ଗ୍ରାମକୁ ଝିଅ ଛାଡି ଭୋଜି ଖାଇ ଫେରୁଥିବା ବେଳେ ଲେଖାରିଗାଁ ଘାଟିରେ ପିକ୍‌ଅପ୍ ଭ୍ୟାନଟି ଦୁର୍ଘଟଣାଗସ୍ତ ହୋଇଥିଲା। ମୃତ ବ୍ୟକ୍ତି ଜଣକ ହେଲେ ଗୁଲେ ଗ୍ରାମର ସାମନ୍ତ ମାଝୀ (୨୨) । ସମସ୍ତ ଆହତଙ୍କୁ ବିରିକୋଟ ମେଡିକାଲରେ ଭର୍ତ୍ତି କରାଯାଇଛି।

ଅଡବା ଥାନା ଅନ୍ତର୍ଗତ ଡେଙ୍ଗମା ଗାଁ ନିକଟରେ ଏକ ପିକଅପ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ବିନୋଦ ଗମାଙ୍ଗ ଓ ଜିସୟ ଶବର ଉଭୟେ ନିଜ ଗାଁ ବଦାକୁଆ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ପିକଅପ୍ ଭ୍ୟାନ ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। ଚିକିତ୍ସା ସମୟରେ ବିନୋଦଙ୍କ ମୃତ୍ୟୁ ହୋଇଯାଇଥିଲା ବୋଲି ଡାକ୍ତର ଏନ. ଜୟ ପ୍ରକାଶ କହିଛନ୍ତି। ଜିସୟଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଚନ୍ଦ୍ରଗିରି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ଅଧିକ ତଦନ୍ତ ଆରମ୍ଭ କରିଛି।

## ହାତୀ ଭାଙ୍ଗିଲା ଘର, ବିଶ୍ରାମଗୃହ ଛାତକୁ ଚଢି ବର୍ତ୍ତିଗଲେ ୧୦

ଜି.ଉଦୟଗିରି, ୨୭।୫ (ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତର ଥିବା ମଲାନସୁଗା ଛକସ୍ଥିତ ଦୁଇଟି ଘର ମଧ୍ୟରୁ ସୁମନ୍ତ ପ୍ରଧାନଙ୍କ ଘରକୁ ୨ଟି ହାତୀ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। କିଛି ଦିନ ବ୍ୟବଧାନ ପରେ ଏକ ହାତୀପଲ ପୁଣି ଉକ୍ତ ଅଞ୍ଚଳରେ ଦୌରାତ୍ମ୍ୟ ଆରମ୍ଭ କରିଛନ୍ତି। ହାତୀଗୁଡ଼ିକ ୩ ଭାଗରେ ବିଭକ୍ତ ହୋଇ ସ୍ଥାନୀୟ ଅଞ୍ଚଳର ଜଙ୍ଗଲରେ ରହିଛନ୍ତି। ୪୮ଟି ହାତୀ ଉକ୍ତ ଅଞ୍ଚଳରେ ରହିଥିବା ଜଣାପଡିଛି। ସେଥିରୁ ରେଟୁଡ଼ି ଅଞ୍ଚଳରେ ୨୬ ଓ କଳିଙ୍ଗା ଅଞ୍ଚଳରେ ୨୦ ଓ ମଲାନସୁଗା ଅଞ୍ଚଳରେ ଦୁଇଟି ଅଛନ୍ତି। ମାଲାନସୁଗା ଅଞ୍ଚଳରେ ହାତୀ ଦେଖି ସୋମବାର ରାତି ପ୍ରାୟ ୧୨ଟାରେ ଅଞ୍ଚଳବାସୀ ଦୁଇଟି ହାତୀ ଘଉଡ଼ାଇଥିଲେ। ତେବେ ଏହି ଦୁଇ ହାତୀ ପୁଣି ଫେରିଆସି ମାଲାନସୁଗା ଛକ ନିକଟରେ ଥିବା ସୁମନ୍ତ ପ୍ରଧାନଙ୍କ ଘର ପଛପଟୁ ଭାଙ୍ଗି ଦେଇଛନ୍ତି। ରାତିରେ ଘରେ ସୁମନ୍ତ, ତାଙ୍କ ପରିବାର ଏବଂ ଘରକୁ କୁଣିଆ ଆସିଥିବା ସମ୍ପର୍କୀୟ ଲୋକମାନେ ପ୍ରାୟ ୧୦ ଜଣ ଶୋଇଥିଲେ। ହାତୀ ଆସି ଘର ଭାଙ୍ଗି ଘର ଭିତରେ ଥିବା ଧାନ, ଚାଉଳ, ମାଣ୍ଡିଆ ଓ ଅନ୍ୟାନ୍ୟ ଜିନିଷ ଖାଇ ନଷ୍ଟ କରିଥିଲେ। ଘର ଭିତରେ ଥିବା ଖଟ ଓ ଅନ୍ୟାନ୍ୟ ସାମଗ୍ରୀ ସବୁ ଭାଙ୍ଗିଥିଲେ। ହାତୀ ଘର ଭାଙ୍ଗିବା ସମୟରେ ସୁମନ୍ତ ସାହାସର ସହିତ ଘର ସମ୍ମୁଖରେ ଥିବା ବିଶ୍ରାମ ଗୃହ ଛାତ ଉପରକୁ ସମସ୍ତ ପରିବାର ଲୋକ ଓ କୁଣିଆଙ୍କୁ ଜଣଜଣ କରି ନେଇ ଯାଇଥିଲେ। ସକାଳ ୫ଟା ପର୍ଯ୍ୟନ୍ତ ଏହି ୨ ହାତୀ ସେମାନଙ୍କ ଦୌରାତ୍ମ୍ୟ ଚଳାଇ ଫର୍ଚ୍ଚା ହେବା ପୂର୍ବରୁ ଚାଲି ଯାଇଥିଲେ। ହାତୀ ଚାଲିଯିବା ପରେ ସୁମନ୍ତ ଓ ପରିବାର ଲୋକେ ଘରକୁ ଫେରି ଦେଖିବା ବେଳକୁ ଘର ସମ୍ପୂର୍ଣ୍ଣ ଛାର୍ ଖାର ହୋଇଯାଇଥିଲା। ସୁମନ୍ତ ରହୁଥିବା ସ୍ଥାନରେ କୌଣସି ନେଟୱର୍କ ନ ଥିବାରୁ ସେ ରାତିରେ ଏ ସମ୍ପର୍କରେ କାହାକୁ ଫୋନ୍ କରି ଜଣାଇପାରି ନ ଥିଲେ। ସକାଳ ହେବା ପରେ ବନ ବିଭାଗ ଓ ଅନ୍ୟମାନଙ୍କୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। କ୍ଷତି ପୂରଣ ଓ ସହାୟତା ଦେବାକୁ ସୁମନ୍ତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି, ବିଜେଡିର ଦାବିପତ୍ର ପ୍ରଦାନ

ଗଞ୍ଜାମ, ୨୭।୫ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକରେ ପଞ୍ଚାୟତସ୍ତରରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଜନପ୍ରତିନିଧିଙ୍କ ଗୋଚରରେ ହେଉନାହିଁ । ଏଥିସହ ବିଭିନ୍ନ ଯୋଜନାର ହିତାଧିକାରୀ ଚୟନ ଏବଂ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଛି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବିଜେଡିର ନେତାମାନେ ଜିଲାପାଳ ଓ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀଙ୍କୁ ଭେଟି ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକରେ ପିସି କାରବାର ସହ ପୂର୍ବତନ ବିଧାୟକଙ୍କ ହାତ ପାଣ୍ଠି କାର୍ଯ୍ୟାଦେଶ ଥିଲେ ମଧ୍ୟ ସେହି କାର୍ଯ୍ୟ ଗୁଡିକର ଲେଆଉଟ ଦିଆଯାଉନାହିଁ ବୋଲି ମଧ୍ୟ ଦାବିପତ୍ରରେ ଉଲ୍ଲେଖ ରହିଛି। ଏସବୁର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଭୁଗ୍ରୁ ବକ୍ସିପାତ୍ର, ପୂର୍ବତନ ବିଧାୟକ ବେହେରା, ଶ୍ରମିକ ନେତା ଶଙ୍କର ଦାସ, ବରିଷ୍ଠ ନେତା ପ୍ରଶାନ୍ତ କୁମାର କର, ଜିଲା ପରିଷଦ ସନାତନ ବେହେରା, ବ୍ଲକ ଅଧକ୍ଷା ପ୍ରତିନିଧି ସୁରଥ ପାହନ, ବିଜେଡି ଏନଏସି ଯୁବନେତା ସୁଧୀର କୁମାର ପାଢ଼ୀ, ପୂର୍ବତନ ଏନଏସି ଉପନଗରପାଳ ନୀଳାଞ୍ଚଳ ବାରିକି ପ୍ରମୁଖଙ୍କ ସମେତ ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ପରେ ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ରଙ୍କୁ ଭେଟି ଆଇନ ଶୃଙ୍ଖଳା ଉପରେ ଆଲୋଚନା କରିଥିଲେ ବିଜେଡି ପ୍ରତିନିଧି ଦଳ।



ବିଡିଓଙ୍କ ସହ ଆଲୋଚନା କରୁଛନ୍ତି ବିଜେଡି ପ୍ରତିନିଧି ଦଳ।

## ୩୦ କିଲୋ ଗଞ୍ଜେଇ ସହ ସ୍କୁଟି ଜବତ: ୨ ଗିରଫ

କୋରୁକୋଣ୍ଡା, ୨୭।୫ (ଶିବଦତ୍ତ ସାହୁ)

ଏକ ସ୍କୁଟି ଯୋଗେ ୨ ଜଣ ଯୁବକ ୩୦ କିଲୋ ଗଞ୍ଜେଇ ସୋମବାର ଚାଲାଣ କରୁଥିବା ବେଳେ ପୋଲିସ ହାତରେ ଧରା ପଡିଛନ୍ତି। ସ୍କୁଟି (ନଂ.ଓଡି ୩୦ଇ୮୫୮୦) ସମେତ ଦୁଇଟି ଜରି ବସ୍ତାରେ ଥିବା ଗଞ୍ଜେଇ ଜବତ କରାଯାଇଛି। ଚାଲାଣରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ବାଲିମେଳାର ଅମନ ଖିଲ ଓ ଦୈନିକ ବଜାରରେ ରହୁଥିବା ରାଜୀବ ମାହୋଲଦାର। ଥାନାରେ ନଂ. ୧୫୨/୨୫ ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଏସ୍‌ଆଇ ମନୋହର ସାହୁ ଏହାର ତଦନ୍ତ କରୁଥିବା ଦାଇତ୍ୱରେ ଥିବା ଥାନା ଅଧିକାରୀ ଏସ୍‌ଆଇ ଅଜିତ ସିଂ ବରିହା କହିଛନ୍ତି। ସୂଚନାଯୋଗ୍ୟ, ଏହି ୨ ଜଣ ଯୁବକ ମାଲକାନଗିରି ଯୋଡ଼ାଆମ୍ବ ଥାନା ଅନ୍ତର୍ଗତ ପଣସପୁଟ ଗ୍ରାମରେ ରହୁଥିବା ଗୁରୁ ଖିଲଙ୍କଠାରୁ ଏକ ସ୍କୁଟିରେ ଗଞ୍ଜେଇ ଆଣି ସୋମବାର ବାଲିମେଳା ଦେଇ ଛତିଶଗଡ ଜଗଦଲପୁରରେ ଥିବା ହରିୟାଣାର ଜଣେ ଲୋକଙ୍କୁ ଦେବା ପାଇଁ ଯାଉଥିଲେ। ବାଲିମେଳା ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖ ରାସ୍ତାରେ ଦ୍ରୁତଗତିରେ ଯାଉଥିବା ସ୍କୁଟିଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଡ୍ରେନ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ଘଟଣାସ୍ଥଳରେ ୨ ଜଣ ଯୁବକ ଆହତ ହୋଇଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଏସ୍‌ଆଇ ହରପ୍ରିୟା ଶବରଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାରେ ଆହତ ୨ ଯୁବକଙ୍କୁ ପ୍ରଥମେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସେମାନଙ୍କ ଚିକିତ୍ସା କରାଇଥିଲେ।

## ପାନୀୟ ଜଳ ଯୋଗାଣ ନାଁରେ ଖୋଳି ପକାଇ ଦେଲେ ନବ ନିର୍ମିତ ରାସ୍ତା

### ଅଭିଯୋଗ କଲେ ଶୁଣୁନାହାନ୍ତି ଅଧିକାରୀ

ରମ୍ଭା, ୨୭।୫ (ବନବାସୀ ସେଠୀ)

ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦର ପଣ୍ଡା କଲୋନୀ ଓ ପାହାଡ଼ ସାହିରେ ନୀତିନିୟମକୁ ଉଲ୍ଲଂଘନ କରି ଶୁଦ୍ଧ ପାନୀୟ ଜଳ ଯୋଗାଣ ନାଁରେ ପିଏଚଡ଼ି. ପକ୍ଷରୁ ଜେସିବି ଓ ହାଇଡ୍ରୋଲିକ ଡ୍ରିଲିଂ ମେଶିନରେ ରାସ୍ତା ଖୋଳି ଛଡାଯାଇଛି। ସ୍ଥାନୀୟ ବାସିନ୍ଦା ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। କ୍ରମାଗତ ଭାବେ ବିଭାଗ ସହରର ବିଭିନ୍ନ ଗଳି କନ୍ଦିରେ ମାସ ମାସ ଧରି ପାନୀୟ ଜଳ ଯୋଗାଇବା ନାଁରେ ନୂଆ କରି ତିଆରି ହୋଇଥିବା ପେଭର ଓ କଂକ୍ରିଟ ରାସ୍ତାକୁ ଖୋଳି ତାଡ଼ି ପକାଉଛି। କାର୍ଯ୍ୟ ସମୟରେ ହାଇଡ୍ରୋଲିକ ଡ୍ରିଲିଂ ମେଶିନ ଭାଇବ୍ରେଟ ହେବାରୁ ଏହାର ପ୍ରଭାବରେ ପାର୍ଶ୍ୱବର୍ତ୍ତୀ ସୁଉଚ୍ଚ ଘର ଛାତ ଦୋହଲି ଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଏହି ସମୟରେ ଘର ଭିତରେ ରହିବାକୁ ସେମାନେ ସୁରକ୍ଷିତ ମଣୁ ନାହାନ୍ତି। ଏ ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଉନାହାନ୍ତି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଅବ୍ୟବସ୍ଥା ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



## କ୍ରିକେଟ ଟୁର୍ନାମେଣ୍ଟ: ହୁମା ଚାମ୍ପିୟନ



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଟିମ୍।

ଗଞ୍ଜାମ, ୨୭।୫ (ବିଦ୍ୟାଧର ସାହୁ)

ବାବା ବାଲି ଲୋକନାଥ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଫଟାଫଟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ହୁମା ଟିମ୍ ବିଜୟୀ ହୋ ଚାମ୍ପିୟନ ହୋଇଛି। ଏହି ଫାଇନାଲ ମ୍ୟାଚ ହୁମା ଓ ମାଳି ଜଗନାଥପୁର ଟିମ୍ ମଧ୍ୟରେ ହୋଇଥିଲା। ମାଳି ଜଗନାଥପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬୦ ରନ କରିଥିଲା। ଏହାର ଜବାବରେ ୫ ଉଇକେଟ ହରାଇ ହୁମା ଟିମ୍ ୬୧ ରନ ହାସଲ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ହୁମାର ନାରଣ ଉନ୍ନତ ଖେଳ ପ୍ରଦର୍ଶନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।ମାଳି ଜଗନ୍ନାଥପୁର ଟିମ୍‌ର ବାବୁଙ୍କୁ ବେଷ୍ଟ ବୋଲର ସିଲଡ଼ ପ୍ରଦାନ କରାଯାଇଥିଲା। ବାଲି ଲୋକନାଥ ମନ୍ଦିର ପରିଚାଳନା କମିଟି ସଭାପତି ବି. ବନମାଳୀ, ଭୁଭୁନି ରେଡ୍ଡୀ, ସମିତି ସଭ୍ୟ ଜୟକୃଷ୍ଣ ରେଡ୍ଡୀ, ଗ୍ରାମ୍ୟ କମିଟି ସଭାପତି କେ. ହରି ରେଡ୍ଡୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ମାଳି ଜଗନ୍ନାଥପୁର ଟିମ୍ ରନର୍ସ ଅପ ହୋଇଥିଲା। ଏହ ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ମ୍ୟାଚ ୮ ଓଭର ଓ ଫାଇନାଲ ମ୍ୟାଚ ୧୦ ଓଭର ବିଶିଷ୍ଟ ହୋଇଥିଲା। ଟୁର୍ନାମେଣ୍ଟକୁ କେ. ଇଲେୟା ରେଡ୍ଡୀ, ଏନ. ଜୟକୃଷ୍ଣ ରେଡ୍ଡୀ, ଏସ. ନୀଳକଣ୍ଠ ରେଡ୍ଡୀ, ଏସ.ରାଜୁ ରେଡ୍ଡୀ ପରିଚାଳନା କରିଥିଲେ।

## ଧରାକୋଟର ୬ ବିଦ୍ୟାଳୟ ହେବ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

### ଜୟମଙ୍ଗଳ ବିଦ୍ୟାଳୟର ଭିତ୍ତିଭୂମି ପରଖିଲେ ଅଧିକାରୀ

ଧରାକୋଟ, ୨୭।୫ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ପ୍ରଥମିକ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି ରାଜ୍ୟ ସରକାର। ଏଥିପାଇଁ ବ୍ଲକ ସ୍ତରରେ କେତେକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବରେ ଘୋଷଣା କରାଯାଇଛି । ଧରାକୋଟ ବ୍ଲକର ୬ଟି ବିଦ୍ୟାଳୟକୁ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହି ବିଦ୍ୟାଳୟଗୁଡିକ ହେଲା ଜୟ ମଙ୍ଗଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବେଠୁଆର, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାଣିକପୁର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଙ୍ଗିପୁର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନନ୍ଦିଗୋର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜାହାଡା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶରଧାପୁର। ଧରାକୋଟ ବିଇଓ ଲିଙ୍ଗରାଜ ସ୍ୱାଇଁ, ଏବିଇଓ ସୌରୀ ଶଙ୍କର ବେହେରା, ବିଭୂତି ଭୂଷଣ ପାତ୍ର,ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରାକେଶ ମାଝୀ, ଟି ସି ନିକିତା ପାଢ଼ୀ, ସିଆରସିସି କାଳୁ ଚରଣ ଗୌଡ଼ ପ୍ରମୁଖ ବ୍ଲକ ସ୍ତରରେ ପ୍ରଥମେ ଏହି ବିଦ୍ୟାଳୟର ମାନ୍ୟତା ପାଇବାକୁ ଥିବା ଜୟମଙ୍ଗଳ ବିଦ୍ୟାଳୟରେ ପହଞ୍ଚି ଭିତ୍ତିଭୂମି ପରଖିଛନ୍ତି। ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ବେହେରା,ସହକାରୀ ଶିକ୍ଷକ ବୁଲୁ ବେହେରା, ଦିବାକର ସେଠୀ, ମନୋରଞ୍ଜନ ତ୍ରିପାଠୀ, ପରିଚାଳନା କମିଟି ସଭାପତି କୈଳାସ ବାଡତ୍ୟା,ସଭ୍ୟ ହର୍ଷ ଗୌଡ଼, ମହେନ୍ଦ୍ର ପ୍ରଧାନ ଉପସ୍ଥିତ ରହି ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସଂପ୍ରତି ଏହି ବିଦ୍ୟାଳୟରେ ପାଚେରୀ ନିର୍ମାଣ, ଅଡିଟରିୟମ ନିର୍ମାଣ, ୪ଟି ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ସାଇକେଲ ଷ୍ଟାଣ୍ଡ,ମୁଖ୍ୟ ଫାଟକ, ଛାତ୍ରୀଛାତ୍ର ଓ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ, ରୋଷେଇ ଘର ସହ ସାମୁହିକ ଡାଇନିଂ ହଲ ନିର୍ମାଣ କରାଯିବ। ଏଥିସହ ପେଭରଯୁକ୍ତ ଆପ୍ରୋଚ ରାସ୍ତା, ପ୍ରଧାନ ଶିକ୍ଷକଙ୍କ ସତନ୍ତ୍ର ରୁମ, କମନ ରୁମ, ବୋରୱେଲ ସହ ଓଭର ହେଡ ଟାଙ୍କି ନିର୍ମାଣ ନେଇ ଲକ୍ଷ୍ୟ ରଖାଯାଇଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ୩ଟି ପୁରୁଣା ଶ୍ରେଣୀ ଗୃହକୁ ଭଙ୍ଗାଯିବା ପାଇଁ ନିଷ୍ପତ୍ତି ହୋଇଛି । ବିଦ୍ୟାଳୟ ପରିସରକୁ ସିସିଟିଭି ଫୁଟେଜ ମଧ୍ୟରେ ରଖାଯିବ। ସରକାରଙ୍କ ଏହି ପଦକ୍ଷେପକୁ ଅଭିଭାବକ ମହଲରେ ସ୍ୱାଗତ କରାଯାଇଛି ।



ଅଧିକାରୀମାନେ ଜୟମଙ୍ଗଳ ବିଦ୍ୟାଳୟରେ ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି।

## ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା

ବୁଗୁଡ଼ା/ବାଲିପଦର/ଆସିକା, ୨୭।୫ (କାଳିଚରଣ ଦାଶ/ବିଶିକେଶନ ସ୍ୱାଇଁ/ ସୁରେନ୍ଦ୍ର ନାଥ ସାହୁ)

ପହଲଗାମରେ ପାକିସ୍ତାନ ପ୍ରେରିତ ଆତଙ୍କବାଦୀଙ୍କ ଦ୍ୱାରା ନିରୀହ ପର୍ଯ୍ୟଟକଙ୍କୁ ନିର୍ମମ ଭାବେ ହତ୍ୟା ପରେ ଆତଙ୍କବାଦୀଙ୍କୁ ଠିକଣା ଜବାବ ଦେବାକୁ ଯାଇ ଅପରେଶନ ସିନ୍ଦୂର ଦ୍ୱାରା ପାକିସ୍ତାନକୁ ମୁହଁତୋଡ ଜବାବ ଦେଇଥିଲା ଭାରତ। ଭାରତୀୟ ସୈନ୍ୟଙ୍କ ପରାକ୍ରମ ଓ ସଫଳତା ଦେଖିଥିଲା ସାରା ବିଶ୍ୱ। ଭାରତୀୟ ସୈନ୍ୟମାନଙ୍କ ପରାକ୍ରମକୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ବୁଗୁଡା ବ୍ଲକ ଅନ୍ତର୍ଗତ ପାଙ୍ଗିଡି, ଅନ୍ତରପଡା, ପୋଚାଲୁଣ୍ଡି ଓ ଏ.କରଡାବାଡି ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ବାଲିପଦର, ଅରଖପୁର ଓ କଳମ୍ବ ପଞ୍ଚାୟତରେ ମଧ୍ୟ ଏହି ତ୍ରିରଙ୍ଗା ଶୋଭାଯାତ୍ରା ହୋଇଛି। ଶୋଭାଯାତ୍ରାରେ ବାଲିପଦର ମଣ୍ଡଳ ଭାଜପା ସଭାପତି ଭଗବାନ ଜେନା, ମଣ୍ଡଳ ପ୍ରଭାରୀ ସଂଜୟ ଜେନା, ରବିନ୍ଦ୍ର ପ୍ରଧାନ, ଶାନ୍ତନୁ ନାୟକ, ମହେନ୍ଦ୍ର ପ୍ରସାଦ ପଣ୍ଡା, ସମୀର ମଳିକ, ପ୍ରଶାନ୍ତ ପାତ୍ର, ଭଗବାନ ବଡୁ, ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଶତାଧିକ ଯୁବକ ହାତରେ ଜାତୀୟ ପତାକା ଧରି ଦେଶାତ୍ମବୋଧକ ସ୍ଲୋଗାନ ଦେଇ ବାଇକ୍‌ରେ ୭ ପଞ୍ଚାୟତ ପରିକ୍ରମା କରିଥିଲେ।

ସେହିପରି ଆସିକା ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ହୋଇଥିବା ପରାକ୍ରମ ଶୋଭାଯାତ୍ରାକୁ କଲେଜ ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏନସିସି ଅଫିସର ମେଜର ଶଙ୍କର ପ୍ରସାଦ ଅଧିକାରୀ, ଅଧ୍ୟାପକ ଅଜିତ କୁମାର ମୁନି, ରାଜେଶ କୁମାର ସାହୁ, ସରୋଜ କୁମାର ପଣ୍ଡା ପ୍ରମୁଖ ସାମିଲ ଥିଲେ। ମହାବିଦ୍ୟାଳୟର ଏନସିସି ସ୍କାଉଟ, ରୋଭର୍ସ ଓ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନେ ଜାତୀୟ ପତାକା ଧରି କଲେଜ ଛକ ଅଞ୍ଚଳରେ ପରିକ୍ରମା କରିଥିଲେ। ଭାରତୀୟ ସେନାର ଅସୀମ ତ୍ୟାଗ, ବଳିଦାନ ଓ ନିଷ୍ଠାପରତା ପ୍ରତି ସମ୍ମାନ ଜଣାଇବା ନିମନ୍ତେ ସଚେତନତା ସୃଷ୍ଟି କରାଯାଇଥିଲା।



ବୁଗୁଡାରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଥିବା ତ୍ରିରଙ୍ଗା ଶୋଭାଯାତ୍ରା।



# ତଳି ପଟାଳିରେ ସାର ପ୍ରୟୋଗ

ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ତାଙ୍କ ଚତୁଃପାର୍ଶ୍ୱ ନିବୁଜ କରି ଦୁଇ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ି ଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜି ଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ। ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡ କରି ମିଶାଇ ଦିଅନ୍ତୁ । ଏଥିସହିତ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।

# ମାଛ ଚାଷରେ ଖତ ସାର ପ୍ରୟୋଗ

"ଯାଆଁଳ ଛାଡ଼ିବାର ଏକଦିନ ପୂର୍ବରୁ କୀଟପତଙ୍ଗ ନିୟନ୍ତ୍ରଣ କରାଯାଇଥାଏ। ଏହି କାର୍ଯ୍ୟ ପାଇଁ ଏକର ପିଛା ୬ କିଗ୍ରା ସାବୁନ୍‌କୁ ୨୨ ଲିଟର ସୋରିଷ ତେଲ ସହିତ ଫେଣ୍ଟି ପୋଖରୀରେ ସ୍ପ୍ରେ କରାଯାଏ। ଏହା ବଦଳରେ ଏକର ପିଛା ୨୦ ଲିଟର କିରୋସିନ୍ ତେଲ ସ୍ପ୍ରେ କରାଯାଏ କିମ୍ବା ଏକର ପିଛା ୩୦ ଲିଟର ଡିଜେଲକୁ ୬୦୦ ମିଲି ତରଳ ସାବୁନ୍ ବା ତିନି କିଗ୍ରା ଡିଟରଜେଣ୍ଟ ପାଉଡର ସହିତ ମିଶାଇ ସ୍ପ୍ରେ କରାଯାଏ। କୀଟପତଙ୍ଗ ନିୟନ୍ତ୍ରକ ପ୍ରୟୋଗ କରାଯିବା ପରେ ପୋଖରୀକୁ ପରିଷ୍କାର କରିବା ପାଇଁ ଦୁଇ ଥର ଜାଲ ପକାଇ ମୃତ କୀଟପତଙ୍ଗଗୁଡ଼ିକୁ ବାହାର କରିଦିଆଯାଏ।"



ମାଛ ଚାଷ କରୁଥିବା ପୋଖରୀରେ ଚୂନ ପ୍ରୟୋଗ କରାଯିବାର ୫-୭ ଦିନ ପରେ ସାଧାରଣତଃ ଖତ ପ୍ରୟୋଗ କରାଯାଏ। ଖତ ପ୍ରୟୋଗ କରିବାର ପ୍ରକାରକୁ ନେଇ ତିନି ପ୍ରକାର ପଦ୍ଧତି ଲାଭଜନକ ସାବ୍ୟସ୍ତ ହୋଇଥାଏ। ତେବେ ଗଚ୍ଛିତ ରଖିଥିବା ଘନତ୍ୱ ଏବଂ ଯାଆଁଳ ଅମଳର ପରିମାଣ ଓ ଆୟ ଅଲଗା ଅଲଗା ହୋଇଥାଏ। ତେବେ ସେହି ତିନି ପ୍ରକାର ପଦ୍ଧତିଗୁଡ଼ିକ ହେଲା-

(୧) ପାରମ୍ପରିକ ପଦ୍ଧତି
(୨) ପର୍ଯ୍ୟାୟଭିତ୍ତିକ ଖତସାର ପ୍ରୟୋଗ ପଦ୍ଧତି
(୩) ତୁରନ୍ତ/ତତ୍କାଳ ଖତସାର ପ୍ରୟୋଗ ପଦ୍ଧତି।

**ପାରମ୍ପରିକ ପଦ୍ଧତି**

ଯାଆଁଳ ଛାଡ଼ିବାର ୧୫ଦିନ ପୂର୍ବରୁ ପ୍ରତି ଏକର ଜଳରାଶି ଏବଂ ଏକ ମିଟର ଗଭୀରତା ବିଶିଷ୍ଟ ପୋଖରୀ ପାଇଁ ୪ ଟନ୍ କଞ୍ଚା ଗୋବର ଏବଂ ଯାଆଁଳ ଛଡ଼ାଯିବାର ୭ ଦିନ ପରେ ସ୍ଥାୟୀ ପ୍ଲାଙ୍କଟନ୍ ଉତ୍ପାଦନ ପାଇଁ ଏକର ପିଛା ୨ ଟନ୍ ହିସାବରେ ପ୍ରୟୋଗ କରାଯାଏ। ମହୁଲ ପିଡିଆ ପ୍ରୟୋଗ କରାଯାଇଥିବା ପୋଖରୀ କ୍ଷେତ୍ରରେ ପ୍ରାରମ୍ଭିକ ପରିମାଣ ଏକର ପିଛା ୨ ଟନ୍‌କୁ କମାଇ ଦିଆଯାଏ। କଞ୍ଚା ଗୋବର ପରିବର୍ତ୍ତେ ଯଦି କୁକୁଡ଼ା ଖତ ପ୍ରୟୋଗ କରାଯିବ, ତେବେ ପରିମାଣକୁ କଞ୍ଚା ଗୋବରର ଅଧାକୁ କମାଇ ଦିଆଯାଏ।

**କୀଟପତଙ୍ଗ ନିୟନ୍ତ୍ରଣ**

ଯାଆଁଳ ଛାଡ଼ିବାର ଏକ ଦିନ ପୂର୍ବରୁ କୀଟପତଙ୍ଗ ନିୟନ୍ତ୍ରଣ କରାଯାଇଥାଏ। ଏହି କାର୍ଯ୍ୟ ପାଇଁ ଏକର ପିଛା ୬ କିଗ୍ରା ସାବୁନ୍‌କୁ ୨୨ ଲିଟର ସୋରିଷ ତେଲ ସହିତ ଫେଣ୍ଟି ପୋଖରୀରେ ସ୍ପ୍ରେ କରାଯାଏ। ଏହା ବଦଳରେ ଏକର ପିଛା ୨୦ ଲିଟର କିରୋସିନ୍ ତେଲ ସ୍ପ୍ରେ କରାଯାଏ କିମ୍ବା ଏକର ପିଛା ୩୦ ଲିଟର ଡିଜେଲକୁ ୬୦୦ ମିଲି ତରଳ ସାବୁନ୍ ବା ତିନି କିଗ୍ରା ଡିଟରଜେଣ୍ଟ ପାଉଡର ସହିତ ମିଶାଇ ସ୍ପ୍ରେ କରାଯାଏ। କୀଟପତଙ୍ଗ ନିୟନ୍ତ୍ରକ ପ୍ରୟୋଗ କରାଯିବା ପରେ ପୋଖରୀକୁ ପରିଷ୍କାର କରିବା ପାଇଁ ଦୁଇ ଥର ଜାଲ ପକାଇ ମୃତ କୀଟପତଙ୍ଗଗୁଡ଼ିକୁ ବାହାର କରିଦିଆଯାଏ।

**ଯାଆଁଳ ଛାଡ଼ିବା କାର୍ଯ୍ୟ**

ପୋଖରୀରେ ତାପମାତ୍ରା କମ୍ ଥିବା ସମୟରେ ଯାଆଁଳ ଛଡ଼ାଯିବା ଦରକାର। ବିଶେଷକରି ସକାଳ ବେଳା ଥଣ୍ଡା ପାଗରେ ଏହା କଲେ ଭଲ। ଏକର ପିଛା ୨୦-୩୦ ଲକ୍ଷ ପର୍ଯ୍ୟନ୍ତ ଯାଆଁଳ ଛଡ଼ାଯାଇଥାଏ। ବିକ୍ରୟ କରିବା ଦୃଷ୍ଟିରୁ ଗୋଟିଏ ପୋଖରୀରେ ବହୁବିଧ ପ୍ରଜାତିର ଯାଆଁଳ ଛାଡ଼ିବା ଅପେକ୍ଷା ଗୋଟିଏ ପ୍ରଜାତିର ଚାଷ ଅତ୍ୟନ୍ତ ଭଲ।

**ଖାଦ୍ୟ**

ଯାଆଁଳମାନଙ୍କ ପାଇଁ ୧:୧ ଅନୁପାତରେ ଗୁଣ୍ଡ ବାଦାମ ପିଡ଼ିଆ ଏବଂ କାଣ୍ଡିଆକୁଣ୍ଡା କିମ୍ବା ଧାନଗୁଣ୍ଡ ପ୍ରୟୋଗ କରାଯିବା ଆବଶ୍ୟକ।

**ପରିମାଣ**

ଯାଆଁଳଙ୍କ ପାଇଁ ଖାଦ୍ୟ ପକାଉଥିଲେ ପ୍ରଥମ ପାଞ୍ଚ ଦିନ ଶରୀର ଓଜନ ଅନୁଯାୟୀ ୪ ଗୁଣ ବା ୬୦୦ ଗ୍ରାମ/ଏକ ଲକ୍ଷ/ପ୍ରତିଦିନ (ଯାଆଁଳ ଓଜନ ୧.୪-୧.୬ ଏମ୍‌ଜି ହୋଇଥିଲେ) ଏବଂ ପରବର୍ତ୍ତୀ ୧୦ ଦିନ ପର୍ଯ୍ୟନ୍ତ ପ୍ରାରମ୍ଭିକ ଓଜନର ଆଠ ଗୁଣ ଅର୍ଥାତ୍ ୧୨୦୦ ଗ୍ରାମ/ଏକଲକ୍ଷ/ପ୍ରତିଦିନ ଭାବରେ ଦିଆଯିବା ଉଚିତ।

**ଯାଆଁଳଙ୍କୁ ଖାଦ୍ୟ ଦେବା ସମୟ**

ସାଧାରଣତଃ ଯାଆଁଳମାନଙ୍କୁ ସକାଳେ ଏବଂ ସନ୍ଧ୍ୟାରେ ଖାଦ୍ୟ ଦିଆଯାଇଥାଏ। ପୋଖରୀରେ ଶିଉଳି ଦେଖାଦେଲେ ଖାଦ୍ୟ ଖାଇବାକୁ ଦିଆଯିବ ନାହିଁ।

**ଅମଳ**

ଯାଆଁଳ ଛାଡ଼ିବାର ୧୫ ଦିନ ପରେ ସେଗୁଡ଼ିକ ପ୍ରାୟ ୨୦-୩୦ ମିଲିମିଟର ଆକାରର ହୋଇଯାଆନ୍ତି। ସେହି ସମୟରେ ସେମାନଙ୍କର ଓଜନ ୦.୧୫ଗ୍ରାମରୁ ୦.୨୦ ଗ୍ରାମ ହୋଇଥାଏ। ସେମାନଙ୍କୁ ୧/୮ ଇଞ୍ଚ ଫାଳବିଶିଷ୍ଟ ଯାଆଁଳ ଧରା ଭିଡ଼ା ଜାଲ ସାହାଯ୍ୟରେ ପ୍ରତିପାଳନ (ନର୍ସରୀ ପୋଖରୀ) ପୋଖରୀରେ ପାଳନ ପାଇଁ ରଖାଯାଏ। ସ୍ୱନ୍‌ରୁ ଯାଆଁଳ ବଞ୍ଚିବାର ହାର ୨୫ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ତେଣୁ ୨୦-୩୦ ଲକ୍ଷ ଯାଆଁଳ ଗଚ୍ଛିତ ରଖାଗଲେ ୧୫ ଦିନ ପରେ ୬-୯ ଲକ୍ଷ ପର୍ଯ୍ୟନ୍ତ ଯାଆଁଳ ଅମଳ କରାଯାଇପାରିବ।

**ପର୍ଯ୍ୟାୟଭିତ୍ତିକ ଖତସାର ପ୍ରୟୋଗ ପଦ୍ଧତି**

ପାରମ୍ପରିକ ପଦ୍ଧତିରେ ଠିକ୍ ସମୟରେ ମାଛ ବିହନ (ସ୍ୱନ୍) ମିଳିବା ଏକ ପ୍ରମୁଖ ସମସ୍ୟା ରୂପେ ଦେଖାଦେଇଥାଏ। ଏପରି ଅସୁବିଧାକୁ ଏଡାଇବା ପାଇଁ ଓ ଭଲ ଅମଳ ପାଇବା ନିମନ୍ତେ ନିମ୍ନଲିଖିତ ପଦ୍ଧତି ଅନୁସରଣ କରାଯାଇପାରେ। (କ୍ରମଶଃ...)

-ଡା. ମାନସ ରଞ୍ଜନ ପଟ୍ଟନାୟକ,
ଅଧ୍ୟକ୍ଷ, ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର
-ଦିଲୀପ କୁମାର ସାହୁ, ଅଧ୍ୟାପକ,
ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର (ମତ୍ସ୍ୟବିଜ୍ଞାନ), ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର



# ସମନ୍ୱିତ ପୋକ ପରିଚାଳନା

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ଅଧିକ ଅମଳକ୍ଷମ ଚିନାବାଦାମ ପାଇଁ...

ଚିନାବାଦାମ ଜମିରୁ ପାଣି କାଟି ଦିଅନ୍ତୁ । କାରଣ ଏହି ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ। ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ, ଯେପରି କି ମାଟି ଭଲ ଭାବରେ ଭିଜିପାରିବ।



# ମୁଗ ଫସଲରେ ପତ୍ରକଟା ପୋକ ଲାଗିଥିଲେ...




ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ। ମୁଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ। ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ x କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଆଖୁ ଚାଷରେ କାଣ୍ଡବିନ୍ଧା ପୋକ ଦମନ

ଆଖୁ ଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।



## ଜାଣି ରଖନ୍ତୁ



- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ଗୋ-ମହିଷି ଓ ବାଛୁରିଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ।
- ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ଗୁହାଳସବୁବେଳେପରିଷ୍କାରଓଶୁଖିଲାରଖନ୍ତୁ।ଏହାରଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।

# ମଧ୍ୟମ କିସମ ଧାନ ଚାଷ

ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦାପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇ ହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହ କରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ରୁଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟମାସ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମିପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା,ଖଣ୍ଡଗିରି,ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ -୧୩୦ଦିନିଆ କିସମ ଯଥା-ଲଲାଟ,ସୁରେନ୍ଦ୍ର ଆଦି କିସମ ସଂଗ୍ରହ କରି କାଦୁଆ ତଳି ଘରାରେ ଧାନ ଗଜା କରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ତଳି ବଢ଼ିବା ପାଇଁ ତଳିଘରାରେ ଯଥେଷ୍ଟ ଯବକ୍ଷାରଜାନ ସାର ଦିଅନ୍ତୁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶ୍ୱ ଚାମ୍ପିୟନ ଗୁକେଶଙ୍କୁ ହରାଇଲେ କାର୍ଲସେନ

**ଷ୍ଟାଭାଙ୍ଗର,୨୭।୫(ପି.ଟି.):** ୱାର୍ଲ୍ଡ ନଂ.୧ ମାଗ୍‌ନସ କାର୍ଲସେନ ନରୱେ ଚେସ୍ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ଡି ଗୁକେଶଙ୍କୁ ପରାସ୍ତ କରିଛନ୍ତି। ୫ ଥରର ବିଶ୍ୱ ଚାମ୍ପିୟନ କାର୍ଲସେନଙ୍କୁ ତାଙ୍କ ଅଧା ବୟସର ଖେଳାଳି ଗୁକେଶ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା କ୍ଲାସିକ୍ ଚେସ୍ ମ୍ୟାଚ୍‌ରେ ପ୍ରାୟତଃ ଚାପରେ ରଖିଥିଲେ। ହେଲେ ଗୁକେଶ ନିଜ ତ୍ରୁଟି କାରଣରୁ ୫୫ତମ ମୁଭ୍‌ରେ ପରାଜିତ ହୋଇଥିଲେ। ଏହି ବିଜୟ ସହ କାର୍ଲସେନ ୩ ପଏଣ୍ଟ ହାସଲ କରିଛନ୍ତି।

# ମେଡ୍‌ଭେଡେଭ୍‌ଙ୍କୁ ହରାଇଲେ ନୋରି


ମେଡଭେଡେଭଙ୍କୁ ହରାଇବାପରେ ଉଲ୍ଲସିତ କାମେରନ ନୋରି।

**ପ୍ୟାରିସ୍, ୨୭।୫**

ଚଳିତ ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ୧୧ଶ ସିଡ୍ ରୁଷିଆର ଡାନିଲ ମେଡ୍‌ଭେଡେଭ୍। ବ୍ରିଟେନ୍‌ର ଅଣସିଡେଡ୍ ଖେଳାଳି କାମେରନ ନୋରି ୭-୫, ୬-୩, ୪-୬, ୧-୬, ୭-୫ ସେଟ୍‌ରେ ମେଡ୍‌ଭେଡେଭ୍‌ଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ତେବେ ଟପ୍ ସିଡ୍ ଜାନିକ ସିନର, ୩ୟ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭ୍, ୯ମ ସିଡ୍ ଆଲେକ୍ସ ଡି ମିନାଉର ପ୍ରମୁଖ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିନର ୬-୪, ୬-୩, ୭-୫ରେ ଆର୍ଥର ରିଣ୍ଡେର୍କନେଚ୍‌ଙ୍କୁ, ଜେଭରେଭ୍ ୬-୩, ୬-୩, ୬-୪ରେ ଲର୍ନର ଟିଏନଙ୍କୁ ଏବଂ ମିନାଉର ୬-୩, ୬-୪, ୭-୬ (୮/୬) ସେଟ୍‌ରେ ଲାସ୍‌ଲୋ ଡିଜେରେଙ୍କୁ ହରାଇ ଦେଇଛନ୍ତି। ୧୬ଶ ସିଡ୍ ଗ୍ରିଗୋର ଡିମିଟ୍ରୋଭ ୬-୨, ୬-୩, ୨-୬ରେ ଅଗ୍ରଣୀ ରହିଥିଲେ ହେଁ ଆହତ ସମସ୍ୟା ଯୋଗୁ ଓହରିଯିବାରୁ ଇଥାନ କ୍ୱିନ୍ ୱାକ୍‌ଓଭର ପାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଲେକ୍‌ଜାଣ୍ଡର ଶେଭଚେଙ୍କୋ, ଫେଡେରିକୋ ଅଗଷ୍ଟିନ ଗୋମେଜ, ଆଲେକ୍‌ଜାଣ୍ଡର ବୁବ୍‌ଲିକ୍ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍**

## ସିନର, ଜେଭରେଭ୍ ଦ୍ୱିତୀୟ ରାଉଣ୍ଡରେ

## ଗଫ୍, ଆଜାରେଙ୍କା ବିଜୟୀ

ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ କୋକୋ ଗଫ୍ ୬-୨, ୬-୨ ସେଟ୍‌ରେ ଓଲିଭିଆ ଗଡେକିଙ୍କୁ ହରାଇ ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିପରି ସୋଫିଆ କେନିନ ୬-୩, ୬-୧ରେ ବାର୍ବରା ଗ୍ରାଚେଭାଙ୍କୁ, ଭିକ୍ଟୋରିଆ ଆଜାରେଙ୍କା ୬-୦, ୬-୦ରେ ୟାନିନା ୱିକମେୟରଙ୍କୁ, ୬ଷ୍ଠ ସିଡ୍ ମୀରା ଆନ୍ଦ୍ରେଭା ୬-୪, ୬-୩ରେ କ୍ରିଷ୍ଟିନା ବୁକ୍‌ସାଙ୍କୁ, ମାର୍କେଟା ଭେଣ୍ଡ୍ରୋସୋଭା ୬-୪, ୬-୪ରେ ଓକସାନା ସେଲେଖମେଟେଭାଙ୍କୁ ହରାଇଥିବାବେଳେ ୨୩ତମ ସିଡ୍ ବିଟ୍ରିଜ ହାଡାଡ ମାଇଆ ୬-୪, ୩-୬, ୧-୬ରେ ହିଲି ବାପ୍ଟିଷ୍ଟେଙ୍କଠାରୁ ହାରି ବିଦାୟ ନେଇଛନ୍ତି। ତୃତୀୟ ସିଡ୍ ଜେସିକା ପେଗୁଲା ସିଧାସଳଖ ୬-୨, ୬-୪ ସେଟ୍‌ରେ ଆନ୍‌କା ଟୋଡୋନିଙ୍କୁ ହରାଇ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି।

# ସିନ୍ଧୁ, ପ୍ରଣୟ ଦ୍ୱିତୀୟ ରାଉଣ୍ଡରେ

**ସିଙ୍ଗାପୁର, ୨୭।୫(ପି.ଟି.)**

ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ସୁପର ୭୫୦ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିନ୍ଧୁ କାନାଡ଼ାର ୱେନ୍ ୟୁ ଝାଙ୍ଗ୍‌ଙ୍କ ବିପକ୍ଷ ମ୍ୟାଚ୍‌କୁ ମାତ୍ର ୩୧ ମିନିଟ୍‌ରେ ୨୧-୧୪, ୨୧-୯ ସିଧାସଳଖ ଗେମ୍‌ରେ ଜିତିନେଇଛନ୍ତି। ଏହି ପୂର୍ବତନ ବିଶ୍ୱ ଚାମ୍ପିୟନଙ୍କୁ କିନ୍ତୁ ପରବର୍ତ୍ତୀ ରାଉଣ୍ଡ ଜିତିବା କଷ୍ଟସାଧ ହେବ। ଏହି ରାଉଣ୍ଡରେ ସେ ଟୋକିଓ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଏବଂ ବର୍ତ୍ତମାନ ବିଶ୍ୱର ୫ ନମ୍ବର ଚାଇନାର ଚେନ୍ ୟୁ ଫେଇଙ୍କୁ ଭେଟିବେ। ଅନ୍ୟପକ୍ଷେ ବିଶ୍ୱର ୩୪ ନମ୍ବର ଖେଳାଳି ପ୍ରଣୟ କିନ୍ତୁ କଷ୍ଟସାଧ ବିଜୟ ହାସଲ କରିଛନ୍ତି। ୩୨ ବର୍ଷୀୟ ଏହି ଖେଳାଳି ପ୍ରଥମ ଗେମ୍ ୧୯-୨୧ରେ ପରାଜିତ ହେବା ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଅବଶିଷ୍ଟ ଦୁଇଟି ଗେମ୍ ୨୧-୧୬, ୨୧-୧୪ରେ ଜିତି ନେଇଥିଲେ। ପ୍ରି-କ୍ୱାର୍ଟରରେ ସେ ଫ୍ରାନ୍ସର ଖ୍ରୀଷ୍ଟୋଭ ପୋପୋଭଙ୍କ ସହ ମୁକାବିଲା କରିବେ। ତେବେ ଭାରତର ଅନ୍ୟ ଖେଳାଳି ମାଳବିକା ବନ୍‌ସୋଡ୍, ଅନ୍‌ମୋଲ ଖରବ, ପ୍ରିୟାଂଶୁ ରାଜୱତ ଓ କରଣ ଜର୍ଜ ପ୍ରମୁଖ ସେମାନଙ୍କ ପ୍ରଥମ ରାଉଣ୍ଡ ସିଙ୍ଗଲ୍ସ ମ୍ୟାଚ ହାରିଯାଇଛନ୍ତି। ମାଳବିକା ଓ ପ୍ରିୟାଂଶୁ ଉଭୟ ସେମାନଙ୍କ ପ୍ରଥମ ଗେମ୍‌ରେ ଅଗ୍ରଣୀ ଲାଭକରି ମଧ୍ୟ ପରାଜିତ ହୋଇଥିଲେ। ମାଳବିକା ୮ମ ସିଡ୍ ଥାଇଲାଣ୍ଡର ସୁପାନିଦା କେଟ୍‌ଥଙ୍ଗ୍‌ଙ୍କଠାରୁ ୨୧-୧୪, ୧୮-୨୧, ୧୧-୨୧ରେ ହାରିଯାଇଥିବା ବେଳେ ପ୍ରିୟାଂଶୁ ୭ମ ସିଡ୍ ଜାପାନର କୋଦାଇ ନାରାଓକାଙ୍କଠାରୁ ୨୧-୧୪, ୧୦-୨୧, ୧୪-୨୧ରେ ପରାସ୍ତ ହୋଇଛନ୍ତି।

# ମର୍ସି ରାଫା' ଟି-ଶାର୍ଟ ମୂଲ୍ୟ ୫୪୦ ଡଲାର

**ପ୍ୟାରିସ୍,୨୭।୫(ଏପି)**




ଫ୍ରେଞ୍ଚ୍ ଓପନ୍ ଦ୍ୱାରା ରାଫେଲ ନାଡାଲଙ୍କୁ ସମ୍ମାନିତ କରାଯିବାର ଦିନକ ପରେ କିଛି ପ୍ରଶଂସକ କ୍ଲେ ରଙ୍ଗର 'ମର୍ସି ରାଫା' ଟି-ଶାର୍ଟକୁ ବିକିବା ଆରମ୍ଭ କରିଛନ୍ତି। ଏପରିକି କିଛି ପ୍ରଶଂସକ ଏହି ସ୍ୱତନ୍ତ୍ର ଟି-ଶାର୍ଟ ଲାଗି ୫୦୦ ୟୁରୋ (୫୪୦ ଆମେରିକୀୟ ଡଲାର) ଦାବି କରୁଛନ୍ତି। ଏହି ଟି-ଶାର୍ଟ ଫ୍ରେଞ୍ଚରେ 'ଥାଙ୍କ୍ ୟୁ ରାଫା' ଓ '୨୫।୫।୨୦୨୫' ଉଲ୍ଲେଖ ରହିଛି। ଗତ ରବିବାର ୧୪ ଥରର ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ ନାଡାଲଙ୍କ ଲାଗି ଆୟୋଜନ କରାଯାଇଥିବା ଫେୟାରୱେଲ ଉତ୍ସବରେ କୋର୍ଟ ଫିଲିପ-ଚାଟରିଅର ଯୋଗ ଦେଇଥିବା ଦର୍ଶକଙ୍କ ମଧ୍ୟରେ ଏହି ଶାର୍ଟକୁ ବଣ୍ଟାଯାଇଥିଲା। ଦର୍ଶକଙ୍କ ମଧ୍ୟରେ ବିଭିନ୍ନ କ୍ଲେ ରଙ୍ଗର ଟି-ଶାର୍ଟ ବଣ୍ଟନ କରାଯାଇଥିଲା। ଏହି ଇଭେଣ୍ଟ ଶେଷହେବାର କିଛି ମିନିଟ୍ ପରେ ଉକ୍ତ ଟି-ଶାର୍ଟ ପୁନଃ ବିକ୍ରି ଲାଗି ବ୍ୟବହୃତ ହେଉଥିବା ପ୍ଲାଟଫର୍ମରେ ନଜର ଆସିଥିଲା। ସୋମବାର ୩୦ଟି ଶାର୍ଟ ବିକ୍ରି ଲାଗି ଲିଷ୍ଟେଡ୍ ହୋଇଥିବା ବେଳେ ମାକ୍ସିମ ବର୍ଥୁଇସ ନାମକ ଜଣେ ବିକ୍ରେତା ୫୦୦ ୟୁରୋରେ ତାଙ୍କ ଶାର୍ଟ ଲିଷ୍ଟ କରିଛନ୍ତି। ଏ ସଂକ୍ରାନ୍ତରେ ଫ୍ରେଞ୍ଚ୍ ଟେନିସ୍ ଫେଡେରେଶନ ସଭାପତି ଗାଇଲ୍ସ ମୋରଟନ କହିଛନ୍ତି, ଟି-ଶାର୍ଟକୁ ପୁନଃ ବିକ୍ରି କରାଯିବା ମୋତେ ଆଶ୍ଚର୍ଯ୍ୟ କରିଛି। ଦୁଃଖର ବିଷୟ ଯେ, କିଛି ଲୋକ ଲାଭ ପାଇଁ ମର୍ସି ରାଫା ଶାର୍ଟ ବିକ୍ରି କରୁଛନ୍ତି। ଆମେ କିଛି ସ୍ୱତନ୍ତ୍ର କରିଥିଲୁ। ଏଭଳି ପରିସ୍ଥିତି ପଛରେ ଏହି ସ୍ୱତନ୍ତ୍ରତା ହିଁ କାରଣ ହୋଇଥାଇପାରେ।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବିକେ ମୀରା ପାତ୍ର**
(୰ଶ୍ୟାମସୁନ୍ଦର ପାତ୍ରଙ୍କ ଧର୍ମପତ୍ନୀ)
ସ୍ଥାନ: ଭିଆଇପି ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟ, ରମାବଲ୍ଲଭ ରୋଡ୍, ପୁରୀ
ଆବିର୍ଭାବ: ମେ, ୧୯୩୦
ତିରୋଧାନ: ୧୯।୦୫।୨୦୨୫
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ତସ୍ମାତ୍‌ପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ।
ତୁମର କର୍ମମୟ ଜୀବନ, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଧର୍ମପରାୟଣତା ଆମ୍ଭମାନଙ୍କ ପାଇଁ ଅବିସ୍ମରଣୀୟ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, କନ୍ୟା-ଜାମାତା, ନାତି-ନାତୁଣୀ ଏବଂ ପରିବାରବର୍ଗ
ଧ-୭୬୦୫୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀଯୁକ୍ତ କରୁଣାକର ମଲ୍ଲିକ**
Vijay Vihar, Bhubaneswar-2
ଆବିର୍ଭାବ: ୧୩।୧୦।୧୯୪୫
ତିରୋଧାନ: ୧୮।୦୫।୨୦୨୫
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ଜହ୍ନବତୀ, ନିରୁ, ଅଶୋକ, ବାବୁଲି, ଟୁନା, ବିଜୁ, ରିଙ୍କି, ଗୀତା, ଧୀରେନ୍ଦ୍ର, ଜୁଲି, ବାବୁ, ରନି, ମାମା, ପପୁ, ଗୁଡ଼ି, ସୋନା, ମୋନା ଓ ବନ୍ଧୁମାନେ ।
ଧ-୭୫୫

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**୰ ସତ୍ୟଭାମା ତ୍ରିପାଠୀ**
୫୬୨-ଏକାମ୍ରବିହାର, ଭୁବନେଶ୍ୱର
ଆବିର୍ଭାବ-୧୪.୦୭.୧୯୪୫
ତିରୋଧାନ-୧୧.୦୬.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ ଏବଂ କର୍ମଚାରୀବୃନ୍ଦ
ସୌଜନ୍ୟ - ଗଣେଷ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍ସ)
ଧ-୭୧୦



# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

Bride wanted Brahmin 32 network Engineer (HFCL). 7008123336. D-694

Handsome Khandayat Boy 1990, 5'9", B.Tech, Serving Data Scientist MNC Bangalore. "SUNASANSAR". 9937512659. D-76271


REAL ESTATE

**SALE**

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possession sqft.- 350/-. 8328868883.** D-76270


CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397


Healthcare

Newly open Jyoti SPA positively health benefits (Expert therapist). 8458067955. D-76914

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open health benefits SPA by expert therapist. Contact- 8280961126. D-76915

**AFFIDAVIT**

By virtue of an affidavit sworn before Executive Magistrate, Bhadrak, dtd. 15.05.2025, I, Malatilata Sethy, W/o- Late Parshuram Sethi, Vill- Baudpur, P.O.- Madhabnagar, P.S./Dist.- Bhadrak, PIN- 756181 declare that I have changed my name from Malati Sethi to Malatilata Sethy. Henceforth, I shall be known as Malatilata Sethy for all purposes. D-722

I, Sandeep Sahoo, S/o- Ganeswar Sahoo, Resident of At- Baniasahi, P.O.- Buxibazar, Cuttack Sadar, Town/District.- Cuttack, PIN-753001, Odisha declare by this affidavit No.-4091, dt.20.03.2025. That now onwards I shall be known as Sandeep Kumar Sahoo for all future purposes. D-719

I, Jayant Kumar Moharana, S/o-Late Ajoy Moharana, At- Buxibazar, Baniasahi, P.S.- Mangalabag, Town/District-Cuttack, Odisha declare by this affidavit No,-4558, dt.27.05.2025. That now onwards I shall be known as Jayant Moharana for all future purposes. D-718

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Rinita Sahoo, W/o- Sandeep Kumar Sahoo, Resident of At- Baniasahi, P.O.- Buxibazar, P.S.- Mangalabag, Town/ District-Cuttack, Odisha declare by this affidavit No.-4076, dt.06.05.2025. That now onwards I shall be known as Rinita Moharana for all future purposes. D-720

By virtue of an affidavit sworn before Executive Magistrate Sadar, Cuttack Sl. No.- 4554, dated 27.05.2025, I Aparna Dei, Address: At- Kendujhar Bazar, P.O.- Old Town, P.S.- Kendujhar, Dist.- Kendujhar, PIN-758001 declare that I have changed my name from Aparna Rout to Aparna Dei. Henceforth, I shall be known as Aparna Dei for all purposes.
Aparna Dei D-715

By virtue of an affidavit sworn before the Executive Magistrate, Bolangir, dated 22.05.2025, I, Susanta Rana, Address: At- Kutumdola, P.O.- Jhankarpali, P.S.- Bolangir Sadar, Dist.- Bolangir declare that I have changed my son's name from Sushanta Rana to Aditya Rana. Henceforth, he shall be known as Aditya Rana for all purposes.
Susanta Rana D-721

I, Vijayalaxmi Sahoo, D/o-Hrusikesh Sahoo, Vill/P.O.-Santrabandha, P.S.-Chhendipada, Dist.- Angul, Odisha. affidavit No.-782, dated 27.05.2025 sworn before the Executive Magistrate, Chhendipada, I have changed my Old name Bijaylaxmi Sahoo to Vijayalaxmi Sahoo. Bijaylaxmi Sahoo & Vijayalaxmi Sahoo is one & same person. Henceforth, she shall be known as Vijayalaxmi Sahoo for all future purposes. D-716

I, Sri Nalla Lokanath Das declared that as per affidavit No.-41, dtd. 27.5.2025 before the Executive Magistrate, Nandapur my son's Old name N Barun Das has been changed to Nalla Barun Das. Henceforth, he will be known as Nalla Barun Das, Son of Nalla Lokanath Das, At/P.O.- Nandapur, Dist.- Koraput for all purposes . D-714

By virtue of an affidavit sworn before Executive Magistrate, Jajpur Road, Sl No.- 2345, dated 27.05.2025 my son's correct name is Sriyansh Ghadei, Son of Smruti Ranjan Ghadai instead of Suryansha Ghadai, Village Chhotaraypur, Post.- Sankhachilla, Dist.- Jajpur. Henceforth, my son shall be known as Sriyansh Ghadei for all purpose. D-713

By virtue of an affidavit before the Executive Magistrate, Bhubaneswar, Khurdha, affidavit No.-24 on dated 09.02.2022, I, Rajendra Kumar Patanaik, S/o- Late Ramesh Chandra Patanaik of Plot No.- 222/ 223, Unit-III, Bhubaneswar, Odisha. My minor son Sangrila Pattnaik vide Lease Deed No.-209, dated 11.10.1999. That the Birth Certificate and all Educational Certificate has been mentioned Biswajeet Pattanayak. That Biswajeet Pattanayak and Sangrila Pattnaik is one and same person. D-711

By virtue of an affidavit before the Executive Magistrate, Bhubaneswar, Khurdha, affidavit No.-120 on dated 23.05.2025, I, Rajendra Kumar Patanaik, S/o- Late Ramesh Chandra Patanaik of Plot No.- 222/223, Unit-III, Bhubaneswar, Odisha. My minor son Sangrila Pattnaik vide Lease Deed No.-209 dated 11.10.1999. That the Birth Certificate and all Educational Certificate has been mentioned Biswajeet Pattanayak. That Biswajeet Pattanayak and Sangrila Pattnaik is one and same person. D-712

By virtue of an affidavit vide No.-54 sworn in the Court of Executive Magistrate, Panposh, I, Mukesh Ranjan Sahoo, S/o- Maheswar Sahoo, resident of Qrs. No.- EM 85, Basanti Colony, P.O.- Rourkela- 769012, P.S.- Uditnagar, Dist.- Sundargarh changed my Son's name from Shivam Sahoo to Akshat Kumar Sahoo in LIC Policy bearing No.- 866605911. Henceforth, he shall be known as Akshat Kumar Sahoo for all purposes. D-723

By virtue of an affidavit No.-913 sworn before Executive Magistrate, Bonth, dtd.23.05.2025, I, Snehalata Palei (28yrs), D/o- Maheswar Palei, Vill- Padakana, P.O.- Padhanpada, P.S.- Bonth, Dist.- Bhadrak, PIN- 756114 declare that I have changed my name from Premalata Palei to Snehalata Palei. Henceforth, I shall be known as Snehalata Palei for all purposes. D-724

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ‘ଆର୍ଥିକ ସଶକ୍ତୀକରଣକୁ ନୂଆ ଆକାର ଦେବ’

ମୁମ୍ବାଇ,୨୭।୫(ଅଭୟ ଦାଶ)

ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌କୁ ଭାରତରେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ କରିବା ପାଇଁ ସେବିର ଅନୁମୋଦନ ଲାଭ କରିଛି। ଏପରିକି ଏହି କମ୍ପାନୀ ଜିଓ ଫାଇନାନ୍ସ ସର୍ଭିସେସ୍ ଲିମିଟେଡ୍ (ଜେଏଫ୍‌ଏସ୍‌ଏଲ୍) ଏବଂ ବ୍ଲାକରକ୍ କମ୍ପାନୀର ଏକ ମିଳିତ ଉଦ୍ୟୋଗ ବୋଲି କୁହାଯାଉଛି। ଅପରପକ୍ଷରେ ଆଶା କରାଯାଉଛି ଯେ, କମ୍ପାନୀଟି ଖୁବ୍‌ଶୀଘ୍ର ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ବଜାରରେ ପ୍ରବେଶ କରିବ। ଜିଓ ବ୍ଲାକରକ୍ ଦ୍ୱାରା ସିଡ୍ ସ୍ୱାମୀନାଥନଙ୍କୁ କମ୍ପାନୀର ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରାଯାଇଛି।

ଏ ସମ୍ପର୍କରେ ଜେଏଫ୍‌ଏସ୍‌ଏଲ୍‌ର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଈଶା ଅମ୍ବାନୀ କହିଛନ୍ତି, ବ୍ଲାକରକର୍ ବିଶ୍ୱସ୍ତରୀୟ


ଈଶା ଅମ୍ବାନୀ

ନିବେଶ ବିଶେଷଜ୍ଞତା ଏବଂ ଜିଓର ଡିଜିଟାଲ୍-ପ୍ରଥମ ନବସୃଜନ ଅଭିଜ୍ଞତା ରହିଛି, ଯାହା ବ୍ଲାକରକ୍ ସହିତ ଆମର ଏହି ସହଭାଗିତାକୁ ସଶକ୍ତ କରୁଛି। ଆମେ ଏକାଠି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିବେଶକୁ ସରଳ, ସୁଲଭ ଏବଂ ସମାବେଶୀ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ମୁଁ ନିଶ୍ଚିତ ଯେ ଜିଓ ବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ଭାରତରେ ଆର୍ଥିକ ସଶକ୍ତୀକରଣର ଭବିଷ୍ୟତକୁ ଆକାର ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେହିଭଳି ବ୍ଲାକରକ୍ ଅନ୍ତର୍ଜାତୀୟ ମୁଖ୍ୟ ରାଚେଲ ଲର୍ଡ କହିଛନ୍ତି, ଭାରତରେ ଆସେଟ୍ ମ୍ୟାନେଜମେଣ୍ଟ ବା ସମ୍ପତ୍ତି ପରିଚାଳନା ଆଜି ଏକ ଅନନ୍ୟ ମୋଡ଼ରେ ରହିଛି। ଜିଓ ବ୍ଲାକରକ୍ ନିବେଶକମାନଙ୍କୁ ସିଧାସଳଖ କମ୍ ମୂଲ୍ୟରେ ସଂସ୍ଥାଗତ ଗୁଣାତ୍ମକ ଉତ୍ପାଦ ପ୍ରଦାନ କରି ଭାରତରେ ଅଧିକ ଲୋକଙ୍କୁ ପୁଞ୍ଜି ବଜାରରେ ପ୍ରବେଶ କରିବାରେ ସାହାଯ୍ୟ କରିବ। ଏପରିକି ଆମର ସହଭାଗୀ ଜେଏଫ୍‌ଏସ୍‌ଏଲ୍ ସହିତ ମିଶି ଆମେ ଭାରତକୁ ସଞ୍ଚୟକାରୀଙ୍କ ଦେଶରୁ ନିବେଶକଙ୍କ ଦେଶ ଭାବେ ପରିବର୍ତ୍ତିତ ହେବା ଦିଗରେ ଯୋଗଦାନ ପାଇଁ ପ୍ରସ୍ତୁତ ରହିଛୁ।

ସେହିପରି ବ୍ଲାକରକ ଅନ୍ତର୍ଜାତୀୟ ଇଣ୍ଡେକ୍ସ ଇକ୍ୱିଟିର ପୂର୍ବତନ ମୁଖ୍ୟ ସିଡ୍ ସ୍ୱାମୀନାଥନଙ୍କୁ ବର୍ତ୍ତମାନ ଜିଓ ବ୍ଲାକରକ୍ ଦାୟିତ୍ୱ ମିଳିଛି। ସେ ବର୍ତ୍ତମାନ ପର୍ଯ୍ୟନ୍ତ ୧.୨୫ ଟ୍ରିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ପରିଚାଳନା କରିଛନ୍ତି। ଏ ନେଇ ସେ କହିଛନ୍ତି, ମୋତେ ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ନେତୃତ୍ୱ ନେବା ଏବଂ ନିବେଶକମାନଙ୍କ ନିବେଶ କ୍ଷମତା ବୃଦ୍ଧି କରି ଭାରତରେ ଆସେଟ୍ ମ୍ୟାନେଜମେଣ୍ଟ ବା ସମ୍ପତ୍ତି ପରିଚାଳନାକୁ ନୂଆ ରୂପ ଦେବାର ସମ୍ମାନ ମିଳିଛି। ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ଲକ୍ଷ୍ୟ ହେଉଛି, ସାରା ଭାରତରେ ନିବେଶକମାନଙ୍କୁ ସଂସ୍ଥାଗତ ଗୁଣାତ୍ମକ ନିବେଶ ଉତ୍ପାଦ ପ୍ରଦାନ କରିବା।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୭।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୬୨୪.୮୨ ପଏଣ୍ଟ ହ୍ରାସ ଘଟି ୮୧,୫୫୧.୬୩ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୭୪.୯୫ ପଏଣ୍ଟ କମି ୨୪,୮୨୬.୨୦ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## କ୍ୟାମ୍ପସ ଚୟନରେ ଡ୍ରିମ୍‌ସ ପଲିଟେକ୍‌ନିକର ବାଜିମାତ

ଭୁବନେଶ୍ୱର,୨୭।୫

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ଗ୍ରୁପର ବୈଷୟିକ କଲେଜ ଡ୍ରିମ୍‌ସ ପଲିଟେକ୍‌ନିକ କ୍ୟାମ୍ପସ ଚୟନରେ ବାଜିମାତ କରିଛି। ଏପରିକି ଡ୍ରିମ୍‌ସ ପଲିଟେକନିକ୍ ୨୦୨୫ ବ୍ୟାଚ୍‌ର ୪୭୯ ଛାତ୍ରୀଛାତ୍ରଙ୍କୁ ଦେଶର ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ ନିଯୁକ୍ତି ସୁଯୋଗ ମିଳିଛି। ଏମାନଙ୍କ ମଧ୍ୟରେ ୩୩ ଜଣ ଛାତ୍ରୀ ଏବଂ ୪୪୬ ଜଣ ଛାତ୍ର ସାମିଲ ଅଛନ୍ତି। ଅପରପକ୍ଷରେ କଲେଜର ମେକାନିକାଲ, ଇଲେକ୍ଟ୍ରିକାଲ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେଶନ, ସିଭିଲ୍ ଓ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗର ଏହି କୃତୀ ଛାତ୍ରୀଛାତ୍ରଙ୍କୁ ଉଇପ୍ରୋ, ଭୋଲଟାସ୍, ସେନଟମ୍ ଇଲେକ୍ଟ୍ରୋନିକ୍ସ, କୁମିନ୍ସ ଇଣ୍ଡିଆ ଲିମିଟେଡ୍, ଏଲ୍ ଆଣ୍ଡ ଟି, ସିପ୍ଲା ଲିମିଟେଡ୍, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଏଟିସି ଟାୟାର, ଆର୍ସେଲର ମିତ୍ତଲ, ଥର୍ମାକ୍ସ ଲିମିଟେଡ୍ ଭଳି କମ୍ପାନୀରେ ନିଯୁକ୍ତି ମିଳିଛି। ଡ୍ରିମ୍‌ସ ପଲିଟେକ୍‌ନିକର ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲଙ୍କ ତତ୍ତ୍ୱାବଧାନରେ ଏହି ନିଯୁକ୍ତି ମନୋନୟନ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଏହି ଉଲ୍ଲେଖନୀୟ ସଫଳତା ନିମନ୍ତେ



ଡ୍ରିମସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ. ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଲିଟେକ୍‌ନିକର ଏକାଡେମିକ୍ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି ଓ ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଡ୍ରିମ୍‌ସ ପଲିଟେକନିକ୍ ଶ୍ରେଷ୍ଠ ୨ୟ ସ୍ଥାନରେ ରହିଥିବାବେଳେ ଶିକ୍ଷାନୁଷ୍ଠାନର ‘ଇନୋଭେଶନ୍ ସେଲ୍’ (ଆଇଆଇସି) ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଥ୍ରୀ-ଷ୍ଟାର ର୍ୟାଙ୍କ୍ ପାଇବାର ଗୌରବ ହାସଲ କରିଛି।

# ବ୍ୟବସାୟରେ ଆର୍ଥିକ ସାକ୍ଷରତାକୁ ଗୁରୁତ୍ୱ

ଭୁବନେଶ୍ୱର,୨୭।୫

ବର୍ତ୍ତମାନ ସମୟରେ ଡିଜିଟାଲ ଜ୍ଞାନକୌଶଳ ସାଙ୍ଗକୁ ଆର୍ଥିକ ସାକ୍ଷରତାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ବିଶେଷକରି ବ୍ୟବସାୟ କ୍ଷେତ୍ରରେ ଆର୍ଥିକ ସାକ୍ଷରତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଜିଆର୍‌ଏସ୍‌ଇର ନିର୍ଦ୍ଦେଶକ(ଅର୍ଥ) ଆର୍.କେ. ଦାଶ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏପରିକି ସେ ଜଣେ ଅଭିଜ୍ଞ ଆର୍ଥିକ ପେସାଦାର ଏବଂ ବିଭିନ୍ନ ଶିଳ୍ପରେ ୩୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ନିଜର ଅଭିନବ ଚିନ୍ତାଧାରା ଏବଂ ପରିବର୍ତ୍ତନଶୀଳ ଆର୍ଥିକ ରଣନୀତି ପାଇଁ ସେ ବେଶ୍ ଜଣାଶୁଣା ଓ ଅନେକ ସଂଗଠନର ଆର୍ଥିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ଦାଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଅପରପକ୍ଷରେ ଏକ ଗଭୀର ବାର୍ତ୍ତାଳାପରେ ଦାଶ କେବଳ କର୍ପୋରେଟ୍‌ମାନଙ୍କ ପାଇଁ ନୁହେଁ, ବ୍ୟକ୍ତିବିଶେଷ ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ମଧ୍ୟ ଆର୍ଥିକ ସାକ୍ଷରତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ମତରେ ଆମର ଶିକ୍ଷାଗତ ପାଠ୍ୟକ୍ରମରେ ଇତିହାସ, ଭୂଗୋଳ, ବିଜ୍ଞାନ ଏବଂ ଗଣିତ ଭଳି ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ ଏହା ପ୍ରାୟତଃ ଏକ ଦକ୍ଷତାକୁ ଅବହେଳା କରିଥାଏ, ଯାହା ଦୈନନ୍ଦିନ ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଥାଏ- ବ୍ୟକ୍ତିଗତ ଆର୍ଥିକ ପରିଚାଳନା ଓ ଆର୍ଥିକ ଜ୍ଞାନର ଅଭାବ ଅନେକ ସମୟରେ ଆର୍ଥିକ ସମସ୍ୟା ସୃଷ୍ଟି କରିଥାଏ, ଯାହା ଖାଦ୍ୟ, ଆଶ୍ରୟ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଆବଶ୍ୟକତାକୁ ସିଧାସଳଖ ପ୍ରଭାବିତ କରିଥାଏ। ଆର୍ଥିକ ସାକ୍ଷରତା ବିଳାସ ନୁହେଁ, ଏହା ଏକ ଆବଶ୍ୟକତା ବୋଲି କୁହାଯାଉଛି। ଏହି ଧାରଣାକୁ ସରଳ ଶବ୍ଦରେ ବର୍ଣ୍ଣନା କରି ଦାଶ ଆର୍ଥିକ ସାକ୍ଷରତାକୁ ସାଧାରଣ ସାକ୍ଷରତା ସହ ତୁଳନା କରିଥିଲେ।

# ମଣିପାଲ ହସ୍ପିଟାଲରେ ବିଶ୍ୱ ଜରୁରିକାଳୀନ ଚିକିତ୍ସା ଦିବସ ପାଳିତ

ଭୁବନେଶ୍ୱର,୨୭।୫

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭୁବନେଶ୍ୱରର ମଣିପାଲ ହସ୍ପିଟାଲରେ ବିଶ୍ୱ ଜରୁରିକାଳୀନ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ‘ଜରୁରିକାଳୀନ ଚିକିତ୍ସାର ଭବିଷ୍ୟତ : ରୋଗୀ ସେବାରେ ନୂତନ ପ୍ରଦର୍ଶନ’ ର ଆୟୋଜନ କରାଯାଇଥିଲା।




ଏହି ଅବସରରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ସିଦ୍ଧାର୍ଥ ମିଶ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଜରୁରିକାଳୀନ ବିଭାଗରେ କାମ କରୁଥିବା ୮୦ରୁ ଊର୍ଦ୍ଧ୍ୱ ଡାକ୍ତର ଯୋଗଦାନ କରିଥିଲେ। ସେହିଭଳି ଡା. ନୀଳକଣ୍ଠ ମିଶ୍ର ଜରୁରିକାଳୀନ ଚିକିତ୍ସାରେ ପ୍ରସ୍ତୁତି ଏବଂ ଅବିରତ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏ ନେଇ ସେ କହିଥିଲେ, ଜରୁରିକାଳୀନ ଚିକିତ୍ସା ଜୀବନ ରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ହୋଇଥିଲାବେଳେ ଏଭଳି କାର୍ଯ୍ୟକ୍ରମଗୁଡିକ ଡାକ୍ତରଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏ ନେଇ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡା. ମହାପାତ୍ର କହିଥିଲେ, ଆମେ ଦୃଢ଼ଭାବେ ବିଶ୍ୱାସ କରୁଛୁ ଯେ ଜରୁରିକାଳୀନ ଚିକିତ୍ସା ହେଉଛି ଆଧୁନିକ ସ୍ୱାସ୍ଥ୍ୟସେବାର ମୂଳାଧାର। ଏହି ଆଲୋଚନାଚକ୍ର ହେଉଛି ଆମର ଏହି ପ୍ରତିବଦ୍ଧତାର ପ୍ରମାଣ, ଯାହା ଆଗାମୀ ଦିନର ଜରୁରିକାଳୀନ ଚିକିତ୍ସା ପ୍ରଣାଳୀକୁ ଅଧିକ କାର୍ଯ୍ୟକ୍ଷମ, ସହଯୋଗମୂଳକ ଓ ନବପରିଚାଳିତ କରିବା ଲକ୍ଷ୍ୟରେ ଚିକିତ୍ସାର ଉତ୍ତମତାକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ।

# ଆଇଟିଆର ଦାଖଲ ସମୟସୀମା ବୃଦ୍ଧି

ଭୁବନେଶ୍ୱର,୨୭।୫
(ଅନୁରାଧା ମହାରଣା)

ଆୟକର ବିଭାଗ ପକ୍ଷରୁ ଆୟକରଦାତାଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଆୟକର ରିଟର୍ନ (ଆଇଟିଆର) ଦାଖଲ ସମୟସୀମା ବୃଦ୍ଧି କରାଯାଇଛି। ଆଇଟିଆର୍ ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଇଟିଆର ଫର୍ମରେ ବଡ଼ ପରିବର୍ତ୍ତନ, ସିଷ୍ଟମ ଅପଗ୍ରେଡ ଏବଂ ଟିଡିଏସ କ୍ରେଡିଟରେ ଥିବା ଅସଙ୍ଗତି ଯୋଗୁଁ ଆୟକର ରିଟର୍ନ ଦାଖଲ ସମୟସୀମା ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି। କରଦାତାମାନେ ସୁବିଧାରେ ସଠିକ ଭାବେ ସେମାନଙ୍କର ରିଟର୍ନ ଫାଇଲ ପାଇଁ ସମୟସୀମା ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଫର୍ମରେ ପରିବର୍ତ୍ତନ ସହିତ, ଆୟକର ଫାଇଲିଂ ପୋର୍ଟାଲରେ ସିଷ୍ଟମ ଅପଗ୍ରେଡ କାମ ମଧ୍ୟ ଚାଲିଛି। ଏହି ବୃଦ୍ଧି ପରେ ସେପ୍ଟେମ୍ବର୧୫ ସୁଦ୍ଧା ଆଇଟିଆର ଫାଇଲ କଲେ କରଦାତାଙ୍କୁ କୌଣସି ପ୍ରକାରର ଜରିମାନା ଦେବାକୁ ପଡ଼ିବ ନାହିଁ। ଯେଉଁ କରଦାତା ଏବଂ ଛୋଟ ବ୍ୟବସାୟୀଙ୍କର ଆକାଉଣ୍ଟଗୁଡ଼ିକର ଅଡିଟ କରିବା ବାଧ୍ୟତାମୂଳକ ନୁହେଁ ଏହି ନିଷ୍ପତ୍ତି ସେମାନଙ୍କ ପାଇଁ ଲାଭ ଦାୟକ ହେବ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମେ ୨୮/୨୦୨୫ Bhubaneswar, Wednesday, May 28/ 2025

# ପନ୍ତଙ୍କ ଶତକ, ଲକ୍ଷ୍ନୌର ବୃହତ୍ ସ୍କୋର



ଶତକୀୟ ଭାଗୀଦାରି ଅବସରରେ ରିଷଭ ପନ୍ତ ଓ ମିଚେଲ ମାର୍ଶ ।

**ଲକ୍ଷ୍ନୌ, ୨୭।୫**

ଚଳିତ ସିଜନରେ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)ର ଶେଷ ଲିଗ୍ ମ୍ୟାଚ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ହେଉଛି। ଅଧିନାୟକ ରିଷଭ ପନ୍ତଙ୍କ ଶତକ ଓ ମିଚେଲ ମାର୍ଶଙ୍କ ସହ ଶତକୀୟ ଭାଗୀଦାରି ବଳରେ ଲକ୍ଷ୍ନୌ ୨୦ ଓଭରରେ ୩ ଉଇକେଟ ହରାଇ ୨୨୭ ରନ ସଂଗ୍ରହ କରିଛି। ପନ୍ତ ୬୧ ବଲ୍‌ରୁ ୧୧ ଚୌକା ଓ ୮ ଛକା ସହାୟତାରେ ୧୧୮ରନକରି ଅପରାଜିତ ରହିଛନ୍ତି। ଏହି ମ୍ୟାଚ ପରେ ପ୍ଲେ-ଫ୍ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯିବ। କେଉଁ ଦୁଇ ଦଳ ଶୀର୍ଷରେ ରହି କ୍ୱାଲିଫାୟର-୧ ଖେଳିବେ ଏବଂ କେଉଁ ଅନ୍ୟ ୨ ଦଳ ଏଲିମିନେଟରକୁ ଯିବେ ତାହା ସ୍ପଷ୍ଟ ହୋଇଯିବ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆରସିବିର କାମଚଳା ଅଧିନାୟକ ଜୀତେଶ ଶର୍ମା। ଦଳର ଆରମ୍ଭ ଭଲ ହୋଇଥିଲା। ଲକ୍ଷ୍ନୌ ସ୍କୋର ୨୫ ଥିବାବେଳେ ୩ୟ ଓଭରର ୪ର୍ଥ ବଲ୍‌ରେ ମାଥ୍ୟୁ ବ୍ରିଜ୍‌କେଙ୍କୁ ଆଉଟ କରିଥିଲେ ଥୁଶରା। ବ୍ରିଜ୍‌କେ ୧୨ ବଲ୍‌ରୁ ୧୪ ରନ କରିଥିଲେ। ମାତ୍ର ଏଥିରୁ ଆରସିବି ବିଶେଷ ଫାଇଦା ଉଠାଇପାରି ନ ଥିଲା। ଓପନର ମିଚେଲ ମାର୍ଶଙ୍କ ସହ ଅଧିନାୟକ ରିଷଭ ପନ୍ତ ଯୋଗଦେଇ ଦ୍ରୁତ ହାରରେ ରନ ସଂଗ୍ରହ ସହ ଇନିଂସକୁ ଆଗେଇ ନେଇଥିଲେ। ଆଉ କୌଣସି କ୍ଷତି ହେବାକୁ ନ ଦେଇ ମାର୍ଶ ଓ ପନ୍ତ ଦଳର ସ୍କୋରକୁ ୫.୪ ଓଭରରେ ୫୦ ଓ ୯.୫ ଓଭରରେ ୧୦୦ ଟପାଇଥିଲେ। ପନ୍ତ ଏଠାରେ ମାତ୍ର ୫୪ ବଲ୍‌ରୁ ୧୦ ଚୌକା ଓ ୬ ଛକା ସହାୟତାରେ ଶତକ ପୂରଣ କରିଥିଲେ। ଚଳିତ ସିଜନରେ ଏହାଥିଲା ତାଙ୍କର ପ୍ରଥମ ଶତକ। ଏହା ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଏକ ମ୍ୟାଚରେ କରିଥିବା ୬୩ ରନ ସର୍ବାଧିକ ଥିଲା। ଆଇପିଏଲ୍‌ରେ ପନ୍ତଙ୍କର ଏହା ଦ୍ୱିତୀୟ ଶତକ। ୨୦୧୮ରେ ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୬୩ ବଲ୍‌ରୁ ୧୨୮ ରନକରି ଅପରାଜିତ ରହିଥିଲେ। ମାର୍ଶ ଏଠାରେ ୩୭ ବଲ୍‌ରୁ ୬୭ ରନ କରି ଆଉଟ ହୋଇଥିଲେ। ତାଙ୍କ ଇନିଂସ ମଧ୍ୟରେ ୪ ଚୌକା ଓ ୫ ଛକା ସାମିଲ ଥିଲା। ପନ୍ତ ଓ ମାର୍ଶ ଦ୍ୱିତୀୟ ଉଇକେଟରେ ୭୮ ବଲ୍‌ରୁ ୧୫୨ ରନ ସଂଗ୍ରହ କରିଥିଲେ। ଆରସିବି ପକ୍ଷରୁ ନୁଆନ ଥୁଶରା, ଭୁବନେଶ୍ୱର କୁମାର ଓ ରୋମାରିଓ ଶେଫର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୨୨୭/୩ (ରିଷଭ ପନ୍ତ-୧୧୮*, ମିଚେଲ ମାର୍ଶ-୬୭, ନୁଆନ ଥୁଶରା-୧/୨୬, ଭୁବନେଶ୍ୱର କୁମାର-୧/୪୬, ରୋମାରିଓ ଶେଫର୍ଡ-୧/୫୧)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୧୪ | ୯ | ୪ | ୧ | ୧୯ | +୦.୩୭୨ |
| ଗୁଜରାଟ ଟାଇଟନ୍ସ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୮ | ୬ | ୦ | ୧୬ | +୧.୧୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| କୋଲକାତା ନାଇଟ ରାଇଡର୍ସ | ୧୪ | ୫ | ୭ | ୨ | ୧୨ | -୦.୩୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

# ୩ ସେନା ମୁଖ୍ୟଙ୍କୁ ଆମନ୍ତ୍ରଣ

**ଆଇପିଏଲ୍ ଫାଇନାଲ**

**ନୂଆଦିଲ୍ଲୀ, ୨୭।୫(ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଉଦ୍‌ଯାପନୀ ଉତ୍ସବ ଜୁନ୍ ୩ରେ ଅହମଦାବାଦରେ ଆୟୋଜନ ହେବ। ଏଥିରେ ଯୋଗଦାନ କରିବା ଲାଗି ଦେଶର ୩ ସେନା ମୁଖ୍ୟଙ୍କୁ ଆମନ୍ତ୍ରଣ କରିଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)। ନିକଟରେ ଅପରେଶନ ସିନ୍ଦୂରରେ ବୀରତ୍ୱର ପରାକାଷ୍ଠା ଦେଖାଇଥିବାରୁ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ଏକ ଗଣମାଧ୍ୟମରେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। କେବଳ ୩ ସେନା ମୁଖ୍ୟ ନୁହନ୍ତି, ବିଭାଗର କେତେଜଣ ଉଚ୍ଚପଦସ୍ଥ ଅଧିକାରୀ ଓ ସୈନିକଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି। ସାଇକିଆ କହିଛନ୍ତି, ନିଃସ୍ୱାର୍ଥପର ସେବା ଓ ଅଦମ୍ୟ ସାହସ ପାଇଁ ଦେଶର ସଶସ୍ତ୍ର ବଳକୁ ବିସିସିଆଇ ସଲାମ କରୁଛି। ଶ୍ରଦ୍ଧାଞ୍ଜଳି ଲାଗି ଆଇପିଏଲ୍‌ର ଉଦ୍‌ଯାପନୀ ଉତ୍ସବକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ।

# ପ୍ରତିଷ୍ଠା ସର୍ବଶ୍ରେଷ୍ଠ ଶକ୍ତି ଉତ୍ତୋଳିକା

**ଜାତୀୟ ଜୁନିୟର ଶକ୍ତି ଉତ୍ତୋଳନ**

**ସୋମେନଙ୍କ ଜାତୀୟ ରେକର୍ଡ ସହ ଓଡ଼ିଶାକୁ ୧୨ ପଦକ**

**ଭୁବନେଶ୍ୱର, ୨୭।୫(ତପନ ସ୍ୱାଇଁ)**


ଗତ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର କୋହ୍ଲାପୁରଠାରେ ଅନୁଷ୍ଠିତ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମହିଳା ଜୁନିୟର ୬୯ କେଜି ବର୍ଗରେ ପ୍ରତିଷ୍ଠା ସିଂ ସ୍ୱର୍ଣ୍ଣ ପଦକ ହାସଲ ସହ ବେଞ୍ଚ୍‌ପ୍ରେସ୍‌ରେ ଜାତୀୟ ରେକର୍ଡ କରିଛନ୍ତି। ଫଳରେ ସେ ସର୍ବଶ୍ରେଷ୍ଠ ଶକ୍ତି ଉତ୍ତୋଳିକା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ପ୍ରତିଷ୍ଠା ସ୍କ୍ୱାଟ୍‌ରେ ରୌପ୍ୟ, ବେଞ୍ଚ୍‌ପ୍ରେସ୍‌ରେ ସ୍ୱର୍ଣ୍ଣ, ଡେଡ୍‌ଲିଫ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଜୁନିୟର ୫୭ କେଜି ବର୍ଗ ଡେଡ୍‌ଲିଫ୍ଟରେ ଜ୍ୟୋତି ଖୋରା ଓ ଅନନ୍ୟା ଅନନ୍ଦିତା ଗିରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ସେହିଭଳି ପୁରୁଷ ବିଭାଗରେ ସୋମେନ ସେନାପତି ୬୬ କେଜି ଜୁନିୟର ବର୍ଗରେ ବ୍ରୋଞ୍ଜ ପଦକ ହାସଲ ସହ ବେଞ୍ଚ୍‌ପ୍ରେସ୍‌ରେ ଜାତୀୟ ରେକର୍ଡ କରିଛନ୍ତି। ବ୍ୟକ୍ତିଗତ ଲିଫ୍ଟରେ ସୋମେନ ବେଞ୍ଚ୍‌ପ୍ରେସ, ଡେଡ୍‌ଲିଫ୍ଟରେ ସ୍ୱର୍ଣ୍ଣ ଏବଂ ବ୍ରୋଞ୍ଜ, ପ୍ରିୟାଂଶୁ ପଟ୍ଟନାୟକ ୮୩ କେଜି ଜୁନିୟର ବର୍ଗର ସ୍କ୍ୱାଟ୍‌ରେ ବ୍ରୋଞ୍ଜ, ପ୍ରଜ୍ଞାନ ପ୍ରଧାନ ସବ୍‌ଜୁନିୟର ୧୦୫ କେଜି ବର୍ଗର ସ୍କ୍ୱାଟ୍ ଓ ଡେଡ୍‌ଲିଫ୍ଟରେ ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ଜିତିଛନ୍ତି। ପଦକବିଜୟୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଏବଂ ଅଧ୍ୟକ୍ଷ ଚିତ୍ତରଞ୍ଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।




ଟ୍ରଫି ଓ ପଦକ ସହ ପ୍ରତିଷ୍ଠା ସିଂ।

# ୧୦,୦୦୦ ମିଟରରେ ଗୁଲ୍‌ବୀରଙ୍କୁ ସ୍ୱର୍ଣ୍ଣ



ଗୁଲ୍‌ବୀର ସିଂ

**ଏସିଆନ୍ ଆଥ୍‌ଲେଟିକ୍ସ**

**ଗୁମି, ୨୭।୫(ପି.ଟି.)**

ଜାତୀୟ ରେକର୍ଡଧାରୀ ଗୁଲ୍‌ବୀର ସିଂ ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୧୦,୦୦୦ ମିଟର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣିଦେଇଥିବା ବେଳେ ସର୍ଭିନ ସେବାଷ୍ଟିଆନ ୨୦ କି.ମି. ୱାକ୍ ରେସ୍‌ରେ ଏକ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ୨୬ ବର୍ଷୀୟ ଗୁଲ୍‌ବୀର ହେଉଛନ୍ତି ୨୦୨୩ ହାଙ୍ଗଝୋ ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା। ଏଠାରେ ସେ ପ୍ରି-ରେସ୍ ଫେଭରିଟ୍ ଥିଲେ। ସେ ୨୮ ମିନିଟ୍ ୩୮.୬୩ ସେକେଣ୍ଡ ଟାଇମିଂ ସହ ତାଙ୍କର ପ୍ରଥମ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତି ପାରିଛନ୍ତି। ଜାପାନର ମିବୁକି ସୁଜୁକି(୨୮:୪୩.୮୪) ରୌପ୍ୟ ଓ ବାହାରିନ୍‌ର ଆଲବର୍ଟ କିବିଚି ରପ୍(୨୮:୪୬.୮୨)ଙ୍କୁ ବ୍ରୋଞ୍ଜ ମିଳିଛି। ପ୍ରତିଯୋଗିତାରେ ସାମିଲ ଥିବା ଅନ୍ୟ ଜଣେ ଭାରତୀୟ ସାୱ ବାର୍‌ୱାଲ ୨୮:୫୦.୫୩ ଟାଇମିଂ ସହ ଚତୁର୍ଥ ସ୍ଥାନରେ ରହିଥିଲେ। ପ୍ରଥମ ଦିବସ ଶେଷସୁଦ୍ଧା ଭାରତ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ସହ ପଦକ ତାଲିକାରେ ଚାଇନା(୫ସ୍ୱର୍ଣ୍ଣ, ୨ରୌପ୍ୟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଜାପାନ (୩ ରୌପ୍ୟ,୨ବ୍ରୋଞ୍ଜ) ୩ୟ ସ୍ଥାନରେ ରହିଛି। ଗୁଲ୍‌ବୀର କହିଛନ୍ତି, ସେ ତାଙ୍କ ପ୍ରଦର୍ଶନ ନେଇ ଖୁସି ଅଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିବା ଦ୍ୱାରା ବିଶ୍ୱ ର୍ୟାଙ୍କିଙ୍ଗ୍ ତାଲିକାରେ ତାଙ୍କର ଉନ୍ନତି ଘଟିବ। ସେପ୍ଟେମ୍ବରରେ ହେବାକୁଥିବା ଟୋକିଓ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଏକ ଟିକେଟ ସୁଯୋଗ ଉଜ୍ଜ୍ୱଳ ହୋଇଛି। ପୁରୁଷ ୧୦,୦୦୦ ମିଟର ପାଇଁ ସ୍ୱାଭାବିକ କ୍ୱାଲିଫିକେଶନ ୨୭ ମିନିଟ୍ ରହିଛି। ତେବେ ଗରମ ପାଗ ଯୋଗୁ ସ୍ଥାନୀୟ ଆୟୋଜକ କମିଟି ତରଫରୁ ୧୦,୦୦୦ ମିଟର ଟ୍ରାକ୍ ରେସ୍‌ରେ ଏକ ୱାଟର ଷ୍ଟେଶନ ସ୍ଥାପନ କରାଯାଇଥିଲା।

# ଭାରତୀୟ ଗେଟ୍‌ବଲ ୟୁନିୟନ ଦଳକୁ ସ୍ୱର୍ଣ୍ଣ

**ୱାର୍ଲ୍ଡ ମାଷ୍ଟର୍ସ ଗେମ୍**

**ଭୁବନେଶ୍ୱର, ୨୭।୫(ତପନ ସ୍ୱାଇଁ)**

ତାଇୱାନ୍‌ର ତାଇପେଠାରେ ଗତ ୨୨ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ୱାର୍ଲ୍ଡ ମାଷ୍ଟର୍ସ ଗେମ୍‌ରେ ଭାରତୀୟ ଗେଟ୍‌ବଲ ୟୁନିୟନ(ଆଇଜିୟୁ) ଦଳ ସ୍ୱର୍ଣ୍ଣ ପଦକ ହାସଲକରି ଇତିହାସ ରଚିଛି। ଓଡ଼ିଶାର ୪ ଖେଳାଳି ଭାରତୀୟ ଦଳର ସଦସ୍ୟ ଥିଲେ। ସେମାନେ ହେଲେ ଦ୍ୱୈପାୟନ ପଟ୍ଟନାୟକ, ଉମାକାନ୍ତ ପାଣି, ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଓ ଦିଲୀପ କୁମାର ଷଡ଼ଙ୍ଗୀ। ଭାରତୀୟ ଦଳ ପ୍ରତିଦ୍ୱନ୍ଦ୍ୱୀ ଅନ୍ୟ ସମସ୍ତ ଦଳ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରି ଅପରାଜେୟ ରହିଥିଲା। ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳ ମଙ୍ଗଳବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବା ପରେ ଭବ୍ୟ ସ୍ୱାଗତ କରାଯାଇଛି। ବିମାନବନ୍ଦରରେ ସାମାଜିକ କର୍ମୀ ଦଣ୍ଡଧର ପାଣିଙ୍କ ସମେତ ଆଇଜିୟୁ ପକ୍ଷରୁ ଉପସଭାପତି ସଞ୍ଜୀବ ପରିଡ଼ା, କୋଷାଧ୍ୟକ୍ଷ ଶରତ ପାତ୍ର, ଗିରଜା ଏଜାଜ, ବିଷ୍ଣୁପ୍ରିୟା ବେହେରା, ରଞ୍ଜିତାରାଣୀ ବେହେରା ଏବଂ ଆଇକନିକ୍ ପ୍ରତିଷ୍ଠାତା ସଞ୍ଜୟ ଚୌଧୁରୀ ଏବଂ କ୍ରାଫ୍ଟସର ଟ୍ରଷ୍ଟି ଇତିଶ୍ରୀ ଦାଶ ପ୍ରମୁଖ ଉପସ୍ଥିତ ରହି ଆଇଜିୟୁ ଦଳକୁ ସ୍ୱାଗତ ସହ ସମ୍ବର୍ଦ୍ଧନା ଜଣାଇଥିଲେ।

ପ୍ରକାଶଯୋଗ୍ୟ, ବିଶ୍ୱ ମାଷ୍ଟର୍ସ ଗେମ୍-୨୦୨୫ରେ ଗେଟ୍‌ବଲ ସହ ମୋଟ ୩୫ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ତାଇୱାନ୍‌ର ୬୧ଟି କ୍ରୀଡ଼ାଙ୍ଗନରେ ୧୦୮ ଦେଶର ପାଖାପାଖି ୨୫,୦୪୯ ପ୍ରତିଯୋଗୀ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ।




ୱାର୍ଲ୍ଡ ମାଷ୍ଟର୍ସ ଗେମ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ଆଇଜିୟୁ ଦଳ।

# ମାଡ଼ିଗଲା କାର୍: ୪୭ ଆହତ, ୪ ଗୁରୁତର

**ଲିଭରପୁଲ ବିଜୟ ଉତ୍ସବ**

**ଲିଭରପୁଲ,୨୭।୫(ଏପି)**

ଇଂଲିଶ ପ୍ରିମିୟର ଲିଗ୍ ଚାମ୍ପିୟନ ଲିଭରପୁଲ କ୍ଲବର ବିଜୟ ଉତ୍ସବ ଚାଲିଥିବା ବେଳେ ସୋମବାର ଏକ ମିନି ଭ୍ୟାନ ପ୍ରଶଂସକଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଘଟଣାରେ ୪୭ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କିନ୍ତୁ ଏହା ଆତଙ୍କବାଦ ସମ୍ପର୍କୀତ ଘଟଣା ନୁହେଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ୫୩ ବର୍ଷୀୟ ବ୍ରିଟିଶ ନାଗରିକଙ୍କୁ ଲିଭରପୁଲ ଅଞ୍ଚଳରୁ ଗିରଫ କରାଯାଇଛି। ପୋଲିସ କହିବା ଅନୁଯାୟୀ, ଉକ୍ତ ବ୍ୟକ୍ତି ହିଁ ପ୍ରଶଂସକଙ୍କ ଏକ ବଡ଼ ଗୋଷ୍ଠୀକୁ ଧକ୍କା ଦେଇଥିବା କାର ଚଳାଉଥିଲେ। ତେବେ ଚାଳକଙ୍କ ପରିଚୟ ପ୍ରକାଶ କରାଯାଇନାହିଁ। ବ୍ରିଟେନରେ ଦୋଷ ପ୍ରମାଣ ନହେଲା ପର୍ଯ୍ୟନ୍ତ ସନ୍ଦିଗ୍ଧଙ୍କ ନାମ ପ୍ରଘଟ କରାଯାଏ ନାହିଁ। ଲିଭରପୁଲ ଦଳର ଖେଳାଳିମାନେ ଏକ ଖୋଲା ବସ୍‌ରେ ପ୍ରିମିୟର ଲିଗ୍ ଚାମ୍ପିୟନଶିପ୍ ବିଜୟ ଉତ୍ସବ ପାଳନ କରିବା ପରେ ପ୍ରଶଂସକଙ୍କ ଭିଡ ଉପରେ ମିନି ଭ୍ୟାନ ମାଡ଼ି ଯାଇଥିଲା। ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତରଥିବା ଲିଭରପୁଲ ସହର ମେଟ୍ରୋ ମେୟର ଷ୍ଟିଭ ରୋଥରଆମ କହିଛନ୍ତି। ନର୍ଥ ୱେଷ୍ଟ ଆମ୍ବୁଲାନ୍ସ ସର୍ଭିସ ପକ୍ଷରୁ କୁହାଯାଇଛି ଯେ, ମୋଟ ଉପରେ ୪୭ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିଲା। ୨୦ ଜଣଙ୍କର ଘଟଣାସ୍ଥଳରେ ଚିକିତ୍ସା କରାଯାଇଥିଲା। ଏହି ଘଟଣାରେ କାହାରି ମୃତ୍ୟୁ ହୋଇ ନାହିଁ। ୪ ଛୁଆ ଗୁରୁତର ଆହତ ହୋଇଛନ୍ତି। ସେମାନେ ଭ୍ୟାନ ତଳେ ଚାପି ହୋଇ ରହିଯାଇଥିଲେ। ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ